ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, August 2/2023 | Page 16 | ₹ 7.00 | BALASORE
୪୯ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 248 | ମୂଲ୍ୟ ₹୭/-



**ରଜନୀକାନ୍ତଙ୍କ ସହ ଏକାଠି ନଜର ଆସିବେ**
ଅଭିନେତ୍ରୀ ତମନ୍ନା ଭାଟିଆ ଓ ତାମିଲ୍ ସୁପରଷ୍ଟାର ରଜନୀକାନ୍ତଙ୍କୁ ଏକାଠି ଫିଲ୍ମ 'ଜେଲର'ରେ ଦେଖିବାକୁ ମିଳିବ। **୧୨**

**୧୬** **ରିୟାନ୍ ପରାଗ ଶତକ**
ପଶ୍ଚିମାଞ୍ଚଳ ବିପକ୍ଷ ଦେଓଧର ଟ୍ରଫି କ୍ରିକେଟ ମ୍ୟାଚରେ ପୂର୍ବାଞ୍ଚଳର ରିୟାନ୍ ପରାଗ ଶତକ ହାସଲ କରିଛନ୍ତି।






ଯୁଏଲ୍‌ବି ଆକାଉଣ୍ଟାଣ୍ଟ ଏବଂ ଜେଇ (ସିଭିଲ) ପରୀକ୍ଷାପତ୍ର ଲିକ୍ ଘଟଣାର ସିବିଆଇ ତଦନ୍ତ ସମେତ ଅନ୍ୟ କେତେକ ଦାବିରେ ପରୀକ୍ଷାର୍ଥୀମାନେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି। **(ରିପୋର୍ଟ: ପୃଷ୍ଠା–୪)**

# ମୋଦିଙ୍କୁ ବିଜେଡିର ସମର୍ଥନ

## ଦିଲ୍ଲୀ ସର୍ଭିସ୍ ବିଲ୍ ସପକ୍ଷରେ ଭୋଟ ଦେବ, ଅନାସ୍ଥା ପ୍ରସ୍ତାବକୁ ବିରୋଧ କରିବ

**କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଯେତେବେଳେ ଅସୁବିଧାରେ ପଡ଼ିଛି, ସେତେବେଳେ ବିଜେଡି ସମର୍ଥନ ଦେଇ ସହଯୋଗୀ ଭୂମିକା ନେଇଛି। ଏବେ ପୁଣିଥରେ ବିଜେଡିର ଭାଜପା ପ୍ରୀତି ସାମ୍ନାକୁ ଆସିଛି। ଲୋକ ସଭାରେ କେନ୍ଦ୍ର ସରକାର ମଙ୍ଗଳବାର ଆଣିଥିବା ଦିଲ୍ଲୀ ସର୍ଭିସ୍ ବିଲ୍‌କୁ ବିଜେଡି ସମର୍ଥନ କରିବ। ସେହିପରି ୨୬ ବିରୋଧୀ ଦଳକୁ ନେଇ ଗଠିତ 'ଇଣ୍ଡିଆ' ପକ୍ଷରୁ ମଣିପୁର ହିଂସା ପ୍ରସଙ୍ଗରେ କେନ୍ଦ୍ର ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ବିଜେଡି ବିରୋଧ କରିବ। ଏନେଇ ଏମ୍‌ପିମାନଙ୍କ ପାଇଁ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇଛି। ତେବେ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ଭାଜପା ଏବଂ ବିଜେଡି ମଧ୍ୟରେ ଆରୋପ, ପ୍ରତ୍ୟାରୋପ ସେତିକି ବଢ଼ିଚାଲିଛି। ପ୍ରତିଦିନ ଉଭୟ ଦଳର କୁଜି ନେତା ପରସ୍ପରର ଗୋହି ଖୋଳୁଛନ୍ତି। ହେଲେ ବିରୋଧ କରିବାର ଉପଯୁକ୍ତ ସମୟ ଆସିଲେ ବିଜେଡି ଭାଜପାକୁ ନିଃସର୍ତ୍ତ ସମର୍ଥନ ଯୋଗାଉଛି। ବିଜେଡି ସମର୍ଥନ ଜଣାଇ ଭାଜପାକୁ ଶକ୍ତିଶାଳୀ କରୁଛି।**

**ନୂଆଦିଲ୍ଲୀ,୧।୮**

ଦିଲ୍ଲୀ ସେବା ଅଧ୍ୟାଦେଶ ସମ୍ପର୍କିତ କେନ୍ଦ୍ର ସରକାର ଆଣିଥିବା ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ (ସଂଶୋଧନ) ବିଲ୍, ୨୦୨୩କୁ ବିଜେଡି ସମର୍ଥନ କରିଥିବା ମଙ୍ଗଳବାର ଘୋଷଣା କରିଛି। ସେହିପରି ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ କେନ୍ଦ୍ର ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ଦେବା ପାଇଁ ବିଜେଡି ନିଷ୍ପତ୍ତି ନେଇଛି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି ଦିଲ୍ଲୀ ଅମଲାତନ୍ତ୍ରୀଙ୍କ ନିଯୁକ୍ତି ଓ ବଦଳି ପ୍ରସଙ୍ଗରେ କେନ୍ଦ୍ର ସରକାର ଆଣିଥିବା ଏହି ବିଲ୍‌କୁ ସମର୍ଥନ ଘୋଷଣା କରିବା ପରେ ବିଜେଡି ହେଉଛି ଏହି କ୍ଷେତ୍ରରେ ଦ୍ୱିତୀୟ ଦଳ। ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ବିଜେଡିର ସମର୍ଥନ ଘୋଷଣା ଫଳରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ ଆଶ୍ୱସ୍ତି ମିଳିଛି। ବିଶେଷକରି ରାଜ୍ୟ ସଭାରେ ଶାସକ ପକ୍ଷର ସଂଖ୍ୟାଗରିଷ୍ଠତା ନ ଥିବାବେଳେ ବିଜେଡିର ଉକ୍ତ ନିଷ୍ପତ୍ତି ସରକାରଙ୍କୁ ସୁହାଇବ। ରାଜ୍ୟ ସଭାରେ ବିଜେଡି ନେତା ସସ୍ମିତ ପାତ୍ର କହିଛନ୍ତି, ଆମ ଦଳ ଏହି ବିଲ୍‌କୁ ସମର୍ଥନ କରିବ। ଅନାସ୍ଥା ପ୍ରସ୍ତାବ ବିରୋଧରେ ମଧ୍ୟ ଭୋଟ ଦେବୁ। ଏଥିଲାଗି ଉଭୟ ☞ପୃଷ୍ଠା–୪

## ୮, ୯ରେ ଅନାସ୍ଥା ଆଲୋଚନା

**ନୂଆଦିଲ୍ଲୀ,୧।୮**

ଭାଜପା ଶାସିତ ତଥା ହିଂସା ପ୍ରଭାବିତ ମଣିପୁର ପ୍ରସଙ୍ଗରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ବିରୋଧରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଲୋକ ସଭାରେ ଆସନ୍ତା ୯ ଓ ୧୦ ତାରିଖରେ ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ରେ ଗୃହରେ ଏହା ଜବାବ ରଖିବେ। ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଗତ ସପ୍ତାହରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ରୁଲ୍ସ ୨୬୭ ଅଧୀନରେ ଏହା ଉପରେ ବିସ୍ତୃତ ଆଲୋଚନା ଚାହୁଁଥିବାବେଳେ ସରକାର ସ୍ୱଳ୍ପ ସମୟ ପାଇଁ ପ୍ରସ୍ତୁତ। ☞ପୃଷ୍ଠା–୪

## ୯ରେ ହୋଇପାରେ ମହାପ୍ରଭୁଙ୍କ ବନକଲାଗି

**ପୁରୀ,୧।୮ (ଅଜିତ ମହାନ୍ତି)**

ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ଦୀର୍ଘ ୧ ମାସ ଧରି ଲାଗିରହିଥିବା ବିବାଦ ଅନିଶ୍ଚିତତା ମଧ୍ୟରେ ରହିଛି। ନୀଳାଦ୍ରି ବିଜେ ପରଠାରୁ ହୋଇ ନ ଥିବା ବନକଲାଗି ନୀତି ଆସନ୍ତା ୯ତାରିଖ(ବୁଧବାର)ରେ ହୋଇପାରେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। ଏପରି କି ପ୍ରଶାସନ ତାଙ୍କୁ ଯେଉଁଦିନ ବନକଲାଗି କରିବା ପାଇଁ ନିର୍ଦ୍ଦେଶ ଦେବ, ସେମାନେ ମାନିବେ ବୋଲି କହିଛନ୍ତି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**
**ସହରିଆ ନଦୀ**




# ୨୬ ବର୍ଷର ରେକର୍ଡ ଭାଙ୍ଗିଲା ଭୁବନେଶ୍ୱର

## ଗୋଟିଏ ଦିନରେ ୨୫୯.୨ ମି.ମି.ବର୍ଷା

**ଭୁବନେଶ୍ୱର,୧।୮ (ଅନିଲ ଦାସ)**

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ମଙ୍ଗଳବାର ଲଘୁଚାପ ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇଛି। ଏହା ପଶ୍ଚିମ–ଉତ୍ତର–ପଶ୍ଚିମ ମୁହାଁ ହୋଇ ବାଂଲାଦେଶର ଖେପୁରା ମଧ୍ୟ ଦେଇ ସ୍ଥଳ ଭାଗ ଅତିକ୍ରମ କରିବ। ଲଘୁଚାପ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଲଘୁଚାପ ଏବଂ ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଏବଂ ସମ୍ବଲପୁରର କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ଯାଏ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଉକ୍ତ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, କଟକ, ନୟାଗଡ଼, ନବରଙ୍ଗପୁର, ଯାଜପୁର ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ଏଲୋ ୱାର୍ନିଂ ଜାରି କରାଯାଇଛି। ସୋମବାରଠାରୁ କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ଲାଗି ରହିଥିବା ବର୍ଷା ରେକର୍ଡ ଭାଙ୍ଗିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଭୁବନେଶ୍ୱରରେ ସବୁଠୁ ଅଧିକ ୨୫୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହା ଅଗଷ୍ଟ ମାସରେ ଗତ ୨୬ ବର୍ଷର ଗୋଟିଏ ଦିନରେ ସର୍ବାଧିକ ବର୍ଷା ରେକର୍ଡ। ୧୯୯୭ ଅଗଷ୍ଟ ୨୦ରେ ଭୁବନେଶ୍ୱରରେ ୨୫୪.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ଏହା ପୂର୍ବରୁ ୧୯୬୯ ଜୁଲାଇ ୩୦ ତାରିଖରେ ୨୮୨.୩ ମିଲିମିଟର ବର୍ଷା ହୋଇଥିବାବେଳେ ୧୯୯୯ ଅକ୍ଟୋବର ୩୦ ତାରିଖରେ ଏଠାରେ ୪୨୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ମଙ୍ଗଳବାର ମଧ୍ୟ ଦ୍ୱୈତନଗରୀରେ ବର୍ଷା ହୋଇଛି। ପ୍ରବଳ ବର୍ଷା ରାଜଧାନୀରେ ଟ୍ରାଫିକ ସମସ୍ୟା ସୃଷ୍ଟି କରିଛି। ତଳିଆ ଅଞ୍ଚଳରେ ପାଣି ବୁଡ଼ି ରହିଛି। ଅନେକ ସ୍ଥାନରେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପ୍ରବଳ ବର୍ଷା ଯୋଗୁ ଲୋକଙ୍କ ଆସବାବପତ୍ରଠୁ ଆରମ୍ଭ କରି ଦୋକାନରେ ଥିବା ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେବଳ ରାଜଧାନୀ ନୁହେଁ, ରାଜ୍ୟର ବହୁ ଜିଲାରେ ପ୍ରବଳ ବର୍ଷା ଯୋଗୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ପୁରୀର ସତ୍ୟବାଦୀରେ ୧୦୬ ମିମି ବର୍ଷା ହୋଇଥିବା ବେଳେ କଟକର କଣ୍ଟାପଡ଼ାରେ ୧୦୧, ଭଦ୍ରକର ତିହିଡ଼ିରେ ୯୭, ଢେଙ୍କାନାଳର ଭୁବନରେ ୯୬, ☞ପୃଷ୍ଠା–୪

## ଲଘୁଚାପ ଘନୀଭୂତ

■ **ପରିସ୍ଥିତି ଉପରେ ନଜର ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**




## କ୍ରେନ୍ ଭୁଶୁଡ଼ି ୨୦ ମୃତ

**ପୁଣେ,୧।୮**

ମହାରାଷ୍ଟ୍ରର ଠାଣେ ଜିଲାର ଶାହପୁର ଅଞ୍ଚଳରେ ସମୃଦ୍ଧି ଏକ୍ସପ୍ରେସ୍ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସୋମବାର ବିଳମ୍ବିତ ରାତିରେ ଏକ କ୍ରେନ୍ ଭୁଶୁଡ଼ି ପଡ଼ିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ବ୍ରିଜ ନିର୍ମାଣରେ ଏହି ସ୍ୱତନ୍ତ୍ର ମୋବାଇଲ ଗାଣ୍ଟ୍ରି କ୍ରେନ୍ (ଗିର୍ଡର ମେଶିନ) ବ୍ୟବହୃତ ହୋଇଥାଏ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଶାହପୁର ସରକାରୀ ହସ୍ପିଟାଲ ନିଆଯାଇଥିବାବେଳେ ଆହତ ୩ ଜଣଙ୍କୁ ଶାହପୁର ଗ୍ରାମୀଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାତି ଶିଫ୍ଟରେ ୨୮ ଜଣ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ଥିଲେ। ସ୍ଥାନୀୟ ପୋଲିସ ଏବଂ ରାଜପଥ ପ୍ରଶାସନର କର୍ମଚାରୀମାନେ କ୍ରେନ୍ ସହାୟତାରେ ଗିର୍ଡର ତଳୁ ଶ୍ରମିକମାନଙ୍କୁ ବାହାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଦୁର୍ଘଟଣାଜନିତ ମୃତ୍ୟୁରେ ଦୁଃଖପ୍ରକାଶ କରିବା ସହ ମୃତକମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ବିଶେଷଜ୍ଞମାନଙ୍କ ଦ୍ୱାରା ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।



## ସଂକ୍ଷେପରେ

### ଲୋକ ସଭାରେ ଦିଲ୍ଲୀ ସେବା ବିଲ୍ ଆଗତ

**ନୂଆଦିଲ୍ଲୀ,୧।୮:** ଲୋକ ସଭାରେ ବିରୋଧୀ ସଦସ୍ୟମାନଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ସରକାର ମଙ୍ଗଳବାର ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ(ସଂଶୋଧନ) ବିଲ୍, ୨୦୨୩ ଆଗତ କରିଛନ୍ତି। ଏହି ବିଲ୍ ଦିଲ୍ଲୀରେ ଗଣତନ୍ତ୍ର ପରିବର୍ତ୍ତେ ବାବୁତନ୍ତ୍ର ଆଣିବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ଦିଲ୍ଲୀ ସରକାରଙ୍କ ଅଫିସରମାନଙ୍କ ନିଯୁକ୍ତି ଓ ବଦଳି ଉପରେ ଉପରାଜ୍ୟପାଳ ଚୂଡ଼ାନ୍ତ ଅନୁମୋଦନ କରିବା କ୍ଷମତା ପାଇବେ। କେନ୍ଦ୍ର ସରକାର ମେ’ ୧୯ରେ ଦିଲ୍ଲୀରେ ଲାଗୁ କରିଥିବା ଅଧ୍ୟାଦେଶ ବଦଳରେ ଏହି ଆଇନ କାର୍ଯ୍ୟକାରୀ ହେବ। ସୁପ୍ରିମକୋର୍ଟ ତାଙ୍କ ରାୟରେ ଦିଲ୍ଲୀ ସରକାରଙ୍କୁ ସେବା ପ୍ରଶାସନ ଉପରେ କ୍ଷମତା ଦେବା ପରେ ଏହାକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିଲେ। ଏହାକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ବିଲ୍‌କୁ ଅଗଣତାନ୍ତ୍ରିକ, ବେଆଇନ କାଗଜ ଖଣ୍ଡ ବୋଲି କହିଛନ୍ତି। ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ଦିଲ୍ଲୀ ପାଇଁ ଆଇନ ପ୍ରଣୟନ କରିବା କ୍ଷମତା ସମ୍ବିଧାନ ପାର୍ଲାମେଣ୍ଟକୁ ଦେଇଛି। ବିଲ୍ ବିରୋଧରେ ଦିଆଯାଉଥିବା ମନ୍ତବ୍ୟ ରାଜନୈତିକ, ଯାହାର କୌଣସି ଭିତ୍ତି ନାହିଁ ବୋଲି ସେ କହିଥିଲେ।

### ବିହାରରେ ଜାତି ଜନଗଣନା ବୈଧ: ହାଇକୋର୍ଟ

**ନୂଆଦିଲ୍ଲୀ,୧।୮:** ବିହାର ସରକାରଙ୍କ ଦ୍ୱାରା କରାଯାଉଥିବା ଜାତିଭିତ୍ତିକ ଜନଗଣନାକୁ ପାଟନା ହାଇକୋର୍ଟ ମଙ୍ଗଳବାର ବୈଧ ଓ ଆଇନସମ୍ମତ ବୋଲି କହିଛନ୍ତି। ଉକ୍ତ ସର୍ଭେକୁ ବିରୋଧ କରି ଦାଏର ସମସ୍ତ ପିଟିଶନକୁ ଉଚ୍ଚ ଅଦାଲତ ଖାରଜ କରି ଦେଇଛନ୍ତି। ଗତବର୍ଷ ଜୁନ୍‌ରୁ ବିହାରରେ ଜାତି ଜନଗଣନା ଆରମ୍ଭ ହୋଇଥିଲା। ମୁଖ୍ୟ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାୟ ଶୁଣାଇବା ପରେ ଏହା ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି ଜଣେ ପିଟିଶନରଙ୍କ ଓକିଲ ଦିନୁ କୁମାର କହିଛନ୍ତି। ହାଇକୋର୍ଟ ସମସ୍ତ ପିଟିଶନ ଖାରଜ କରିଦେଇଥିବାରୁ ସରକାର ଜାତି ଜନଗଣନା ଜାରି ରଖିପାରିବେ ବୋଲି ଆଇନଜୀବୀ ରିତିକା ଶର୍ମା କହିଛନ୍ତି।

### କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର: ନୃତ୍ୟ ଶିକ୍ଷକଙ୍କ ସମେତ ୩ ଗିରଫ

**ବେଙ୍ଗାଲୁରୁ,୧।୮:** ବେଙ୍ଗାଲୁରୁର କୋଡିଗେହାଲ୍ଲି ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗରେ ନୃତ୍ୟ ଶିକ୍ଷକ ଆଣ୍ଡି ଜର୍ଜଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଆଣ୍ଡି ଏକ ଘରୋଇ ସ୍କୁଲ୍‌ରେ ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦେଉଥିଲେ। ସେ ସୋସିଆଲ ମିଡିଆ ଜରିଆରେ କଲେଜ ଛାତ୍ରୀଙ୍କ ସହ ବନ୍ଧୁତା ସ୍ଥାପନ କରି ତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତକୁ ରେକର୍ଡ କରିଥିଲେ। ପରେ ସେ ଛାତ୍ରୀଙ୍କୁ ଧମକ ଦେବା ଆରମ୍ଭ କରିଦେଇଥିଲେ। ଅଭିଯୁକ୍ତଙ୍କ କାର୍ଯ୍ୟରେ ସନ୍ଦେହ ହେବାରୁ ଛାତ୍ରୀଜଣକ ତାଙ୍କଠାରୁ ଦୂରେଇ ଯାଇଥିଲେ। ଅଭିଯୁକ୍ତ ତାଙ୍କ ଅନ୍ତରଙ୍ଗ ସମୟର ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିବେ ବୋଲି ଧମକ ଦେଇ ତାଙ୍କୁ ପୁଣି ବଳାତ୍କାର କରିଥିଲେ। ପରେ ସାଙ୍ଗମାନଙ୍କ ଘରକୁ ଡାକି ବଳାତ୍କାର କରିଥିଲେ। ଶେଷରେ ପୀଡ଼ିତା ସାହସ ଜୁଟାଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ।

# ଇମାମଙ୍କୁ ହତ୍ୟା, ମସ୍‌ଜିଦରେ ନିଆଁ


ଗୁରୁଗ୍ରାମର ସୋହନାରେ ଦଙ୍ଗାକାରୀମାନେ କାର୍ ଜାଳି ଦେଇଛନ୍ତି।

**ଗୁରୁଗ୍ରାମ/ଚଣ୍ଡିଗଡ଼,୧।୮**

ହରିୟାଣାର ନୁହରେ ସୋମବାର ଅପରାହ୍ନରେ ବିଶ୍ୱ ହିନ୍ଦୁ ପରିଷଦର ବ୍ରଜମଣ୍ଡଳ ଜଳାଭିଷେକ ଯାତ୍ରାବେଳେ ହିଂସାକାଣ୍ଡ ଓ ସାମ୍ପ୍ରଦାୟିକ ସଂଘର୍ଷ ଜନିତ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ପାଇଛି। ବିଳମ୍ବିତ ରାତିରେ ଉତ୍ତ୍ୟକ୍ତ ଲୋକେ ଗୁରୁଗ୍ରାମର ସେକ୍ଟର ୫୭ରେ ଥିବା ଅଞ୍ଜୁମନ ଜାମା ମସ୍‌ଜିଦରେ ନିଆଁ ଲଗାଇଦେଇଛନ୍ତି। ସେମାନଙ୍କ ଗୁଳିମାଡ଼ରେ ମସ୍‌ଜିଦ୍‌ର ଇମାମଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ପୂର୍ବରୁ ଦଙ୍ଗାକାରୀଙ୍କ ଗୁଳିରେ ୨ ଜଣ ହୋମଗାର୍ଡଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ମୃତ ହୋମଗାର୍ଡ ହେଲେ ନୀରଜ ଏବଂ ଗୁରସେବକ। ସେମାନେ ଖେଡ଼ାଲିଦୌଲା ଥାନାରେ ନିଯୁକ୍ତ ହୋଇଥିଲେ। ହିଂସାକାଣ୍ଡରେ ଆହତ ୭୦ ଜଣଙ୍କ ମଧ୍ୟରେ ୧୦ ଜଣ ପୋଲିସ କର୍ମଚାରୀ ଅଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ମଙ୍ଗଳବାର ନୁହରେ କର୍ଫ୍ୟୁ ଜାରି କରାଯାଇଛି। ଦଙ୍ଗା ମାମଲାରେ ପୋଲିସ ୪୪ଟି ଏତଲା ଦାଏର କରିବା ସହ ୭୦ ଜଣଙ୍କୁ ଗିରଫ କରିଛି। ହିଂସାକାଣ୍ଡ ବେଳେ ଉତ୍ତ୍ୟକ୍ତ ଲୋକେ ୧୨୦ ଗାଡ଼ି ଭାଙ୍ଗିଛନ୍ତି। ସେଥିରୁ ପୋଲିସ ଗାଡ଼ି ସମେତ ୫୦ ଗାଡ଼ିକୁ ଜାଳିଦିଆଯାଇଛି। ନୁହଠାରୁ ୪୦ କିଲୋମିଟର ଦୂର ବାଦଶାହପୁରରେ ହିଂସାକାଣ୍ଡ ପହଞ୍ଚିଛି। ସେଠାରେ ଉତ୍ତ୍ୟକ୍ତ ଲୋକେ ଧର୍ମୀୟ ସ୍ଲୋଗାନ ଦେଇ ରେଷ୍ଟୁରାଣ୍ଟ ଓ ଦୋକାନ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଛନ୍ତି। ଅନେକ ଦୋକାନ ଓ ଝୁମ୍ପୁଡ଼ି ଘର ଜଳିଯାଇଛି। ଦଙ୍ଗାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର କହିଛନ୍ତି।

ନୁହ ଏବଂ ସୋହନାରେ ଉତ୍ତେଜନା ଲାଗିରହିଥିଲେ ମଧ୍ୟ ମଙ୍ଗଳବାର କୌଣସି ହିଂସାକାଣ୍ଡ ଘଟିନାହିଁ। ହିଂସାଗ୍ରସ୍ତ ଅଞ୍ଚଳରେ ୧୬ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ୩୦ କମ୍ପାନୀ ରାଜ୍ୟ ପୋଲିସଙ୍କୁ ନିୟୋଜିତ କରାଯାଇଛି। ଆକ୍ରମଣକାରୀଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ହିଂସାକାଣ୍ଡକୁ ମୁଖ୍ୟମନ୍ତ୍ରୀ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ପ୍ରତିବର୍ଷ ଭଳି ଏଥର କରାଯାଉଥିବା ଶାନ୍ତିପୂର୍ଣ୍ଣ ସାମାଜିକ ଯାତ୍ରା ଉପରେ କେତେକ ଲୋକ ଆକ୍ରମଣ କରିଥିଲେ। ସେମାନେ ପୋଲିସକୁ ମଧ୍ୟ ଟାର୍ଗେଟ କରିଥିଲେ। ଶାନ୍ତି ଓ ଆଇନ ଶୃଙ୍ଖଳା ଭଣ୍ଡୁର କରିବା ଲାଗି ଏହା ନିଶ୍ଚିତ ଭାବେ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ଖଟ୍ଟର କହିଛନ୍ତି। ନୁହ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ହରିୟାଣା ଗୃହମନ୍ତ୍ରୀ ଅନୀଲ ଭିଜ୍ କହିଛନ୍ତି। ଏହି ଜିଲାରେ ଦୁଇ ସମ୍ପ୍ରଦାୟ ଦୀର୍ଘବର୍ଷ ଧରି ଶାନ୍ତିପୂର୍ଣ୍ଣ ଭାବେ ବସବାସ କରିଆସୁଥିଲେ। ହିଂସାକାଣ୍ଡ ପଛରେ ଷଡ଼ଯନ୍ତ୍ର ରହିଥିବା ସେ କହିଛନ୍ତି। ଶାନ୍ତି ଫେରାଇ ଆଣିବା ଲାଗି ପୋଲିସ ଓ ପ୍ରଶାସନ ପକ୍ଷରୁ ଉଭୟ ସମ୍ପ୍ରଦାୟର ନେତାମାନଙ୍କ ସହ ଆଲୋଚନା ଚାଲିଛି। ସୋହନା, ପଟୌଦି, ମାନେସାର ଅଞ୍ଚଳରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି।

## ହିଂସା ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି
## ନୁହରେ କର୍ଫ୍ୟୁ ଜାରି

### ହିଂସା ମୂଳରେ ମୋନୁ ମାନେସର



ହରିୟାଣାର ନୁହ ଏବଂ ଗୁରୁଗ୍ରାମରେ ସୋମବାର ଧର୍ମୀୟ ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ସଂଘର୍ଷର କେନ୍ଦ୍ରବିନ୍ଦୁ ହେଉଛନ୍ତି ବଜରଙ୍ଗ ଦଳ ନେତା ମୋନୁ ମାନେସର ଓରଫ ମୋହିତ ଯାଦବ। ବ୍ରଜମଣ୍ଡଳ ଜଳାଭିଷେକ ଯାତ୍ରାରେ ମୋନୁ ଯୋଗଦେଉଥିବାର ଗୁଜବ ପ୍ରଚାର ହେବାରୁ ହିଂସାକାଣ୍ଡ ଘଟିଥିଲା। ଗୋରକ୍ଷକର ପରିଚୟ ଦେଉଥିବା ମୋନୁ ଗତ ଫେବୃୟାରୀରେ ୨ ମୁସଲମାନଙ୍କୁ ହତ୍ୟା ସହ ସମ୍ପୃକ୍ତ ଥାଇ ପୋଲିସର ୱାଣ୍ଟେଡ୍ ତାଲିକାରେ ରହିଛନ୍ତି।

ନୁହଠାରେ ହେବାକୁ ଥିବା ଧର୍ମୀୟ ଶୋଭାଯାତ୍ରାରେ ମୋନୁ ଯୋଗଦେବେ ବୋଲି କିଛିଦିନ ପୂର୍ବରୁ ଏକ ଭିଡିଓ ପୋଷ୍ଟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ଲାଗି ସେ ତାଙ୍କ ସମର୍ଥକମାନଙ୍କୁ ଆହ୍ୱାନ ଦେଇଥିଲେ। ତାଙ୍କୁ ଉକ୍ତ କାର୍ଯ୍ୟକ୍ରମରୁ ଦୂରେଇ ରହିବା ଲାଗି ପରେ ସୋସିଆଲ ମିଡିଆରେ ଚେତାବନୀ ଦିଆଯାଇଥିଲା। ସେ ଉପସ୍ଥିତ ରହିଲେ ଉତ୍ତେଜନା ସୃଷ୍ଟି ହେବା ଆଶଙ୍କା ଥିବାରୁ ବିଶ୍ୱହିନ୍ଦୁ ପରିଷଦର ପରାମର୍ଶକ୍ରମେ ମୋନୁ ଶୋଭାଯାତ୍ରାରେ ଭାଗ ନେଇ ନ ଥିବା କହିଛନ୍ତି।

ହରିୟାଣାର ଭିୱାନିରେ ଗତ ଫେବୃୟାରୀରେ ପୋଡ଼ିଯାଇଥିବା ଏକ କାର୍‌ରୁ ୨ ଜଣ ମୁସଲମାନ ଗୋରୁ ବ୍ୟବସାୟୀଙ୍କ ମୃତଦେହ ମିଳିବା ପରେ ମୋନୁ(୩୦)ଙ୍କ ବିରୋଧରେ ଅପହରଣ ଓ ହତ୍ୟା ଅଭିଯୋଗ ହୋଇଥିଲା। ପୋଲିସଠାରୁ ବର୍ତ୍ତିବା ପାଇଁ ସେ ଫେରାର ହୋଇଯାଇଥିଲେ। ବଜରଙ୍ଗ ଦଳର ସଦସ୍ୟମାନେ ଗୋରୁ ବ୍ୟବସାୟୀ ଜୁନାଏଦ ଏବ ନାସିରଙ୍କୁ ପିଟି ମାରିଦେବା ପରେ କାରରେ ପୂରାଇ ଜାଳିଦେଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅନେକ ସମୟରେ ଗୋରୁ ବ୍ୟବସାୟୀଙ୍କ ଉପରେ ଆକ୍ରମଣରେ ମୋନୁ ସମ୍ପୃକ୍ତ ଥାଇ ଏହାର ଭିଡିଓ ପୋଷ୍ଟ କରୁଥିଲେ। ସେ ‘ଲଭ୍ ଜିହାଦ’ କ୍ୟାମ୍ପେନ୍‌ରେ ମଧ୍ୟ ସାମିଲ ଥିଲେ।

### ପାୱାରଙ୍କ ଉପସ୍ଥିତିରେ ମୋଦିଙ୍କୁ ଲୋକମାନ୍ୟ ତିଳକ ପୁରସ୍କାର

**ପୁଣେ,୧।୮**

ସ୍ୱାଧୀନତା ସଂଗ୍ରାମୀ ବାଲ୍ ଗଙ୍ଗାଧର ତିଲକଙ୍କ ୧୦୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ମଙ୍ଗଳବାର ପୁଣେରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକମାନ୍ୟ ତିଲକ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ପୁରସ୍କାର ମୋଦିଙ୍କ ସର୍ବୋଚ୍ଚ ନେତୃତ୍ୱ ଏବଂ ନାଗରିକମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବନା ବଢ଼ାଇବାରେ ତାଙ୍କ ଭୂମିକାକୁ ସ୍ୱୀକୃତି ପ୍ରଦାନ କରିଛି। ପୁରସ୍କାର ପ୍ରଦାନ ବେଳେ ମଞ୍ଚରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ପାଖକୁ ଯାଇ କଥା ହେବା ଓ ପାୱାର ତାଙ୍କ ପିଠିକୁ ଥାପୁଡ଼ାଇବା ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ନ ଦେବା ଲାଗି ବିରୋଧୀ ଇଣ୍ଡିଆ ମେଣ୍ଟର ସଦସ୍ୟମାନଙ୍କ ଅନୁରୋଧ ସତ୍ତ୍ୱେ ପାୱାର ପ୍ରଧାନମନ୍ତ୍ରୀଙ୍କ ସହ ଗୋଟିଏ ମଞ୍ଚରେ ଉପସ୍ଥିତ ରହିଥିଲେ। ଗଙ୍ଗାଧର ତିଲକଙ୍କ ଲିଗାସିକୁ ସମ୍ମାନିତ କରିବା ପାଇଁ ୧୯୮୩ରେ ଲୋକମାନ୍ୟ ତିଲକ ପୁରସ୍କାର ପ୍ରତିଷ୍ଠା ହୋଇଥିଲା। ପ୍ରତିବର୍ଷ ଅଗଷ୍ଟ ୧ ତିଲକଙ୍କ ଶ୍ରାଦ୍ଧବାର୍ଷିକୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୋଦିଙ୍କ ଗସ୍ତକୁ କେତେକ ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମିଳିତ ବିରୋଧ କରାଯାଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ବାବା ଆଧବଙ୍କ ନେତୃତ୍ୱରେ ବିକ୍ଷୋଭକାରୀମାନେ କଳାପତାକା ଦେଖାଇଥିଲେ। ପୁଣେରେ ପହଞ୍ଚି ମୋଦି ଦାଗଦୁଶେଷ ହାଲୱାଇ ଗଣେଶ ମନ୍ଦିରରେ ପୂଜା କରୁଥିବାବେଳେ ଏହାର ୩୦୦ ମିଟର ଦୂର ମଣ୍ଡାଇଠାରେ ବିରୋଧୀ ମେଣ୍ଟର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁରସ୍କାର କାର୍ଯ୍ୟକ୍ରମରେ ପାୱାରଙ୍କ ଯୋଗଦାନକୁ ଶିବସେନା (ୟୁବିଟି)ର ମୁଖପତ୍ର ‘ସାମନା’ରେ ତୀବ୍ର ସମାଲୋଚନା କରାଯାଇଛି।

### ମ୍ୟାନ୍‌ମାରରେ ଆଉ ୬ ମାସ ଜରୁରୀ ସ୍ଥିତି

#### ଆମେରିକାର ନିନ୍ଦା

**ୱାଶିଂଟନ, ୧।୮**

ମ୍ୟାନ୍‌ମାର (ପୂର୍ବର ବର୍ମା)ର ସାମରିକ ସରକାର ଦେଶରେ ଦୁଇବର୍ଷ ହେବ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତିର ଅବଧିକୁ ଆଉ ୬ ମାସ ବୃଦ୍ଧି କରିଥିବାରୁ ଆମେରିକା ଜୁଣ୍ଟା ଶାସକଙ୍କୁ ନିନ୍ଦା କରିଛି। ଗଣତାନ୍ତ୍ରିକ ସରକାରକୁ ବରଖାସ୍ତ କରି ୨୦୨୧ରେ ଜୋରଜବରଦସ୍ତ ସେଠାରେ ସାମରିକ ଶାସନ ପ୍ରତିଷ୍ଠା କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟରେ ନିର୍ବାଚନ ପ୍ରତିଶ୍ରୁତି ଦେଇ ଆସିଥିବା ସାମରିକ ଶାସକ ସରକାରୀ ଭାବେ ଏହାକୁ ସ୍ଥଗିତ ରଖିବା ପରେ ଆମେରିକା କଡ଼ା ସମାଲୋଚନା କରିଛି। ସୋମବାର ମ୍ୟାନ୍‌ମାରର ସାମରିକ ସରକାର ସରକାରୀ ଟେଲିଭିଜନ ଜରିଆରେ ଦର୍ଶାଇଥିଲେ ଯେ, ଦେଶରେ ହିଂସା ଲାଗି ରହିଥିବାରୁ ନିର୍ବାଚନରେ ବିଳମ୍ବ ହେଉଛି ଏବଂ ମଙ୍ଗଳବାରଠାରୁ ଜରୁରିକାଳୀନ ପରିସ୍ଥିତିର ଅବଧିକୁ ପୁଣି ୬ ମାସ ଘୁଞ୍ଚାଇ ଦିଆଗଲା।

ଆମେରିକା ବୈଦେଶିକ ବିଭାଗ ମୁଖପାତ୍ର ମାଥ୍ୟୁ ମିଲର କହିଛନ୍ତି, ବର୍ମାରେ ଯେଭଳି ହିଂସା ଘଟୁଛି ଓ ଅସ୍ଥିରତା ଦେଖାଦେଇଛି, ସେଥିରେ ଆମେରିକା ଗଭୀର ଭାବେ ମର୍ମାହତ। ସେଠାରେ ଗଣତାନ୍ତ୍ରିକ ସରକାରକୁ ହଟାଇ ଜୁଣ୍ଟା ଶାସନ କରିବା ପରେ ଅଢ଼େଇ ବର୍ଷ ହେବ ଦେଶବ୍ୟାପୀ ନୃଶଂସ କାଣ୍ଡ ବଢ଼ିଯାଇଛି। ଫଳରେ ବିଭିନ୍ନ ଅଞ୍ଚଳରେ ବିମାନ ଉପରୁ ଶତାଧିକ ଆକ୍ରମଣ, ଅନେକ ହଜାର ଗୃହଦାହ ଏବଂ ୧୬ ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହୋଇଛନ୍ତି ବୋଲି ମିଲର କହିଛନ୍ତି। ମ୍ୟାନ୍‌ମାର ଲୋକଙ୍କ ଗଣତନ୍ତ୍ର ପ୍ରତି ଥିବା ଆକାଂକ୍ଷାକୁ ନିର୍ମମ ଭାବେ ଅସମ୍ମାନ କରାଯିବା ଦେଶର ସଙ୍କଟକୁ ଆହୁରି ବଢ଼ାଇ ଦେଇଥିବା ସେ କହିଛନ୍ତି।

ଅପରପକ୍ଷରେ ବୌଦ୍ଧଧର୍ମରେ ଅଧିକାଂଶ ଦୀକ୍ଷିତ ଥିବା ଏହି ଦେଶରେ ଏକ ଧାର୍ମିକ ଛୁଟି ପଡୁଥିବା ପରିପ୍ରେକ୍ଷୀରେ ସାମରିକ ସରକାର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ ସାନ୍ ସୁ୍ୟ ଚୀଙ୍କୁ ରାଜକ୍ଷମା ଦେବାକୁ ଯାଇ ତାଙ୍କ ବନ୍ଦୀ ସମୟକୁ ହ୍ରାସ କରିଥିବା ମଙ୍ଗଳବାର ସରକାରୀ ଭାବେ କୁହାଯାଇଛି। ପୂର୍ବତନ ରାଷ୍ଟ୍ରପତି ୱିନ୍ ମିଣ୍ଟଙ୍କ ସମେତ ୭,୦୦୦ରୁ ଅଧିକ ବନ୍ଦୀଙ୍କ ଜେଲ ସମୟକୁ ମଧ୍ୟ ହ୍ରାସ କରାଯାଇଛି। ତେବେ ୭୮ ବର୍ଷୀୟ ସୁ ଚୀ ଧାର୍ଯ୍ୟ କରାଯାଇଥିବା ୩୩ ବର୍ଷ ସମୟ ମଧ୍ୟରୁ ୨୭ ବର୍ଷ କାରାଦଣ୍ଡ ଭୋଗ କରିବେ ବୋଲି ଜୁଣ୍ଟା ସରକାର ପକ୍ଷରୁ କୁହାଯାଇଛି।

#### ସିଦ୍ଧୁ ମୁସେୱାଲା ହତ୍ୟା ମାମଲା

### ଅଭିଯୁକ୍ତ ସଚିନ ବିଷ୍ଣୋଇ ଭାରତ ପ୍ରତ୍ୟର୍ପିତ



**ନୂଆଦିଲ୍ଲୀ,୧।୮**

ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ସଚିନ ବିଷ୍ଣୋଇ ଓରଫ ଥାପନଙ୍କୁ ମଙ୍ଗଳବାର ଆଜରବୈଜାନର ବାକୁରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ୨୦୨୨ ମେ’ ୨୯ରେ ମୁସେୱାଲା ହତ୍ୟାକାଣ୍ଡରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ, କାନାଡ଼ା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର ଅଭିଯୁକ୍ତ। ସଚିନ ହେଉଛନ୍ତି ଲରେନ୍ସଙ୍କ ପୁତୁରା। ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ଅଫିସରମାନେ ତାଙ୍କୁ ଆଣିବା ପାଇଁ ଶନିବାର ଆଜରବୈଜାନରେ ପହଞ୍ଚିଥିଲେ। ଜାଲ୍ ପାସ୍‌ପୋର୍ଟ ବ୍ୟବହାର କରିବା ଅଭିଯୋଗରେ ଆଜରବୈଜାନ କର୍ତ୍ତୃପକ୍ଷ ସଚିନଙ୍କୁ କିଛିଦିନ ହେଲା ଅଟକ ରଖିଥିଲେ। ଭାରତରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଗାୟକ ହତ୍ୟା ମାମଲାର ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ଜେରା କରିବ।

## ମଣିପୁର ଡିଜିପିଙ୍କୁ ସୁପ୍ରିମକୋର୍ଟ ସମନ

#### ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ସାମ୍ବିଧାନିକ କଳ ଅଚଳ

**ନୂଆଦିଲ୍ଲୀ,୧।୮(ପି.ଟି.)**

ମଣିପୁରରେ ଆଇନ ଶୃଙ୍ଖଳା ଓ ସାମ୍ବିଧାନିକ କଳ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିପଡ଼ିଥିବା ଦର୍ଶାଇ ମଙ୍ଗଳବାର ସୁପ୍ରିମକୋର୍ଟ ରାଜ୍ୟ ପୋଲିସକୁ ଜାତିଆଣ ହିଂସାର ତଦନ୍ତରେ ମନ୍ଥରତା ଓ ଶିଥିଳତା ପାଇଁ ଭର୍ତ୍ସନା କରିଛନ୍ତି। ବିଶେଷକରି ମହିଳା ବିରୋଧୀ ହିଂସା ମାମଲାରେ ପୋଲିସର ନିଷ୍କ୍ରିୟତାକୁ କଡ଼ା ନିନ୍ଦା କରି ମଣିପୁର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଆସନ୍ତା ୭ରେ ଜବାବ ଦାଖଲ ପାଇଁ ସମନ କରିଛନ୍ତି।


ମଣିପୁର ଜାତିଆଣ ହିଂସା ସମ୍ପର୍କିତ କେତେକ ପିଟିଶନର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ରାଜ୍ୟର ସ୍ଥିତି ଅନୁଧ୍ୟାନ, ଥଇଥାନ ଓ ପୁନର୍ବାସ ସମେତ ତଦନ୍ତ ଯେପରି ଠିକ୍ ବାଟରେ ଯିବ ତାହା ସୁନିଶ୍ଚିତ କରିବା ସକାଶେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ଯାଉଛନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ପୋଲିସ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ ଯେ, ୬,୫୨୩ ମାମଲା ରୁଜୁ ହୋଇଛି। ସେଥିରୁ ୧୧ଟି ମାମଲା ମହିଳା ଓ ଶିଶୁ ବିରୋଧୀ ଅପରାଧ। ମେ’ ୪ରେ ୨ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇ ଗଣବଳାତ୍କାର କରିବା ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ମଧ୍ୟ ରହିଛନ୍ତି। ଶୀର୍ଷ ଅଦାଲତଙ୍କ ନିକଟରେ ଦାଖଲ କରାଯାଇଥିବା ଷ୍ଟାଟସ୍ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି।

### ରାଷ୍ଟ୍ରପତିଙ୍କୁ ସମୟ ମାଗିଲେ ଖାର୍ଗେ


ନୂଆଦିଲ୍ଲୀର ବିଜୟ ଚୌକରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ‘ଇଣ୍ଡିଆ’ ନେତୃବୃନ୍ଦ। (ଫଟୋ: ଚମନ ଗୌତମ)

ମଣିପୁର ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସାକ୍ଷାତ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଙ୍ଗଳବାର ସମୟ ମାଗିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ। ତେବେ ସାକ୍ଷାତ ପାଇଁ ରାଷ୍ଟ୍ରପତି ଏଯାଏ ତାଙ୍କୁ ସମୟ ଦେଇନାହାନ୍ତି। ମଣିପୁର ହିଂସାକୁ ନେଇ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କରୁଥିବା ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ପାର୍ଲାମେଣ୍ଟ ଚାଲିପାରୁ ନାହିଁ। ଏବେ ବିରୋଧୀ ନେତାମାନେ ଭାଜପା ଶାସିତ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ଓଏମ୍‌ଜି ୨କୁ ‘ଏ’ ସାର୍ଟିଫିକେଟ୍




**ମୁମ୍ବାଇ,୧।୮**


ଅକ୍ଷୟ କୁମାରଙ୍କ ଅଭିନୀତ ହିନ୍ଦୀ ସିନେମା ‘ଓହ ମାଇଁ ଗଡ୍’ର ସିକ୍ୱେଲ ‘ଓଏମ୍‌ଜି ୨’କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ ପକ୍ଷରୁ ‘ଏ’ ସାର୍ଟିଫିକେଟ୍ ମିଳିଛି। ଫିଲ୍ମରେ ଅଳ୍ପ କେତୋଟି ପରିବର୍ତ୍ତନ ସହ ସେନ୍ସର ବୋର୍ଡ ପ୍ରାପ୍ତ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ (ଆଡଲ୍ଟ) ପ୍ରମାଣପତ୍ର ପ୍ରଦାନ କରିଛି। ଫିଲ୍ମଟି ଅଗଷ୍ଟ ୧୧ରେ ମୁକ୍ତିଲାଭ କରିବ। ଭେଟେରାନ୍ ପଙ୍କଜ ତ୍ରିପାଠୀ, ଗୋବିନ୍ଦ ନାମଦେବ ଅଭିନୟ କରିଥିବା ଏହି ଫିଲ୍ମରେ ‘ରାମାୟଣ’ ଧାରାବାହିକର ଅରୁଣ ଗୋଭିଲଙ୍କୁ ରାମ ଭୂମିକାରେ ଦେଖିବାକୁ ମିଳିବ। ଅଭିନେତ୍ରୀ ୟାମୀ ଗୌତମ ଏଥିରେ କାମିନୀ ମାହେଶ୍ୱରୀ ଭୂମିକାରେ ନଜର ଆସିବେ। ଅମିତ ରାଏଙ୍କ ନିର୍ଦ୍ଦେଶିତ ‘ଓଏମ୍‌ଜି ୨’କୁ ‘ୟୁଏ’ ସାର୍ଟିଫିକେଟ ପ୍ରଦାନ କରାଯାଉ ବୋଲି ପ୍ରଯୋଜକ ଭିପୁଲ ଡି. ଶାହା ଆବେଦନ କରିଥିଲେ। କିନ୍ତୁ ଏଥିରେ ଥିବା କେତେକ ଆପତ୍ତିଜନକ ସଂଳାପ ଓ ଦୃଶ୍ୟକୁ ବାଦ୍ ଦେବା ପାଇଁ ସେନ୍ସର ବୋର୍ଡ ସର୍ତ୍ତ ବାଢ଼ିଥିଲା। ତେବେ ଫିଲ୍ମର ମୌଳିକତା ନଷ୍ଟହେବା ଆଶଙ୍କାରେ ପ୍ରଡକ୍ସନ ହାଉସ୍ ମନା କରିଦେଇଥିଲା। ସିବିଏଫ୍‌ସି ଅନୁସାରେ ‘ୟୁଏ’ ପ୍ରମାଣପତ୍ର ପ୍ରଦାନର ଅର୍ଥ ହେଉଛି ୧୨ ବର୍ଷରୁ କମ୍ ବୟସର ପିଲା ମଧ୍ୟ ଫିଲ୍ମକୁ ଦେଖିପାରିବେ। ‘ଏ’ ପ୍ରମାଣପତ୍ର ପ୍ରାପ୍ତ ଫିଲ୍ମ ୧୮+ଙ୍କ ପାଇଁ ଉଦ୍ଦିଷ୍ଟ।

#### ନାସାର ଭୁଲ୍ କମାଣ୍ଡ

## ଭଏଜର-୨ ସହ ଯୋଗାଯୋଗ ବିଚ୍ଛିନ୍ନ

**ୱାଶିଂଟନ୍,୧।୮**

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ଭୁଲ୍ କମାଣ୍ଡ ଯୋଗୁ ୧୨.୩ ବିଲିୟନ ମାଇଲ (୧୯୯୦ କୋଟି କିଲୋମିଟର) ଦୂରରେ ଥିବା ଭଏଜର-୨ ପ୍ରୋବ୍ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ୧୯୭୭ରେ ଭଏଜର-୨ ଲଞ୍ଚ କରାଯାଇଥିଲା ଏବଂ ୨୦୧୮ରେ ଏହାର ଯମଜ ସହ ସାମିଲ ହୋଇଥିଲା। ମହାକାଶକୁ ଏପର୍ଯ୍ୟନ୍ତ ପଠାଯାଇଥିବା ବସ୍ତୁ ମଧ୍ୟରୁ ଭଏଜର-୨ ସର୍ବାଧିକ ଦୂରତାରେ ରହିଛି। ଯୋଜନା ଅନୁଯାୟୀ ବୈଜ୍ଞାନିକମାନେ ଜୁଲାଇ ୨୧ରେ କେତେକ କମାଣ୍ଡ ଦେଉଥିବାବେଳେ ଭୁଲ୍‌ରେ ଭଏଜର-୨ର ଆଣ୍ଟିନାର ଦିଗ ପୃଥିବୀଠାରୁ ୨ ପ୍ରତିଶତ



ବଦଳିଯାଇଥିଲା, ଯାହାକୁ ଯୋଗାଯୋଗ ବିଚ୍ଛିନ୍ନ ପାଇଁ ଯଥେଷ୍ଟ ବୋଲି ନାସାର ଜେଟ୍ ପ୍ରପଲଶନ ଲାବରେଟୋରି ପକ୍ଷରୁ କୁହାଯାଇଛି। ଫଳରେ ଉକ୍ତ ସ୍ପେସ୍‌କ୍ରାଫ୍ଟ ଏବଂ ନାସାର ଡିପ୍ ସ୍ପେସ୍ ନେଟ୍‌ୱର୍କସ୍ (ଡିଏସ୍ଏନ୍)ର ଆଣ୍ଟିନା ମଧ୍ୟରେ ଯୋଗାଯୋଗ ହୋଇପାରି ନ ଥିଲା। ଭଏଜର-୨ ପଠାଉଥିବା ତଥ୍ୟକୁ ଡିଏସ୍ଏନ୍‌ରେ ପହଞ୍ଚିପାରୁ ନାହିଁ କିମ୍ବା ଗ୍ରାଉଣ୍ଡ କଣ୍ଟ୍ରୋଲରରୁ କମାଣ୍ଡ ସ୍ପେସ୍‌କ୍ରାଫ୍ଟରେ ପହଞ୍ଚୁ ନାହିଁ।

ଭଏଜର-୨ ହେଉଛି ଭଏଜର-୧ର ପରବର୍ତ୍ତୀ ସଂସ୍କରଣ। ସୌରଜଗତ ବାହାର ଦୁନିଆ ସମ୍ପର୍କରେ ଅଧ୍ୟୟନ ଲାଗି ୧୯୭୭ରେ ଏହି ମହାକାଶ ଯାନକୁ ଫ୍ଲୋରିଡ଼ାରୁ ଲଞ୍ଚ କରାଯାଇଥିଲା। ୨୦୧୮ ଡିସେମ୍ବର ୧୦ରେ ଏହା ଭଏଜର-୧ ସହ ସାମିଲ ହୋଇଥିଲା। ଭଏଜର-୨ ବୃହସ୍ପତି, ଶନି, ୟୁରାନସ ଏବଂ ନେପ୍ଚୁନ୍ ସମ୍ପର୍କରେ ଅଧ୍ୟୟନ ଚଳାଇଥିଲା।




# ଆଧୁନିକୀକରଣ ହେବ ରାଜ୍ୟ ଫୋରେନ୍‌ସିକ ବିଜ୍ଞାନ ସେବା ସଙ୍ଗଠନ

**▪ ୧୫୦ କୋଟି ଟଙ୍କା ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ**
**▪ ୫ ବର୍ଷରେ ଖର୍ଚ୍ଚ ହେବ**

ଭୁବନେଶ୍ୱର,୧।୮(ଅନିଲ ଦାସ)

ରାଜ୍ୟରେ ଅପରାଧ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ରାଜ୍ୟ ଅପରାଧ ବିଧି ସେବା ସଙ୍ଗଠନ(ଫୋରେନସିକ ସାଇନ୍ସ ସର୍ଭିସେସ ଅର୍ଗାନାଇଜେଶନ)କୁ ଆଧୁନିକୀକରଣ କରିବା ପାଇଁ ରାଜ୍ୟ ସରକାର ରାଜ୍ୟ ଅପରାଧ ବିଧି ସେବା ସଙ୍ଗଠନ ଆଧୁନିକୀକରଣ ନାମରେ ଏକ ନୂଆ ସ୍କିମ୍ ଆରମ୍ଭ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୧୫୦.୦୫ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଆସନ୍ତା ୫ ବର୍ଷ (୨୦୨୩-୨୪ରୁ ୨୦୨୭-୨୮) ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ସେହି ଅର୍ଥରୁ ବାଲେଶ୍ୱର ଓ ସମ୍ବଲପୁରଠାରେ ନୂତନ ଆଞ୍ଚଳିକ ଫୋରେନ୍‌ସିକ ଲାବୋରେଟୋରି କୋଠା ନିର୍ମାଣ ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏଥିସହିତ ୧୨୫.୨୫ କୋଟି ଯନ୍ତ୍ରପାତି କ୍ରୟ ଏବଂ ୩.୫୦ କୋଟି ଟଙ୍କା ମୋବାଇଲ ଫୋରେନସିକ୍ ଭ୍ୟାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଖର୍ଚ୍ଚ କରାଯିବ।

୫-ଟି ବ୍ୟବସ୍ଥା ଅଧୀନରେ ଏହି ସ୍କିମ୍‌ରେ ମାମଲାଗୁଡ଼ିକର ତୁରନ୍ତ ଫଇସଲା, ଆଞ୍ଚଳିକ ଓ ଜିଲାସ୍ତରରେ ଅପରାଧ ବିଧି ବିଜ୍ଞାନାଗାରଗୁଡିକୁ ସୁଦୃଢ଼ କରାଯିବା, ବୈଜ୍ଞାନିକ ପ୍ରଣାଳୀରେ ତଦନ୍ତକୁ ଉନ୍ନତ କରିବା, ଆଧୁନିକ ଜ୍ଞାନକୌଶଳକୁ ବିନିଯୋଗ କରି ଆପରାଧିକ ମାମଲାଗୁଡ଼ିକର ତୁରନ୍ତ ଫଇସଲା ଆଦି ଉପରେ ଗୁରୁତ୍ୱ ଦିଆଯିବ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ୩ ଯନ୍ତ୍ରୀ ନିଲମ୍ବିତ

**କଲଭର୍ଟ ଭୁଶୁଡ଼ି ୫ ମୃତ୍ୟୁ ଘଟଣା**

ରାୟଗଡ଼ା,୧।୮
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଉପରସାଜା ଗ୍ରାମରେ କଲଭର୍ଟ ଭୁଶୁଡ଼ି ୫ଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ୩ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଭେଙ୍କଟ ରମଣ ମୁଦୁଲି ଏବଂ କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ମଣ୍ଡଳ। ଅନ୍ୟପକ୍ଷରେ କଲ୍ୟାଣସିଂହପୁର ଥାନାରେ ଠିକାଦାର ବି. ଜ୍ୟୋତିଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିବା ଜିଲାପାଳ ସ୍ୱାଧାଦେବ ସିଂ ସୂଚନା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ଶ୍ୟାମଦାସ କଣ୍ଡାଗରିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସିଂ କହିବା ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠି ଗଣମାଧ୍ୟମକୁ ଦେଖାଇଥିଲେ । ସୂଚନାଯୋଗ୍ୟ, କଲ୍ୟାଣସିଂହପୁର ବ୍ଲକର ଉପରସାଜା ଗ୍ରାମରେ ସୋମବାର ସକାଳେ ନିର୍ମାଣାଧୀନ କଲଭର୍ଟ ଭୁଶୁଡ଼ି ପଡ଼ିବାରୁ ନାଳରେ ଗାଧୋଉଥିବା ୪ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨ଜଣ ବାପପୁଅ ହୋଇଥିବା ବେଳେ ଅନ୍ୟ୨ ଜଣ ଭାଇ ବୋଲି ଜଣାପଡ଼ିଛି। ଅପରପକ୍ଷେ ଏକାଧିକ ଠିକାଦାରଙ୍କ ଦ୍ୱାରା ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଚନ୍ଦ୍ରପୁର,୧।୮(ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ମୁଖ୍ୟ ସାହିରେ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ ରାମଚନ୍ଦ୍ର ପାତ୍ରଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ପ୍ରବଳ ବର୍ଷାରେ ଘର ଭାଙ୍ଗିଯିବାରୁ ରାମଚନ୍ଦ୍ରଙ୍କ ପରିବାର କେଉଁଠି ମୁଣ୍ଡ ଗୁଞ୍ଜିବେ ଚିନ୍ତାରେ ପଡ଼ିଯାଇଛନ୍ତି। ରାମଚନ୍ଦ୍ର ଏ ନେଇ ଚନ୍ଦ୍ରପୁର ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ଲିଖିତ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଏକ ବଡ ପଲିଥିନ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ଚନ୍ଦ୍ରପୁର ବ୍ଲକ୍‌ରେ ସୋମବାରଠାରୁ ଲଗାଣ ବର୍ଷା ଯୋଗୁ ବଂଶଧାରା, ଚାଉଳଧୁଆ, ଫଳଫୋଳିଆ ନଦୀରେ ଜଳସ୍ରୋତ ବଢ଼ିବାରେ ଲାଗିଛି।

# ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ

**ପ୍ରଥମ ଦିନରେ ନୂଆ ଅନୁଭୂତି ସାଉଣ୍ଟିଲେ ଛାତ୍ରୀଛାତ୍ର**

ଭୁବନେଶ୍ୱର, ୧।୮
(ଅସମାପିକା ସାହୁ)

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ୨ ଜୁନିୟର କଲେଜରେ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମଦିନରେ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନ ଓ ଏକାଡେମିକ୍ ବିଷୟରେ ଜାଣିବା ସହ ନୂଆ ଅନୁଭୂତି ସାଉଣ୍ଟିଛନ୍ତି। ପୂର୍ବରୁ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ, ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ଥିଲା। ନୂଆକରି ଶିକ୍ଷାନୁଷ୍ଠାନକୁ ଆସିଥିବା ପିଲାଙ୍କୁ ସ୍ୱାଗତ କରିବା ପାଇଁ ସୁସଜ୍ଜିତ ହଲ୍‌ରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପିଲାଙ୍କୁ ଶିକ୍ଷାନୁଷ୍ଠାନର ଇତିହାସ, କାର୍ଯ୍ୟକଳାପ ଓ ନିୟମ ବିଷୟରେ ସୂଚିତ କରାଯାଇଥିଲା। ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଜୀବନରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ପିଲାଙ୍କୁ ଅବଗତ କରାଯିବା ସହ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର ସମ୍ପର୍କରେ ସେମାନଙ୍କୁ ବୁଝାଯାଇଥିଲା। ସେହିଭଳି ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପରିଚୟ ପତ୍ର ଓ ବିଭାଗ ଅନୁସାରେ ସମୟ ସୂଚୀ ପ୍ରଦାନ କରାଯାଇଛି। ଏଥିସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କ୍ୟାରିୟର ପୋର୍ଟାଲ ସମ୍ପର୍କିତ ତଥ୍ୟ ଛାତ୍ରୀଛାତ୍ରଙ୍କୁ କୁହାଯାଇଥିଲା। ଓଡ଼ିଶା କ୍ୟାରିୟର ପୋର୍ଟାଲ (http://odishacareerportal.com)ରେ ଉପଲବ୍ଧ ପ୍ରାୟ ୫୫୦ କ୍ୟାରିୟର ଅପ୍‌ସନ୍ ସମ୍ପର୍କରେ ସୂଚନା ଦିଆଯାଇଥିଲା। www.chseodisha.nic.inରେ ଲଗ୍ ଇନ୍ କରି ପିଲାମାନେ ସିଲାବସ୍ ସମ୍ପର୍କରେ ଏବଂ https://www.textbookbureauodisha.nic.inରେ ଲଗ୍ ଇନ୍ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରଚଳିତ ପାଠ୍ୟପୁସ୍ତକ ପିଡିଏଫ୍ ଆକାରରେ କିପରି ପାଇପାରିବେ ସେସମ୍ପର୍କରେ କୁହାଯାଇଥିଲା। ଏଥିସହ ରାଗିଂ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯିବା ସହ ଆଣ୍ଟି ରାଗିଂ ସେଲ୍ ମୁଖ୍ୟଙ୍କ ନାମ ଏବଂ ନମ୍ବର ପ୍ରଦାନ କରାଯାଇଥିଲା। ଯଦି କେହି ରାଗିଂର ଶିକାର ହୁଅନ୍ତି, ତୁରନ୍ତ ସେମାନେ ସେଲ୍‌ର ମୁଖ୍ୟଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। କହିବାକୁ ଗଲେ, ନୂଆକରି କଲେଜରେ ପାଦ ଦେଇଥିବା ଏହି ଛାତ୍ରୀଛାତ୍ରମାନେ ଖୁସିରେ ଖୁସିରେ ସମୟ ବିତାଇଥିଲେ।


କଟକସ୍ଥିତ ରେଭେନ୍ସା ଜୁନିୟର କଲେଜରେ ମଙ୍ଗଳବାର ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀଛାତ୍ର। (ଫଟୋ-ରାଜକିଶୋର ମହାନ୍ତି)

# ଏବେବି ୨୯ ମୃତଦେହର ପରିଚୟ ମିଳିନି

**ବାହାନଗା ଟ୍ରେନ୍ ଦୁର୍ଘଟଣା**

ଭୁବନେଶ୍ୱର,୧।୮
(ଅସମାପିକା ସାହୁ)

ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ଦୁଇମାସ ପୂରିବାକୁ ବସିଥିଲେ ମଧ୍ୟ ଏଯାଏ ସମସ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏମ୍‌ସରେ ଥିବା ୨୯ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଏ ସମସ୍ତ ଅଚିହ୍ନା ମୃତଦେହକୁ ଗୋଟିଏ କଣ୍ଟେନରରେ ସଂରକ୍ଷଣ କରି ରଖାଯାଇଛି। ଚଳିତ ସପ୍ତାହରେ ଶେଷ ପର୍ଯ୍ୟାୟ ଡିଏନ୍‌ଏ ମ୍ୟାଚିଙ୍ଗ ରିପୋର୍ଟ ଆସିବ। ସେଥିରୁ ଅତି ବେଶିରେ ଆଉ ଦୁଇ ତିନୋଟି ମୃତଦେହର ନମୁନା ମ୍ୟାଚ୍ କରିପାରେ ବୋଲି ଏମ୍ସ ଭୁବନେଶ୍ୱରର ଅଧୀକ୍ଷକ ପ୍ରଫେସର ଡା. ଦିଲୀପ ପରିଡ଼ା କହିଛନ୍ତି। ଦୁର୍ଘଟଣା ପରେ ଚିହ୍ନଟ ଲାଗି ଦୁଇଟି ପର୍ଯ୍ୟାୟରେ ଏମ୍‌ସକୁ ୧୬୨ଟି ମୃତଦେହ ଆସିଥିଲା। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫୨ଟି ମୃତଦେହ ଚିହ୍ନଟ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଇତିମଧ୍ୟରେ ମୋଟ ୧୩୩ଟି ମୃତଦେହ ହସ୍ତାନ୍ତର କରାଯାଇଥିବାବେଳେ ଆଉ ୨୯ଟି ମୃତଦେହ ଚିହ୍ନଟ ଅପେକ୍ଷାରେ ରହିଛି। ଚଳିତ ସପ୍ତାହରେ ଡିଏନ୍‌ଏ ମ୍ୟାଚିଂ ରିପୋର୍ଟ ଆସିବା ପରେ ଚିହ୍ନଟ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ଦାବିଦାର ନ ଥିବା ମୃତଦେହଗୁଡ଼ିକୁ କ'ଣ କରାଯିବ ସେହି ନିଷ୍ପତ୍ତି କେନ୍ଦ୍ର ଓ ରାଜ୍ୟ ସରକାର ନେବେ ବୋଲି ଡା. ପରିଡ଼ା କହିଛନ୍ତି।

ସୂଚନାଯୋଗ୍ୟ,ଜୁନ୍ ୨ ସନ୍ଧ୍ୟାରେ ବାଲେଶ୍ୱର ଜିଲା ବାହାନଗା ବଜାର ଷ୍ଟେଶନରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ହାଓଡ଼ାରୁ ଚେନ୍ନାଇ ଅଭିମୁଖେ ଯାଉଥିବା କରମଣ୍ଡଳ ଏକ୍ସପ୍ରେସ୍ ଲୁପ୍ ଲାଇନ୍‌ରେ ଛିଡ଼ା ହୋଇଥିବା ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେବା ପରେ ଏହାର କେତେକ ବଗି ଅନ୍ୟଏକ ଟ୍ରାକ୍‌ରେ ପଡିଥିଲା। ଫଳରେ ଉକ୍ତ ଟ୍ରାକ୍‌ରେ ବାଙ୍ଗାଲୁରୁରୁ ସାଲିମାର ଅଭିମୁଖେ ଆସୁଥିବା ଯଶବନ୍ତପୁର ଏକ୍ସପ୍ରେସ୍ ସେଥିରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୨୮୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୨୯୫କୁ ବୃଦ୍ଧି ପାଇଛି। ସେହିଭଳି ବହୁ ଗୁରୁତର ଏବେବି ଚିକିତ୍ସିତ ହେଉଛନ୍ତି।

# ଜିଏମ୍‌ୟୁରେ ଗୋଷ୍ଠୀ ସଂଘର୍ଷ: ୩ ଆହତ

ସମ୍ବଲପୁର, ୧।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପରିସରରେ ମଙ୍ଗଳବାର ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ଚାଲିଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଛାତ୍ରନେତା ତଥା ଏବିଭିପି ରାଜ୍ୟ ସହ ସମ୍ପାଦକ ଶ୍ୱେତାଂଶୁ ବରାଇ, ଜିଲା ସଂଯୋଜକ ପ୍ରୀତିଶ କର ଓ ଶୁଭମ୍ ପ୍ରସାଦ। ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ ଅପରାହ୍ନ ପ୍ରାୟ ୨ଟା ସମୟରେ ସମ୍ବଲପୁରୀ ଦିନ୍ ପାଳନ ଅବସରରେ ଛାତ୍ରୀଛାତ୍ର ନାଚଗୀତରେ ମଜି ରହିଥିଲେ। ଏହି କାର୍ଯ୍ୟକ୍ରମ ପରେ କେତେଜଣ ଛାତ୍ର ଯାଉଥିବା ସମୟରେ ଅନ୍ୟ ଗୋଷ୍ଠୀ ପିଲା କମେଣ୍ଟ ମାରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଗୋଷ୍ଠୀ ଭିତରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଜଣେ ଛାତ୍ର ମାଡ଼ ଖାଇବା ପରେ ସେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ତାଙ୍କ ସାଙ୍ଗମାନଙ୍କୁ ଘଟଣା ବିଷୟରେ କହି ସେଠାକୁ ଡାକିଥିଲେ। କିଛିସମୟ ମଧ୍ୟରେ ପ୍ରାୟ ୧୫ଜଣ ଛାତ୍ର ବିଶ୍ୱବିଦ୍ୟାଳୟ ଗେଟ ପାଖରେ ଜମା ହୋଇଥିଲେ। ଉଭୟ ଗୋଷ୍ଠୀ ଭିତରେ ମାରପିଟ ହୋଇଥିଲା। ଗଣ୍ଡଗୋଳ କରିଥିବା ଛାତ୍ରମାନେ ଅନ୍ୟ କଲେଜ ଓ ଅଣଛାତ୍ର ବୋଲି କୁହାଯାଉଛି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ସଚେତନତା ସୃଷ୍ଟି ପାଇଁ କର୍ମଚାରୀଙ୍କୁ ଦିଆଯିବ ତାଲିମ

**ହୋଟେଲ ଶିଳ୍ପ ନାଁରେ ସାଇବର ଠକେଇ**

**▪ ହାରୋ ସହ କ୍ରାଇମବ୍ରାଞ୍ଚର ବୈଠକ**
**▪ ଦୁଇ ପକ୍ଷରୁ ରହିବେ ନୋଡାଲ ଅଫିସର**

ଭୁବନେଶ୍ୱର,୧।୮
(ସତ୍ୟଜିତ୍ ରାଉତ)

ହୋଟେଲ ନାଁରେ ସାଇବର ଠକମାନେ ଫେକ୍ ୱେବ୍‌ସାଇଟ୍ ଖୋଲି ପର୍ଯ୍ୟଟକଙ୍କୁ ଜାଲରେ ଫଶାଉଛନ୍ତି। ଫେକ୍ ୱେବ୍‌ସାଇଟ୍‌ରେ ପର୍ଯ୍ୟଟକମାନେ ବୁକିଙ୍ଗ କରି ଟଙ୍କା ହରାଉଛନ୍ତି। ଫଳରେ ହୋଟେଲ ମାଲିକ ଓ ପର୍ଯ୍ୟଟକ ସମସ୍ୟାରେ ପଡୁଛନ୍ତି। ଏଭଳିସ୍ଥିରେ ଏହି ଠକେଇ ରୋକିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସାଇବର କମ୍ପ୍ଲେକ୍ସରେ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ) ସହ କ୍ରାଇମବ୍ରାଞ୍ଚ ପକ୍ଷରୁ ବୈଠକ ହୋଇଥିଲା। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଟେଲ ଶିଳ୍ପ ନାଁରେ ହେଉଥିବା ସାଇବର ଠକେଇ ରୋକିବାକୁ ବିଭିନ୍ନ ଦିଗ ପ୍ରତି ପରାମର୍ଶ ଦିଆଯାଇଛି। ଠକେଇ ରୋକିବାକୁ ଦୁଇ ପକ୍ଷରୁ ନୋଡାଲ ଅଫିସର ନିଯୁକ୍ତ କରାଯିବ। ହାରୋ ପକ୍ଷରୁ ଦୁଇରୁ ୩ଜଣ ଆଇଟି ବିଶେଷଜ୍ଞ ଓ କ୍ରାଇମବ୍ରାଞ୍ଚର ସାଇବର ଉଇଙ୍ଗ୍ ପକ୍ଷରୁ ଜଣେ ନୋଡାଲ ଅଫିସର ରହିବେ। ଏଥିସହ ଏହି ଠକେଇ ଘଟଣାକୁ ପରିଚାଳନା ଓ ପର୍ଯ୍ୟଟକଙ୍କୁ ସହଯୋଗ କରିବାକୁ ହୋଟେଲ କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ତାଲିମ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ଜୁଲାଇ ୨୭ ଏବଂ ୩୧ରେ ଓଡ଼ିଶାର ଦୁଇ ଅଗ୍ରଣୀ ହୋଟେଲ ନାଁରେ ସାଇବର ଠକେଇ ଘଟଣାକୁ କେନ୍ଦ୍ର କରି ପୃଥକ ମାମଲା ରୁଜୁ କରାଯାଇଛି। ଏଭଳି ଏକାଧିକ ଠକେଇ ଘଟଣା ମଧ୍ୟ ନଜରକୁ ଆସିଛି। ଅଧିକାଂଶ ପର୍ଯ୍ୟଟକ ଏବେ ଅନଲାଇନ ଦ୍ୱାରା ହୋଟେଲ ବୁକିଂ କରୁଛନ୍ତି। ସାଇବର ଠକମାନେ ଓଡ଼ିଶାର ହୋଟେଲଗୁଡ଼ିକ ନାଁରେ ଫେକ୍ ୱେବ୍‌ସାଇଟ୍ ଖୋଲିଛନ୍ତି। ବିଶେଷକରି ଅଧିକ ପର୍ଯ୍ୟଟକ ଆସୁଥିବା ପୁରୀସ୍ଥିତ ହୋଟେଲଗୁଡ଼ିକୁ ସାଇବର ଠକମାନେ ଟାର୍ଗେଟ୍ କରୁଛନ୍ତି। ପର୍ଯ୍ୟଟକମାନେ ଉକ୍ତ ୱେବ୍‌ସାଇଟ୍‌କୁ ସତ ବୋଲି ଭାବି ବୁକିଙ୍ଗ୍ କରିବା ପରେ ଟଙ୍କା ଜମା କରୁଛନ୍ତି। ପରେ ବୁକିଂ ଭାଉଚର୍‌କୁ ନେଇ ଉକ୍ତ ହୋଟେଲ୍‌କୁ ଯିବା ପରେ ସେମାନେ ଠକେଇର ଶିକାର ହେଉଥିବା ଜାଣିବାକୁ ପାଉଛନ୍ତି। ତେବେ ଅଧିକାଂଶ ଘଟଣାରେ ପର୍ଯ୍ୟଟକମାନେ ଏନେଇ ଥାନାରେ ଏତଲା ଦେଉନାହାନ୍ତି ଫଳରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କଷ୍ଟକର ହେଉଛି। ତେଣୁ ଏନେଇ ହୋଟେଲ ମାଲିକ ଓ କର୍ମଚାରୀମାନେ ସଚେତନ ହେବା ସହ ପର୍ଯ୍ୟଟକମାନଙ୍କୁ ସେମାନେ କିପରି ସାହାଯ୍ୟ କରିପାରିବେ ସେନେଇ ବୈଠକରେ ପରାମର୍ଶ ଦିଆଯାଇଥିଲା। ଏହି ଠକେଇ ଘଟଣା ସଂକ୍ରାନ୍ତରେ ପୋଲିସକୁ ଜଣାଇବା ପାଇଁ ମାଲିକମାନଙ୍କୁ ଅନୁରୋଧ କରାଯାଇଛି। ଏହି ବୈଠକରେ 'ହାରୋ'ର ଅଧ୍ୟକ୍ଷ ଜେ.କେ. ମହାନ୍ତି, ଉପ ଅଧ୍ୟକ୍ଷ ଜୋୱାଥନ୍ ରାଉଲ, କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ସୁବୁଧି, କାର୍ଯ୍ୟକାରୀ ସମ୍ପାଦକ କେ.କେ ରାଓ, କୋଷାଧ୍ୟକ୍ଷ ସୁଜିତ କୁମାର ମହାପାତ୍ର, ସଦସ୍ୟ ରବି ନାରାୟଣ ସାହୁ ଓ ସୋମନାଥ ବାନାର୍ଜୀ ଉପସ୍ଥିତ ଥିଲେ। ସେହିପରି କ୍ରାଇମବ୍ରାଞ୍ଚ ଆଇଜିପି ସେଫିନ୍ ଅହମ୍ମଦ କେ, ଅତିରିକ୍ତ ଏସ୍‌ପି ଶିସିର ମିଶ୍ର, ଇନ୍‌ସ୍ପେକ୍ଟର ଅନିଲା ଆନନ୍ଦ ମଧ୍ୟ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ସାଇବର ଠକେଇ ରୋକିବାକୁ ସରକାର ସହଯୋଗ କରିବାକୁ ଆସୋସିଏଶନର ଅଧ୍ୟକ୍ଷ ଗତ ଜୁଲାଇ ୨୪ରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଚିଠି ଲେଖିଥିଲେ।




# ଅସୁସ୍ଥ ଛୁଆକୁ ଛାଡ଼ି ପଳାଇଲା ମା' ହାତୀ

**ନିଆଁହୁଳା ମାଡ଼ ଘଟଣା**

କରଞ୍ଜିଆ(କବିତା ମହାନ୍ତ)/ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ),୧।୮

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ରରୁଆଁ ସେକ୍ସନର ଜାମୁଡି ମୁଣ୍ଡାସାହି ନିକଟରେ ନିଆଁହୁଳା ମାଡ଼ରେ ଆହତ ମା' ହାତୀ ତା'ର ଛୁଆକୁ ଛାଡ଼ି ପଳାଇଛି। ମାତୃତ୍ୱ ସ୍ନେହରୁ ବଞ୍ଚିତ ଉକ୍ତ ଛୁଆହାତୀ ଅସୁସ୍ଥ ହୋଇପଡ଼ିବାରୁ ବନବିଭାଗ ତାକୁ ଉଦ୍ଧାର କରି ଚିକିତ୍ସା ଜାରି ରଖିଛି। ସୋମବାର ବିଳମ୍ବିତ ରାତିରେ ୨୩ଟିକିଆ ହାତୀପଲ ରରୁଆଁ ବ୍ଲକ ପାର୍ବତୀପୁର ଗ୍ରାମ ଜଙ୍ଗଲରୁ ଝାଡ଼ଖଣ୍ଡ ଫେରିଯିବା ବେଳେ ମା' ହାତୀ ଛୁଆକୁ ସାଙ୍ଗରେ ନ ନେଇ ଛାଡ଼ି ପଳାଇଛି। ଉଦ୍ଧାର ହାତୀ ଛୁଆକୁ ଜାମୁଡି ଅଙ୍ଗନୱାଡ଼ି କେନ୍ଦ୍ରଠାରେ ରଖି ଚିକିତ୍ସା କରାଯାଉଛି। ହାତୀ ଛୁଆ ସାମାନ୍ୟ ସୁସ୍ଥ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ସମୟ ଲାଗିବ ବୋଲି ବନ ବିଭାଗ କହିଛି। ମା' ହାତୀର ପିଠି ନିଆଁଖୁଲ ଏବଂ ମୋବିଲ ଦ୍ୱାରା ପୋଡ଼ି ଯାଇଥିବାରୁ ହାତୀ ଗୋଠରେ ସେ ହାତୀ ଛୁଆକୁ ସାମିଲ କରିନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ହାତୀ ଛୁଆର ଚିକିତ୍ସା ପାଇଁ କେନ୍ଦୁଝର ଜିଲାରୁ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କୁ ଡକାଯାଇଥିବା କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ସୂଚନା ଦେଇଛନ୍ତି।


ଅସୁସ୍ଥ ହାତୀଛୁଆ

**ଆଜିର ମନ୍ତବ୍ୟ**

"ଦିଲ୍ଲୀକୁ ନେଇ ପାର୍ଲାମେଣ୍ଟ ଯେକୌଣସି ଆଇନ ପ୍ରଣୟନ କରିପାରିବ ବୋଲି ସୁପ୍ରିମକୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି। କେବଳ ରାଜନୀତି ପାଇଁ ଅଧାଦେଶକୁ ବିରୋଧ କରାଯାଉଛି।
– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଷି ଚଲଣା;**
**ତୋ' ଲାଗି ମୋ ଘରେ**
**ନିତି ବୋଲଣା।**

ପ୍ରେମୀଯୁଗଳ ପାଇଁ ଏ ସମାଜ ସେତେଟା ସହଜ ହୋଇନଥାଏ। ଉଚ୍ଚ, ନୀଚ, ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ପରି ଦଣ୍ଡାୟମାନ ହୋଇ ରହିଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇଯାଇଥାଏ। ମନର ମଣିଷକୁ ଆପଣାର କରିବାକୁ ଯାଇ ଚାରିଆଡ଼େ ଚର୍ଚ୍ଚା ଓ ବଦନାମ। ଫଳସ୍ୱରୂପ ଘରର ଗୁରୁଜନମାନଙ୍କଠାରୁ ମାଡ଼ଗାଳି, ଭର୍ତ୍ସନା ଆଦି ଶୁଣି ଦୁଃଖରେ ମ୍ରିୟମାଣ ହୋଇପଡିଥିବା ପ୍ରେମୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୂଅ ନନ୍ଦ !**
**କିଏ ଜାଣିଥିଲା, ଏତେ ଛନ୍ଦା।**

କାହାର କି ଗୁଣ ଅଥବା ଖୁଣ ଅଛି ତାହା ହଠାତ୍ ଜଣାପଡ଼ି ନ ଥାଏ। ତେବେ ସମୟ ଆସିଲେ ବଳେ ତାହା ଜଣାପଡ଼ିଯାଇଥାଏ। ଯାହାର ପ୍ରକୃତି ମନ୍ଦ, ତାହା ଦିନେ ନା ଦିନେ ଧରା ପଡ଼ିଯାଇଥାଏ। ଉପରକୁ ଭଦ୍ର ଜଣାପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସମ୍ବଲପୁରୀ ଦିନ୍ ଅବସରରେ ମଙ୍ଗଳବାର ସମ୍ବଲପୁର ଟାଉନ ହଲ୍‌ଠାରେ ସୁଆଦିଆ ଖାଦ୍ୟ ପରସାଯାଉଛି।

# ଜବ୍ ସ୍କାମ୍: ସିବିଆଇ ତଦନ୍ତ ଦାବି କଲେ ପରୀକ୍ଷାର୍ଥୀ

- ଭିଡିଓ କଲ୍ ମାଧ୍ୟମରେ କଥା ହେଲେ ଓଏସ୍‌ଏସ୍‌ସି ଅଧ୍ୟକ୍ଷ
- ଛାତ୍ରୀଛାତ୍ର କହିଲେ ଏନ୍‌ଟିଏ ଜରିଆରେ ପରୀକ୍ଷା ହେଉ
- ଆଗକୁ ଆନ୍ଦୋଳନ ତୀବ୍ର ହେବ କହିଲେ ବିରୋଧୀ

ଭୁବନେଶ୍ୱର, ୧।୮ (ସୁନିତ୍ ମିଶ୍ର)

ଓଏସ୍‌ଏସ୍‌ସି(ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ) ଦ୍ୱାରା ପରିଚାଳିତ ୨୦୨୦-୨୩ ମଧ୍ୟରେ ହୋଇଥିବା ସମସ୍ତ ପରୀକ୍ଷାକୁ ବାତିଲ କରାଯାଉ। ଏହିସବୁ ପରୀକ୍ଷା ପୁଣିଥରେ ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ଅନ୍‌ଲାଇନ ମାଧ୍ୟମରେ କରାଯାଉ। ଜାତୀୟ ସ୍ତରରେ ଏନ୍‌ଟିଏ ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଯେପରିକି ୟୁଜିସି-ନେଟ୍, ନିଟ୍, ଆଇଆଇଟି ଆଦି ପରିଚାଳନା କରିଥାଏ। ତେଣୁ ଏନ୍‌ଟିଏ ପରୀକ୍ଷା ପରିଚାଳନା ଦେବାକୁ ଶତାଧିକ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏହାସହ ୟୁଏଲ୍‌ବି ଆକାଉଣ୍ଟାଣ୍ଟ ଏବଂ ଜେଇ(ସିଭିଲ) ପରୀକ୍ଷାପତ୍ର ଲିକ୍ ଘଟଣାର ସିବିଆଇ ତଦନ୍ତ କରିବାକୁ ମଧ୍ୟ ଦାବି ଜୋର୍ ଧରିଛି। ମଙ୍ଗଳବାର ପରୀକ୍ଷାର୍ଥୀମାନେ ବର୍ଷାରେ ଭିଜିଭିଜି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି।

ଶତାଧିକ ଛାତ୍ରୀଛାତ୍ର ଷ୍ଟେଟ୍ ଲାଇବ୍ରେରି ପାଖରୁ ଏକ ରାଲିରେ ବାହାରି ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲେ। ଏହି ଆସିବା ବାଟରେ ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଆସିଥିଲେ। ଏହାପରେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ବାହାରେ ବସି ସରକାର ବିରୋଧୀ ସ୍ଲୋଗାନ ପରେ ସ୍ଲୋଗାନ ଦେଇ ଚାଲିଲେ। ସେମାନେ ଓଏସ୍‌ଏସ୍‌ସି ପରୀକ୍ଷାର ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ମଧ୍ୟ ସେମାନେ ଦାବି କରିଛନ୍ତି। ସେମାନେ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଯେପରି ବଜାରରେ ବିଭିନ୍ନ ଜିନିଷ ନିଲାମ ହେବା ବେଳେ ଦର ଡକାଯାଏ ସେମିତି ସେମାନେ ଡାକିକି ପ୍ରତିବାଦ କରିଛନ୍ତି। ଅନ୍ୟପଟେ ପିଲାଙ୍କଠାରୁ ଟଙ୍କା ନେଇ ଚାକିରି ବିକ୍ରି କରୁଛନ୍ତି। ଏହି ଟଙ୍କା ନିର୍ବାଚନରେ ଲଢ଼େଇବେ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଛାତ୍ରୀଛାତ୍ରଙ୍କ କ୍ଷମତା ସେମାନେ ଦେଖାଇ ଦେବେ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଏହାସହ ଚାକିରି ବିକ୍ରି ନ ହେଉ, ଆସନ୍ତା ୩ ତାରିଖରେ ହେବାକୁ ଥିବା ମେନ୍ ପରୀକ୍ଷା ସ୍ୱଚ୍ଛତାରେ ହେଉ ଏବଂ ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଛାତ୍ରୀଛାତ୍ରମାନେ ବର୍ଷାରେ ଭିଜି ଦାବି କରିଛନ୍ତି। ବର୍ଷାରେ ଓଦାହୋଇ ଓଏସ୍‌ଏସ୍‌ସି ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି ନେବାକୁ ସେମାନେ କାର୍ଯ୍ୟାଳୟ ବାହାରେ ଅଡି ବସିଥିଲେ। ଅନେକ ସମୟ ଧରି ଅଧ୍ୟକ୍ଷ ସେଠାକୁ ଆସି ନ ଥିବା ବେଳେ ଭିଡିଓ କଲ୍ ମାଧ୍ୟମରେ ଅଭିଯୋଗ ଶୁଣି ଏହାର ବିଚାର କରାଯିବ ବୋଲି କହିଥିଲେ। ହେଲେ ପରୀକ୍ଷାର୍ଥୀମାନେ ଏଥିରେ ବୁଝି ନ ଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ପରୀକ୍ଷା ପତ୍ର ଲିକ୍ ମାମଲାରେ ଓଏସ୍‌ଏସ୍‌ସି କର୍ମଚାରୀଙ୍କ ହାତ ରହିଛି, ସେମାନଙ୍କୁ ଧରାଯାଉ। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାପରେ ଯାଇ ଜବ୍ ସ୍କାମ୍ ବନ୍ଦ ହେବ ବୋଲି ସେମାନେ ମତ ରଖିଥିଲେ। ଓଏସ୍‌ଏସ୍‌ସି କାର୍ଯ୍ୟାଳୟ କେବଳ ନୁହେଁ ବରଂ ଲୋୟର ପିଏମ୍‌ଜିରେ ମଧ୍ୟ ପରୀକ୍ଷାର୍ଥଙ୍କ ପ୍ରତିବାଦ ଦେଖିବାକୁ ମିଳିଛି। ସରକାରଙ୍କ ଦ୍ୱାରା କରାଯାଇଥିବା ଏକାଧିକ ପରୀକ୍ଷାରେ ହୋଇଥିବା ତ୍ରୁଟି ବିରୋଧରେ ସେମାନେ ପ୍ରତିବାଦ କରିଥିଲେ। ଜଣେ ପରୀକ୍ଷାର୍ଥୀ କହିଥିଲେ , ସେମାନଙ୍କ ଓଏସ୍‌ଏସ୍‌ସି ଏବଂ ଏହାର ଅଧ୍ୟକ୍ଷ, ସରକାରଙ୍କ ଉପରେ ଭରସା ନାହିଁ। ସେମାନେ ଆଗ ଲିଖିତ ଆକାରରେ ପ୍ରତିଶ୍ରୁତି ଦିଅନ୍ତୁ। ଏଭଳି ଘଟଣା ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଆଗକୁ କ'ଣ ନେବେ। ଏହାର ସିବିଆଇ ତଦନ୍ତ ଦାବି କରିଥିଲେ। ଅନ୍ୟ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ଆଗରୁ ଓଏସ୍‌ଏସ୍‌ସି କରିଥିବା ଅନେକ ପରୀକ୍ଷାରେ ସ୍କାମ୍ ହୋଇଛି। ଓଏସ୍‌ଏସ୍‌ସି ଅଧ୍ୟକ୍ଷଙ୍କ ମାଧ୍ୟମରେ ଏହି ସ୍କାମ୍ ହୋଇଛି। ସେ କେବଳ ମନ ବୁଝାଇବାକୁ ଗୋଟେ ଭିଡିଏ କଲ୍ କରିଛନ୍ତି।

ଅନ୍ୟପଟେ ଏହି ଘଟଣାରେ ରାଜନୀତି ଜୋର୍ ଧରିଛି। କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଲୋୟର ପିଏମ୍‌ଜିରେ ଧାରଣା ଦେଉଥିବା ଛାତ୍ରୀଛାତ୍ରଙ୍କୁ ଭେଟିବା ପରେ କହିଛନ୍ତି, ପିଲାମାନଙ୍କ ପାଖରେ ଚାକିରିର ବ୍ୟବସ୍ଥା ନାହିଁ। ଯାହା ଚାକିରି ଅଛି ସେଥିରେ ଯଦି ଏଭଳି ପ୍ରଶ୍ନପତ୍ର ଲିକ୍ ହେବ, ଯଦି ଟଙ୍କା ଦେଇ କେତେଜଣ ଚାକିରି ଚୋରାଇ ନେବେ ତେବେ ମେରିଟ୍‌ର ଅର୍ଥ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏହା ବଡ଼ ଦାୟିତ୍ୱ ଯେ ଏଥିରେ ସ୍ୱଚ୍ଛତା ଆସିବା ଦରକାର ବୋଲି ସେ କହିଛନ୍ତି। ଭାଜପା ନେତା ସୁରଥ ବିଶ୍ୱାଳ ପିଲାମାନଙ୍କୁ ଭେଟି କହିଛନ୍ତି, ଏହି ଦୁର୍ନୀତି ପଛରେ ଅଫିସରମାନେ ଅଛନ୍ତି। ଏଥିରେ ବହୁ ବଡ ଅଫିସର ଅଛନ୍ତି। ଲକ୍ଷ ଲକ୍ଷ ଟଙ୍କାର କାରବାର ଏହାଦ୍ୱାରା ହେଉଛି। ଏକଥା ଶୁଣୁଥିଲୁ ଏବେ ଅନୁଭବ ହେଲା। ଆଗକୁ ଏନେଇ ସ୍ୱର ଉଠିବ ବୋଲି ବିଶ୍ୱାଳ କହିଛନ୍ତି।

# ରାଜ୍ୟର ୪୪ଟି ବ୍ଲଡ୍ ବ୍ୟାଙ୍କରେ କାର୍ଯ୍ୟକାରୀ ହେବ ନାଟ୍ ପଦ୍ଧତି

- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୭୦ କୋଟି ଖର୍ଚ୍ଚ ଆକଳନ
- ଏବେ ସୁଦ୍ଧା ୩ ହଜାର ରକ୍ତ ସଂକ୍ରମିତ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୧।୮ (ଅଭିଜିତ ଦାସ)


ରାଜ୍ୟରେ ରକ୍ତ ସଂକ୍ରମଣଜନିତ ରୋଗୀଙ୍କ ସଂଖ୍ୟା ବଢି ଚାଲିଛି। ଅଧିକାଂଶ ରକ୍ତ ସଂକ୍ରମିତ ରୋଗୀ ଗ୍ରାମାଞ୍ଚଳରୁ ଚିହ୍ନଟ ହେଉଥିବାବେଳେ ୨୦ରୁ ୩୦ ପ୍ରତିଶତ ସହରାଞ୍ଚଳରେ ଦେଖିବାକୁ ମିଳୁଛି। ତେବେ ରକ୍ତଜନିତ ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ଲାଗି ସମସ୍ତ ଜିଲା ବ୍ଲଡ୍ ବ୍ୟାଙ୍କରେ ନ୍ୟୁକ୍ଲିକ୍ ଏସିଡ୍ ପରୀକ୍ଷଣ(ନାଟ୍) ପଦ୍ଧତିରେ ରକ୍ତ ନମୁନାର ପରୀକ୍ଷା କରାଯିବ। ଏଥିଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୭୦ କୋଟି ଟଙ୍କା ଖର୍ଚ୍ଚର ଆକଳନ କରାଯାଇଛି। ବିଶ୍ୱର ୨୭ଟି ଦେଶରେ ନାଟ୍ ପଦ୍ଧତି କାର୍ଯ୍ୟକାରୀ ହେଉଥିବାବେଳେ ରାଜ୍ୟ ସରକାର ଉକ୍ତ ବ୍ୟବସ୍ଥାକୁ ସମସ୍ତ ଜିଲାରେ କାର୍ଯ୍ୟକାରୀ କରିବାକୁ ନିଷ୍ପତି ନେଇଛନ୍ତି।

ରକ୍ତରେ ଏଚ୍.ଆଇ.ଭି ୧ ଓ ୨, ହେପାଟାଇଟିସ୍ ବି ଏବଂ ସି ଆଦି ସଂକ୍ରମଣଜନିତ ରୋଗର ଠିକ୍ ନିରୂପଣ କରିବ ନାଟ୍ ପଦ୍ଧତି। ପୂର୍ବରୁ ରାଜ୍ୟରେ ୫ଟି ବ୍ଲଡ୍‌ବ୍ୟାଙ୍କରେ ନାଟ୍ ପଦ୍ଧତି କାର୍ଯ୍ୟକାରୀ କରାଯାଇଥିବାବେଳେ ବର୍ତ୍ତମାନ ୧୧ଟି ବ୍ଲଡ୍‌ବ୍ୟାଙ୍କରେ ନାଟ୍ ପଦ୍ଧତି ଜରିଆରେ ରକ୍ତ ନମୁନାର ପରୀକ୍ଷଣ କରାଯାଉଛି। ତେବେ ଖୁବ୍‌ଶୀଘ୍ର ଆଉ ୪୪ଟି ବ୍ଲଡ୍‌ବ୍ୟାଙ୍କରେ ଏହି ପଦ୍ଧତି କାର୍ଯ୍ୟକାରୀ କରାଯିବ। ନାଟ୍ ପଦ୍ଧତି ୨ ପ୍ରକାର ହୋଇଥିବାବେଳେ ପୂର୍ବରୁ ରାଜ୍ୟରେ ଏମ୍‌ପି-ନାଟ୍‌ରେ ରକ୍ତ ପରୀକ୍ଷଣ କରାଯାଉଥିଲା। ବର୍ତ୍ତମାନ ଆଇଡି-ନାଟ୍‌ରେ ରକ୍ତ ପରୀକ୍ଷଣ କରାଯିବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରୋଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଉକ୍ତ ପଦ୍ଧତି ଜରିଆରେ ପ୍ରତ୍ୟେକ ରୋଗୀଙ୍କ ଲାଗି ୧ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିବାବେଳେ ଏ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ନାଟ୍‌ପଦ୍ଧତିରେ ରୋଗୀଙ୍କ ରକ୍ତ ସଂକ୍ରମଣଜନିତ ରୋଗର ନିରୂପଣର ଠିକ୍ ରିପୋର୍ଟ ମିଳୁଥିବାରୁ ୨୦୧୨ରେ ହାଇକୋର୍ଟ ଉକ୍ତ ପଦ୍ଧତିକୁ ଆପଣାଇବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ରେ ରାଜ୍ୟରେ ନାଟ ପଦ୍ଧତିରେ ରକ୍ତ ପରୀକ୍ଷଣ ଆରମ୍ଭ ହୋଇଥିଲା। ଉକ୍ତ ପଦ୍ଧତିରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ୭୧ ହଜାର ରୋଗୀଙ୍କ ରକ୍ତ ନମୁନା ପରୀକ୍ଷଣ କରାଯାଇଥିବାବେଳେ ସେଥିରୁ ୩ ହଜାର ୯୪ ଜଣ ବିଭିନ୍ନ ପ୍ରକାର ରକ୍ତ ସଂକ୍ରମିତ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏଥିଲାଗି ୨୦୨୩ ଜୁଲାଇ ସୁଦ୍ଧା ବିଭାଗ ପକ୍ଷରୁ ୮୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏବେ ପ୍ରତିବର୍ଷ ପ୍ରାୟ ୨୦ କୋଟି ଖର୍ଚ୍ଚ ହେଉଥିବାବେଳେ ଆଗକୁ ବୃଦ୍ଧି ଘଟିବ ବୋଲି କୁହାଯାଇଛି।

# ସମ୍ବଲପୁରୀ ପାଟବସ୍ତ୍ର ପିନ୍ଧି ଦର୍ଶନ ଦେଲେ ସମଲେଇ

ସମ୍ବଲପୁର, ୧।୮ (ଶୁଭାଶିଷ ପାଢ଼ୀ)



ସମ୍ବଲପୁରୀ ଦିନ୍ ପାଳନ ଅବସରରେ ମଙ୍ଗଳବାର ସମ୍ବଲପୁରର ଅଧିଷ୍ଠାତ୍ରୀ ମା' ସମଲେଶ୍ୱରୀ ସମ୍ବଲପୁରୀ ଶାଢିରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। କେବଳ ମା' ସମଲେଶ୍ୱରୀ ନୁହନ୍ତି, ମନ୍ଦିରର ପାର୍ଶ୍ୱ ଦେବଦେବୀ ଓ ବାହନ ସିଂହ ମଧ୍ୟ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଛନ୍ତି। ମା ' ସମଲେଶ୍ୱରୀ, ମା' ସିଦ୍ଧିଦାତ୍ରୀଙ୍କ ପାଇଁ ସମ୍ବଲପୁରୀ ଶାଢି, ଭୈରବୀଙ୍କ ପାଇଁ ଧଳା ସମ୍ବଲପୁରୀ ଗାମୁଛା, ବଜରଙ୍ଗବଲୀଙ୍କ ପାଇଁ ଗେରୁଆ ରଙ୍ଗର ସମ୍ବଲପୁରୀ ଲୁଗା, ମା' କାଳୀ ଓ ଅନ୍ୟ ପାର୍ଶ୍ୱ ଦେବୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ପୋଷାକ ଏବଂ ମନ୍ଦିର ପରିସରରେ ଥିବା ସିଂହବାହନ ପାଇଁ ସମ୍ବଲପୁରୀ ସପ୍ତାପରି ଲୁଗା ପ୍ରସ୍ତୁତ କରାଯାଇଥିଲା। ମା' ସମଲେଶ୍ୱରୀ ସମ୍ବଲପୁରୀ ପୋଷାକ ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଲେ ଏହି ସଂସ୍କୃତି ଆହୁରି ବୃଦ୍ଧିମନ୍ତ ହେବ ବୋଲି ମତପ୍ରକାଶ ପାଉଛି।

# ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କୁ ମିଳିଲା ଅନ୍ତରୀଣ ସୁରକ୍ଷା

କଟକ, ୧।୮ (କାର୍ତ୍ତିକ ସାହୁ)

ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାଶ ସୌରିନ୍‌ଙ୍କ ଆଗୁଆ ଜାମିନ ଆବେଦନ ମାମଲାର ମଙ୍ଗଳବାର ଶୁଣାଣି କରି ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ସୌରିନ୍ ନିର୍ଦ୍ଧାରିତ ତାରିଖରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବା ସହ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କ ବୟାନ ସିଆର୍‌ପିସି ଧାରା ୧୬୪ରେ ରେକର୍ଡ କରି ଦାଖଲ ପାଇଁ ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ସ୍ୱର୍ଗଦ୍ୱାରରେ ହରିଶ୍ଚନ୍ଦ୍ର ସହାୟତା ରାଶି ୪ହଜାରକୁ ବୃଦ୍ଧି

## ଖୁବ୍‌ଶୀଘ୍ର ସ୍ୱର୍ଗଦ୍ୱାର ଆପ୍, ୱେବ୍‌ସାଇଟ ଲଞ୍ଚ

ପୁରୀ, ୧।୮ (ଅଜିତ ମହାନ୍ତି)

ସ୍ୱର୍ଗଦ୍ୱାରକୁ ଦାହ ସଂସ୍କାର ପାଇଁ ଆସୁଥିବା ବ୍ୟକ୍ତି ବିଶେଷମାନଙ୍କୁ ଶୋଷଣମୁକ୍ତ କରିବା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ବିଭିନ୍ନ ପ୍ରକାର ସେବାର ବ୍ୟବସ୍ଥା କରାଯାଇଛି। ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ହରିଶ୍ଚନ୍ଦ୍ର ଯୋଜନା ରାଶିକୁ ୩ହଜାରରୁ ୪ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଯାହା ସୋମବାର ମଧ୍ୟ ରାତ୍ରରୁ ଲାଗୁ ହୋଇଛି। ଏହାସହିତ ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରୁ ସେବା ନେଇଥିବା ବ୍ୟକ୍ତିମାନଙ୍କ ରେଜିଷ୍ଟର ମୋବାଇଲ ନମ୍ବରକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ବାର୍ତ୍ତା ପଠାଇବା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଫଳରେ ଯଦି କେହି ତାଙ୍କ ରସିଦ ହଜାଇ ଦେଇଥାନ୍ତି, ତେବେ ରେଜିଷ୍ଟ୍ରେଶନ ନମ୍ବର ଦେଖାଇ ପୁଣି ସହଜରେ ଡୁପ୍ଲିକେଟ ରସିଦ ପାଇପାରିବେ। ସେହିପରି ପୂର୍ବରୁ ହରିଶ୍ଚନ୍ଦ୍ର ସହାୟତା ପାଉଥିବା ବ୍ୟକ୍ତି ବିଶେଷ ଦାହ କାର୍ଯ୍ୟ ପାଇଁ ଦେଢ଼ କୁଇଣ୍ଟାଲ କାଠ ପାଉଥିବା ବେଳେ ଏବେ ଏହାକୁ ବୃଦ୍ଧି କରି କୁଇଣ୍ଟାଲ ୮୦କେଜି କରାଯାଇଛି। ସେହିପରି ପଥ ଶ୍ରାଦ୍ଧ ସାମଗ୍ରୀ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ରାଶିରେ ଅନ୍ତର୍ଭୁକ୍ତ କରାଯାଇଛି। ସଂସ୍କାର ସାମଗ୍ରୀରେ ଘିଅ ପରିମାଣ ବୃଦ୍ଧି କରି ୨୦୦ରୁ ୩୦୦ଗ୍ରାମ କରାଯାଇଛି। ଶବ ସଂସ୍କାର କରିବାକୁ ଆସୁଥିବା ବ୍ୟକ୍ତି ବିଶେଷ କାଠ ବୋହି କି ନେବା ପାଇଁ ପୂର୍ବରୁ କେବଳ ଟ୍ରଲି ବ୍ୟବସ୍ଥା ଥିଲା, ଏହି ବ୍ୟବସ୍ଥାରେ ସୁଧାର ଆଣି କାଠ ବୋହିବା ପାଇଁ ୭ଜଣ ପରିବହନ ସେବକ ମୁତୟନ କରାଯାଇଛି। ଫଳରେ ମୃତ ବ୍ୟକ୍ତି ଦାହ ସଂସ୍କାର ସ୍ଥାନକୁ ଏହି ସେବକମାନେ ଟ୍ରଲି ସାହାଯ୍ୟରେ କାଠ ବୋହି କି ନେଇପାରିବେ। ସେହିପରି ଦାହ ସଂସ୍କାର କରୁଥିବା ସେବକମାନଙ୍କୁ ବୀମା ଅନ୍ତର୍ଭୁକ୍ତ କରିବା ସହିତ ସେମାନଙ୍କୁ ବିବାହ ଓ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି ବୋଲି ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲାପାଳ ଭବତାରଣ ସାହୁ ସୂଚନା ପ୍ରଦାନ କରିଛନ୍ତି। ଜିଲାପାଳ ସମର୍ଥ ବର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱର୍ଗଦ୍ୱାର ସଂସ୍କାର କାର୍ଯ୍ୟ ଜାରି ରହିଥିବାବେଳେ ଏହାର ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ପ୍ରତ୍ୟେକ ଦିନ କିଛି ନା କିଛି ନୂତନ ବ୍ୟବସ୍ଥା ଲାଗୁ କରାଯାଉଛି। ଖୁବ୍‌ଶୀଘ୍ର ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ଆପ୍ ଓ ୱେବ୍‌ସାଇଟ ଲଞ୍ଚ ପାଇଁ ମଧ୍ୟ ବ୍ୟବସ୍ଥା ହେଉଛି ବୋଲି ସେବା ସମିତି କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୨୬ ବର୍ଷର ରେକର୍ଡ...

ଭଦ୍ରକର ଭଣ୍ଡାରିପୋଖରୀରେ ୯୩, ପୁରୀ ସହରରେ ୯୦, ଭଦ୍ରକର ଚାନ୍ଦବାଲିରେ ୮୮.୯, ପିପିଲିରେ ୮୫, ଖୋର୍ଦ୍ଧାର ଜଟଣୀରେ ୮୫, କଟକରେ ୮୩.୨, ମୟୂରଭଞ୍ଜର ରାଇରଙ୍ଗପୁରରେ ୮୨, କେନ୍ଦ୍ରାପଡ଼ାର ରାଜକନିକାରେ ୮୧ ଓ ବରଗଡ଼ର ବରପାଲିରେ ୭୨ ମିମି ବର୍ଷା ରେକର୍ଡ କରାଯାଇଛି। ସମ୍ଭାବ୍ୟ ବର୍ଷାକୁ ଦେଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବା ସହିତ କ୍ଷୟକ୍ଷତି ସମ୍ପର୍କରେ ନିୟମିତ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟକୁ ଜଣାଇବାକୁ କୁହାଯାଇଛି।

## ମୋଦିଙ୍କୁ ବିଜେଡିର...

ଲୋକ ସଭା ଓ ରାଜ୍ୟ ସଭାରେ ବିଜେଡି ପକ୍ଷରୁ ଏମ୍‌ପିମାନଙ୍କ ପାଇଁ ୩ ଧାଡ଼ିଆ ହୁଇପ୍ ଜାରି କରାଯାଇଛି। ରାଜ୍ୟ ସଭାରେ ବିଜେଡିର ୯ ଏମ୍‌ପି ଅଛନ୍ତି। ୱାଇଏସ୍‌ଆର୍ କଂଗ୍ରେସର ମଧ୍ୟ ଉଚ୍ଚ ସଦନରେ ୯ ସଦସ୍ୟ ରହିଛନ୍ତି। ଦୁଇଦଳର ଏମ୍‌ପିଙ୍କୁ ମିଶାଇଲେ ୧୮ ହେଉଥିବାରୁ ଦିଲ୍ଲୀ ଅମଲାତନ୍ତ୍ରୀ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ବିଲ୍‌କୁ ଗୃହୀତ କରାଇବାରେ ଅସୁବିଧା ହୋଇ ନ ପାରେ। ଏନ୍‌ଡିଏ ଅଂଶିଦାର ନ ହୋଇ ମଧ୍ୟ ଏହି ଦୁଇ ଦଳ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୋଦି ସରକାରଙ୍କୁ ସମର୍ଥନ କରିଆସିଛନ୍ତି।

୨୩୮ ଆସନ ବିଶିଷ୍ଟ ରାଜ୍ୟ ସଭାରେ ଶାସକ ଏନ୍‌ଡିଏର ଏମ୍‌ପିଙ୍କ ସଂଖ୍ୟା ୧୦୦ରୁ ଅଧିକ। ମନୋନୀତ, ସରକାରଙ୍କୁ ସମର୍ଥନ କରିଆସୁଥିବା ସ୍ୱାଧୀନ ଏମ୍‌ପି ଏବଂ ବିଜେଡି-ୱାଇଏସ୍‌ଆର୍‌ସିପି ସଦସ୍ୟଙ୍କ ସମର୍ଥନ ମିଳିଲେ ସରକାର ସଂଖ୍ୟାଗରିଷ୍ଠତା ହାସଲ କରି ଅନାୟାସରେ ବିଲ୍‌କୁ ଗୃହୀତ କରାଇନେବେ। ଅନ୍ୟପକ୍ଷେ ରାଜ୍ୟ ସଭାରେ 'ଇଣ୍ଡିଆ'ର ପ୍ରାୟ ୧୦୯, ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ କପିଲ ସିବଲଙ୍କ ଭଳି କେତେଜଣ ସ୍ୱାଧୀନ ଏମ୍‌ପି ଉକ୍ତ ବିଲ୍ ବିରୋଧରେ ଭୋଟ ଦେଇପାରନ୍ତି ବୋଲି ଜଣେ ବରିଷ୍ଠ ନେତା କହିଛନ୍ତି। ରାଜ୍ୟ ସଭାର ମୋଟ ଆସନ ସଂଖ୍ୟା ୨୪୩। କିନ୍ତୁ କେତୋଟି ଆସନ ଖାଲି ପଡ଼ିଛି। ଇଣ୍ଡିଆର ୨୬ ଦଳ ମଧ୍ୟରୁ ୧୮ ଦଳର ମୋଟ ସଦସ୍ୟ ସଂଖ୍ୟା ୧୦୧। ଏହି ବ୍ଲକ୍ ସହ ବିଆର୍‌ଏସ୍‌ର ୭ ଏମ୍‌ପି ବିଲ୍‌କୁ ବିରୋଧ କରିପାରନ୍ତି। ଲୋକ ସଭାରେ ମୋଟ ଆସନ ସଂଖ୍ୟା ୫୪୩ ହୋଇଥିବାବେଳେ ୬ ଆସନ ଖାଲିପଡ଼ିଛି। ନିମ୍ନ ସଦନରେ କେବଳ ଭାଜପାର ସଦସ୍ୟ ସଂଖ୍ୟା ୩୦୫ ହୋଇଥିବାରୁ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ନିଶ୍ଚିତ। ଏଭଳି ସ୍ଥିତିରେ ବିଜେଡିର ୧୨ ସଦସ୍ୟ ଏହି ପ୍ରସ୍ତାବ ବିରୋଧରେ ଭୋଟ ଦେବାକୁ ଯାଉଛନ୍ତି।

## ୮, ୯ରେ ଅନାସ୍ଥା...

ଲୋକ ସଭାରେ ଇଣ୍ଡିଆର ୧୪୪ ସଦସ୍ୟ ଥିବାବେଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ୯ ଏମ୍‌ପି ଅନାସ୍ଥା ସପକ୍ଷରେ ଭୋଟ ଦେବେ। ଗତ ୨୬ ତାରିଖରେ ଲୋକ ସଭାରେ କଂଗ୍ରେସ ଦଳ ଉପନେତା ସୌରଭ ଗୋଗୋଇ 'ଇଣ୍ଡିଆ' ପକ୍ଷରୁ ପ୍ରସ୍ତାବ ଆଗତ କରିଥିବାବେଳେ ବିଆର୍‌ଏସ୍ ଏମ୍‌ପି ନମ ନାଗେଶ୍ୱର ରାଓ ପୃଥକ୍ ନୋଟିସ୍ ଦେଇଥିଲେ। ବିରୋଧୀଙ୍କ ସଂଖ୍ୟାବଳ ନ ଥିଲେ ମଧ୍ୟ ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଭଙ୍ଗ ପାଇଁ ଏହା ଏକ ରଣନୀତି ବୋଲି ଯୁକ୍ତି ବଢ଼ାଯାଉଛି।

## ୯ରେ ହୋଇପାରେ...

ସୂଚନାଯୋଗ୍ୟ, ନୀଳାଦ୍ରି ବିଜେ ପରେ ମହାପ୍ରଭୁଙ୍କ ବନକଲାଗି ହେବା କଥା। ମାତ୍ର କେଉଁବାରରେ ମହାପ୍ରଭୁଙ୍କ ବନକଲାଗି ହେବ ତାକୁ ନେଇ ଦତ୍ତ ମହାପାତ୍ର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଦେଖାଦେଇଥିଲା। ଦତ୍ତମହାପାତ୍ର ସେବକମାନେ ରେକର୍ଡ ଅଫ୍ ରାଇଟସ୍ ଅନୁଯାୟୀ ବନକଲାଗି ଗୁରୁବାର କରିବାକୁ କହୁଥିବା ବେଳେ ୨୦୧୮ ମସିହାରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ବୁଧବାର ବନକଲାଗି କରିବା ପାଇଁ ପ୍ରଶାସନ କହିଥିଲା। ଉଭୟ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଦତ୍ତ ମହାପାତ୍ର ନିଯୋଗକୁ ନୋଟିସ କରାଯାଇଥିଲା। ଏପରିକି ବନକଲାଗି ପାଇଁ ଗୁରୁବାର ଯାଇଥିବା ଦତ୍ତମହାପାତ୍ର ସେବକମାନଙ୍କୁ ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦେଶ ନ ଥିବାରୁ ଫେରିବାକୁ ପଡ଼ିଥିଲା। ବିବାଦ ଅଧିକ ବଢ଼ିବାରୁ ନୀତି ସବ୍‌କମିଟି ବୈଠକ କରାଯାଇ ଆଲୋଚନା ହୋଇଥିଲା। ମାତ୍ର ଉକ୍ତ ବୈଠକରେ ମଧ୍ୟ କୌଣସି ନିଷ୍କର୍ସ ବାହାରି ନ ଥିଲା। ତେଣୁ ମଙ୍ଗଳବାର ପରିଚାଳନା କମିଟି ବୈଠକରେ ସମସ୍ୟାର ସମାଧାନ ହେବ ବୋଲି ଆଶ କରାଯାଇଥିଲା। କିନ୍ତୁ କୌଣସି କାରଣରୁ ପରିଚାଳନା କମିଟି ବୈଠକ ମଙ୍ଗଳବାର ସ୍ଥଗିତ ରହିଥିଲା। ଅପରପକ୍ଷେ ନୀତି ସବ୍‌କମିଟ୍ ବୈଠକ ପରେ ଦତ୍ତ ମହାପାତ୍ରମାନେ ନରମିଥିବା ପରିଲିଖିତ ହୋଇଥିଲା। ପରେ ପ୍ରଶାସନ ଯାହା ନିର୍ଦ୍ଦେଶ ଦେବ ସେହି ଦିନ ବନକଲାଗି କରିବେ ବୋଲି ସୂଚନା ଦେଇଥିଲେ। ଏ ନେଇ ସେମାନେ ପ୍ରଶାସନକୁ ଲିଖିତ ଭାବରେ ଜଣାଇଛନ୍ତି।

ବୁଧବାର ବନକଲାଗି ହେବା ସମ୍ପର୍କରେ ନୀତି ପ୍ରଶାସନ ଜିତେନ୍ଦ୍ର ସାହୁ କହିଛନ୍ତି, ୨ ତାରିଖ ବୁଧବାର ଶ୍ରୀମନ୍ଦିରରେ ନକ୍ଷତ୍ର ବନ୍ଦାପନା ଥିବାରୁ ମହାପ୍ରଭୁଙ୍କ ବନକଲାଗି ହୋଇପାରିବ ନାହିଁ। ସେହିପରି ୩ ତାରିଖ ଗୁରୁବାର ମାଜଣା ଏବଂ ଏକାନ୍ତ ନୀତି ରହୁଥିବାରୁ ବନକଲାଗି ନୀତିରେ ବିଳମ୍ବ ପରିଲିଖିତ ହେବାକୁ ଥିବାରୁ ସେଦିନ ବି ନୀତି ହେବା ସମ୍ଭବ ନୁହେଁ। ତେଣୁ ଆସନ୍ତା ୯ ତାରିଖ ବୁଧବାର ବନକଲାଗି କରାଯିବ। ହେଲେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଲିଖିତ ଭାବେ ନିର୍ଦ୍ଦେଶ ଦିଆଯାଇନାହିଁ। ଅନ୍ୟପଟେ ଦତ୍ତ ମହାପାତ୍ର ନିଯୋଗର ସମ୍ପାଦକ ମଦନମୋହନ ଦତ୍ତମହାପାତ୍ର କହିଛନ୍ତି, ପ୍ରଶାସନ ଯେବେ ତାଙ୍କୁ ମହାପ୍ରଭୁଙ୍କ ବନକଲାଗି ପାଇଁ ନିର୍ଦ୍ଦେଶ ଦେବ, ସେମାନେ ମହାପ୍ରଭୁଙ୍କ ବନକଲାଗି କରିବୁ। ୯ ତାରିଖରେ ବନକଲାଗି ପାଇଁ ପ୍ରସ୍ତୁତ ରହିଛୁ। ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୂର୍ବରୁ କହିଥିଲେ, ଯଦି ବୁଧବାର କୌଣସି ବିଶେଷ ନୀତି ରୁହେ, ତେବେ ଗୁରୁବାର ବନକଲାଗି କରାଯିବ। ତେବେ ଚଳିତ ବୁଧବାର ନକ୍ଷତ୍ର ବନ୍ଦାପନା ଥିବାରୁ ମହାପ୍ରଭୁଙ୍କ ବନକଲାଗି ହେବ ନାହିଁ। ମାତ୍ର ଗୁରୁବାର ବନକଲାଗି ନକରି ପୁଣି ଗୋଟିଏ ସପ୍ତାହ ଘୁଞ୍ଚାଇବାର କାରଣ କ'ଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଶାସନ ପକ୍ଷରୁ ଗୁରୁବାର ମାଜଣା ଏକାନ୍ତ ନୀତି ଥିବା ଦର୍ଶାଇ ବୁଧବାର ବନକଲାଗି କରିବା ପାଇଁ ସ୍ଥିର କରିଥିବା ନେଇ ଆଲୋଚନା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଶ୍ୱିନୀ ନକ୍ଷତ୍ରର ମନଟା ବିଭିନ୍ନ କଥାକୁ ନେଇ ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଏବଂ ଆଦର୍ଶବାଦୀ ହୋଇ ପ୍ରଶଂସିତ ହେବେ।

**ବୃଷ** – ମୃଗଶିରା ନକ୍ଷତ୍ରର ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପରୁ ପ୍ରଶଂସିତ ହେବେ।

**ମିଥୁନ** – ଆର୍ଥିକ ଅନଟନ ଆଜିର ମୁଖ୍ୟ ସମସ୍ୟା ହେବା କାରଣରୁ ବିଶେଷ ଚିନ୍ତିତ ହୋଇପାରନ୍ତି। କିନ୍ତୁ ପୁନର୍ବସୁ ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**କର୍କଟ** – କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ଖାଇବା ପିଇବାରେ ଅବହେଳା କରି ନିଜର ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ବ୍ୟବସାୟ ଓ ପରିବହନ କିନ୍ତୁ ଭଲରେ ଚାଲିବ। ପୁଷ୍ୟା ନକ୍ଷତ୍ର ଘରଲୋକଙ୍କୁ ଅବିଶ୍ୱାସ କରିବା ସଙ୍ଗକୁ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। କଚେରି ମାମଲା, ଘରୋଇ ଟେନ୍‌ସନ ଦୂର ହେବ।

**ସିଂହ** – ଆଜି ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ମଘା ନକ୍ଷତ୍ରର ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଜଣେ ବନ୍ଧୁ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** – ବିଶେଷ ସୂତ୍ରରୁ ଅର୍ଥଲାଭ କାରଣରୁ ଅଟକି ରହିଥିବା ଆପଣଙ୍କ କାମ ସୁବିଧାରେ ହୋଇଯିବ। ଚିତ୍ରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ସ୍ୱାତୀ ନକ୍ଷତ୍ର ଦୀର୍ଘ ଦିନରୁ ସମ୍ପର୍କରେ ଭଟ୍ଟା ପଡିଥିବା ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ କ୍ଷେତ୍ରରୁ ସୁଫଳ ପାଇବେ।

**ବିଛା** – ଅନୁରାଧା ନକ୍ଷତ୍ର ସାଧାରଣ କଥାରେ ବିରକ୍ତି ପ୍ରକାଶ କରିବା ଦ୍ୱାରା ନିଜ ପାଇଁ ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ। ବନ୍ଧୁଙ୍କୁ ସାହାଯ୍ୟ କଲେ ମଧ୍ୟ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** – ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମକୁ ଅଣଦେଖା କରିପାରିବେ ନାହିଁ। ମୂଳା ନକ୍ଷତ୍ରର ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** – ଶ୍ରବଣା ନକ୍ଷତ୍ରର ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। କୌଣସି ବ୍ୟକ୍ତି ନିକଟରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ** – ଧନିଷ୍ଠା ନକ୍ଷତ୍ରର ପାରସ୍ପରିକ ସହମତିରେ ପରିବାରରେ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଆଜି ଦୂରେଇ ରହିବା ଭଲ। ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ; ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ** – ଈର୍ଷାପରାୟଣପୂର୍ବକ ପାଖ ପଡ଼ୋଶୀଙ୍କ କଟୁକ୍ତି ମନରେ ଗଭୀର ରେଖାପାତ କରିପାରେ। ଅତୀତରେ ବହୁତ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ଆଜି କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ରେବତୀର ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ପ୍ରତିପଦା ବୁଧବାର, ଅଗଷ୍ଟ ୨ ତାରିଖ, ରାଶିନକ୍ଷତ୍ର-ଶ୍ରବଣା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୬ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ. ୧୦.୧୬ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁକାଳ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଅମାପ ଶକ୍ତିର ଅଧିକାରୀ ଯୁବପିଢ଼ି





ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ,ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୧।୮**

ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ସମାଜର ପ୍ରମୁଖ ଅଙ୍ଗ। ଯୁବସମାଜ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ରହିବ। ଯୁବସମାଜ ନିଜ ଉର୍ଜା ବଳରେ ଦେଶକୁ ଆଲୋକ, ପ୍ରଗତି ପଥରେ ଆଗେଇ ନେବେ। ଏକ ଗଠନମୂଳକ ସମାଜ ଦିଗରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ମଙ୍ଗଳବାର ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହବିଦ୍ୟାଳୟରେ ଗଣମାମଧ୍ୟମ, ଗଣତନ୍ତ୍ର ଓ ଯୁବପିଢି ଶୀର୍ଷକ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କଲେଜ ଅଧକ୍ଷା ଡ.ଅଜନ୍ତା ଶତପଥୀ କହିଛନ୍ତି। ମୁଖ୍ୟଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ଏକ ବିକଶିତ ରାଷ୍ଟ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ଶୃଙ୍ଖଳିତ, ଦାୟିତ୍ୱସମ୍ପନ୍ନ ହେଲେ ଗଣତନ୍ତ୍ର ସୁରକ୍ଷିତ ରହିବ। ଯୁବପିଢି ଦେଶର ଭବିଷ୍ୟତ। ୧୯୯୯ ବାତ୍ୟା ସମୟରେ ଶହଶହ ମୃତଦେହ ସତ୍କାର ଲାଗି ଯୁବକମାନେ ଆଗେଇ ଆସିଥିଲେ। ଯୁବକଙ୍କ ନିକଟରେ ଅସୀମ ଶକ୍ତି ରହିଛି। ଯୁବଶକ୍ତି ରାଷ୍ଟ୍ରର କଲ୍ୟାଣ ପାଇଁ କାର୍ଯ୍ୟ କରିଲେ ଭାରତ ସମୃଦ୍ଧ, ସଶକ୍ତ ହୋଇପାରିବ ବୋଲି ମହାନ୍ତି କହିଥିଲେ।

ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ପ୍ରାଧ୍ୟାପକ ସୁନୀଲ ରଞ୍ଜନ କର କହିଲେ ଯେ, ଧରିତ୍ରୀ ପକ୍ଷରୁ କରାଯାଇଥିବା ଏହି ପ୍ରୟାସ ପିଲାଙ୍କ ମଧ୍ୟରେ ସମାଜ ପ୍ରତି ଦାୟିତ୍ୱବୋଧ ଓ କର୍ତ୍ତବ୍ୟପରାୟଣ ପ୍ରତି ସଚେତନ କରିପାରିବ। ଗଣତନ୍ତ୍ର ସୁରକ୍ଷା ଗଣମାଧ୍ୟମର ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଗଣମାଧ୍ୟମ ତାର ଦାୟିତ୍ୱରୁ ବିଚ୍ୟୁତ ହେଲେ ଗଣତନ୍ତ୍ର ପ୍ରତି ବିପଦ। ଅନ୍ୟତମ ବିଚାରକ ପ୍ରାଧ୍ୟାପକ ସୌମେନ୍ଦ୍ର ମିଶ୍ର କହିଲେ ଯେ, ଧରିତ୍ରୀ ସହ ଦୀର୍ଘ ଦିନର ସମ୍ପର୍କ। ଧରିତ୍ରୀ ଏବେ ୫୦ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ସତ୍ୟ ଆଧାରିତ ଖବର, ନିର୍ଭୀକତା କ୍ଷେତ୍ରରେ ଧରିତ୍ରୀ ନିଜର ସ୍ୱତନ୍ତ୍ର ବଜାୟ ରଖିଛି। ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢି ଆଜିର ଯୁବସମାଜ ପାଇଁ ଏକ ବଡ ଆହ୍ୱାନ। ତେଣୁ ଧୈର୍ଯ୍ୟ ନ ହରାଇ ଆଗକୁ ବଢିଲେ, ସଫଳତା ନିଶ୍ଚିତ ମିଳିବ ବୋଲି ପିଲାଙ୍କ ଉଦ୍ଦେଶ୍ୟରେ ମିଶ୍ର କହିଥିଲେ। ଅନ୍ୟତମ ବିଚାରକ ଭାବେ କଟକ ଶୈଳବାଳା କଲେଜ ପ୍ରାକ୍ତନ ଅଧକ୍ଷା ପ୍ରଫେସର ରମାସୁନ୍ଦରୀ ଦେବୀ ଯୋଗ ଦେଇ ଯୁବସମାଜ ମଧ୍ୟରେ ନବୀନ ଉତ୍ସାହ ରହିଛି। ଲକ୍ଷ୍ୟପଥ ସ୍ଥିର କରି ଆଗେଇ ଚାଲ। ଭାରତବର୍ଷ ଯୁବପିଢିଙ୍କ ଠାରୁ ବହୁତ କିଛି ଆଶା ରଖିଛି। ନିଜ ଶକ୍ତିକୁ ବ୍ୟର୍ଥ ହେବାକୁ ଦିଅ ନାହିଁ। ନିଷ୍ଠା, ଏକାଗ୍ରତା ସହ ପାଠପଢା ସହିତ ସମାଜ ପ୍ରତି ରହିଥିବା ଦାୟିତ୍ୱବୋଧକୁ ପାଳନ କରିବାକୁ ସେ କହିଥିଲେ। ସେହିପରି ବିଚାରକ ତଥା ଆମର ସତ୍ୟ ସମ୍ପାଦକ ତଥା ବେଗୁନିଆ କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ ଦାଶ କହିଲେ ଯେ, ଗଣ ଓ ତନ୍ତ୍ର ମଧ୍ୟରେ ସଂଯୋଗର ସେତୁ ହେଉଛି ଗଣମାଧ୍ୟମ। ଏଣୁ ଗଣମାଧ୍ୟମ ଦୁର୍ବଳ ହେଲେ ଗଣତନ୍ତ୍ର ଭୁଶୁଡିପଡିବ। ସ୍ୱାଧୀନତା ସଂଗ୍ରାମରେ ଯୁବକମାନଙ୍କ ପ୍ରମୁଖ ଭୂମିକା ରହିଥିଲା। ନିଜ ଶକ୍ତି ସାମର୍ଥ୍ୟ ଅନୁସାରେ ଆଗକୁ ବଢିଲେ, ସଫଳତା ପାଇବ। ଗଣମାଧ୍ୟମ ଓ ଯୁବପିଢି ସଚେତନ ହେଲେ ଦେଶ ସୁଦୃଢ଼ ହେବ ବୋଲି ଦାଶ କହିଥିଲେ। ସେହିପରି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସୁଭେନ୍ଦୁ ମହାନ୍ତି କହିଥିଲେ ଯେ, ଯୁବ ସମାଜ ଆଗାମୀ ଯୁଗର ଦ୍ରଷ୍ଟା ଓ ସ୍ରଷ୍ଟା। ଦେଶର ଭବିଷ୍ୟତ ଯୁବ ସମାଜର ବଳିଷ୍ଠ ସ୍କନ୍ଧ ଉପରେ ଆଧାରିତ। ଗଣତନ୍ତ୍ରର ସଫଳତା ଯୁବ ସମାଜ ଉପରେ ନିର୍ଭରଶୀଳ। ଯୁବସମାଜ ଗଣମାଧ୍ୟମର ପ୍ରମୁଖ ଭୂମିକା ଗ୍ରହଣ କରି ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଚେଷ୍ଟିତ ହେବା ଉଚିତ ବୋଲି କହିବା ସହ ବକ୍ତୃତା ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ।

ବକ୍ତୃତା ପ୍ରତିଯୋଗିତାରେ ୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଶୁତୋଷ ପ୍ରହରାଜ ପ୍ରଥମ, ସୁଧାକାର ଦାସ ଦ୍ୱିତୀୟ ଓ ଅମତୁଲ ମୋଜିବ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ବିଷୟବସ୍ତୁ ଉପରେ ବହୁ ଉପାଦେୟ ମତାମତ ରଖିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ଓ ମଞ୍ଚ ସଂଯୋଜନା କରିଥିଲେ। ଧରିତ୍ରୀର ଜିଲା ପ୍ରତିନିଧି ପ୍ରଭାତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଧରିତ୍ରୀ ସହ ସମ୍ପାଦକ ଅଜିତ ମହାନ୍ତି, ଜଟଣୀ ପ୍ରତିନିଧି ରବୀନ୍ଦ୍ର ମହାକୁଡ, ନିରାକାରପୁର ପ୍ରତିନିଧି ମାନସ ରଞ୍ଜନ ପଟ୍ଟନାୟକ, ପ୍ରସାରଣ ବିଭାଗର ଅରବିନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ। କଲେଜ ଉପାଧକ୍ଷା ଡ.ବିନୋଦିନୀ ମିଶ୍ର, ଡ.ପ୍ରଣବ କିଶୋର ମହାନ୍ତି, ଡ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଡ.ପୂର୍ଣ୍ଣଚନ୍ଦ୍ର ବୈଶାଖ, ଡ.ଲଡୁକେଶ ପ୍ରସାଦ ମିଶ୍ର, ସମରେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର


ମାମାଲି ବେହେରା


ଶୁଭସ୍ମିତା ପଣ୍ଡା


ସାହିମା ସଦାବ


ପ୍ରୀତିଶ ବିଜୟ କୁମାର ଗାନ୍ଧୀ


କ୍ରିଷ୍ଣା ସ୍ୱଭନ୍ ବେହେରା


ପ୍ରତାପ କୁମାର ମଲ୍ଲିକ


ଦେବସ୍ମିତା ପରିଡ଼ା

## ବିଜେତାଙ୍କ ମୁହଁରୁ....



ଧରିତ୍ରୀକୁ ଧନ୍ୟବାଦ ଜଣାଉଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କହିବାକୁ ସୁଯୋଗ ମିଳିଛି। ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢି ସମାଜର ପ୍ରମୁଖ ଅଙ୍ଗ। କୌଣସି ଗୋଟିଏ ଦୁର୍ବଳ ହେଲେ ଦେଶର ବିକାଶରେ ବାଧକ ସାଜିବ। ଗଣତନ୍ତ୍ରକୁ ସୁଦଢ଼ ରଖିବାରେ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଯୁବପିଢି ଦେଶର ଏକ ପ୍ରମୁଖ ଶକ୍ତି। ଯୁବପିଢି ଗଣମାଧ୍ୟମକୁ ପାଥେୟ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଜରୁରୀ।

**– ଆଶୁତୋଷ ପ୍ରହରାଜ, ପ୍ରଥମ ସ୍ଥାନ**

ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ରରେ ଗଣ ଓ ତନ୍ତ୍ର ମଧ୍ୟରେ ସୁସମ୍ପର୍କ ରହିବା ଜରୁରୀ। ଉଭୟ ମଧ୍ୟରେ ଗଣମାଧ୍ୟମ ସମ୍ପର୍କକୁ ଯୋଡ଼ିଥାଏ। ଗଣତନ୍ତ୍ର ଓ ଗଣମାଧ୍ୟମ ଏକ ଶରୀର ହେଲେ ଯୁବପିଢି ଏହାର ମେରୁଦଣ୍ଡ। ଏହା ସଳଖ ରହିଲେ, ଗଣତନ୍ତ୍ର ସୁଦୃଢ଼ ରହିବ। ଯୁବପିଢିପଥଭ୍ରଷ୍ଟ ନ ହୋଇ ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ସମାଜ ଶୃଙ୍ଖଳିତ ହେବ।

**– ସୁଧାକାର ଦାସ, ଦ୍ୱିତୀୟ ସ୍ଥାନ**





ପ୍ରତିଯୋଗିତା ମାଧ୍ୟମରେ ଧରିତ୍ରୀ ଯୁବସମାଜ ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିପାରିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମୋତେ କହିବାକୁ ସୁଯୋଗ ମିଳିବ ଭାବି ନ ଥିଲି। ଗଣମାଧ୍ୟମ ଓ ଗଣତନ୍ତ୍ରକୁ ଯୁବପିଢ଼ି ନିୟନ୍ତ୍ରଣ କରିପାରିବେ। ଅଥଚ ଆଜିର ଯୁବପିଢି ପଥଭ୍ରଷ୍ଟ। ଯୁବକମାନଙ୍କ ହାତରେ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ନିର୍ଭର କରେ। ଏଣୁ ଯୁବସମାଜ ଶୃଙ୍ଖଳିତ, ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ହେବା ଉଚିତ।

**– ଅମତୁଲ ମୋଜିବ୍, ତୃତୀୟ ସ୍ଥାନ**

# ଥମୁନି ଫଳକ ବିବାଦ, ଜୋଲାପୁଟରେ ପୁଣି ଆନ୍ଧ୍ର ଅଧିକାରୀ

## ଘେରିଲେ ଓଡ଼ିଶା ଜନପ୍ରତିନିଧି, ଡ୍ୟାମ କର୍ତ୍ତୃପକ୍ଷ

**ନନ୍ଦପୁର, ୧।୮।୨୦୨୩(ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ଜଲାପୁଟ ରିଜର୍ଭରରେ ଥମୁନି ଫଳକ ବିବାଦ। ମଙ୍ଗଳବାର ପୁଣି ଆନ୍ଧ୍ର ମୁଚିମପୁଟ ରାଜସ୍ୱ ଓ ପୋଲିସ ଅଧିକାରୀ ପହଞ୍ଚି ଡ୍ୟାମ ନିକଟରେ ସ୍ଥାପିତ କୋରାପୁଟ ଜିଲା ପ୍ରଶାସନର ଫଳକ ଉପାଡିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେମାନଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡିଛି।

ଆନ୍ଧ୍ର ଅଧିକାରୀମାନେ ଆସିଥିବା ଖବର ପାଇ ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୁ, ସମିତିସଭ୍ୟ ଯୋଗେଶ୍ୱର ଖେମୁଣ୍ଡୁ, ଜଲାପୁଟ ଫାଣ୍ଡି ଅଧିକାରୀ ଓ ଜଲାପୁଟ ପ୍ରକଳ୍ପର ସିଭିଲ ଡିଭିଜନ ନିର୍ବାହୀଯନ୍ତ୍ରୀ ଆଦିତ୍ୟ ସାମନ୍ତରାୟ, ସହକାରୀ ଯନ୍ତ୍ରୀ ସନ୍ତୋଷ ପଣ୍ଡା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଆନ୍ଧ୍ର ଅଧିକାରୀ ଓ ପୋଲିସକୁ ଦୃଢ ବିରୋଧ କରିଥିଲେ। ଅପରପକ୍ଷରେ ଜଲାପୁଟ ପ୍ରକଳ୍ପ ଆନ୍ଧ୍ର ଓ ଓଡ଼ିଶା ଦୁଇରାଜ୍ୟର। ପ୍ରକଳ୍ପ ନିକଟରେ କାହିଁକି କେବଳ କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶନାମା ଥିବା ସୂଚନାଫଳକ ରହିବ। ଉକ୍ତ ଫଳକକୁ ହଟାଯାଉ ନଚେତ୍ ଆନ୍ଧ୍ର ଜିଲାପାଳଙ୍କ ନିର୍ଦ୍ଦେଶନାମା ଥିବା ସୂଚନା ଫଳକ ମଧ୍ୟ ଏଠାରେ ସ୍ଥାପନ କରାଯାଉ ବୋଲି ଆନ୍ଧ୍ରର ଅଧିକାରୀମାନେ ଦାବି କରିଥିଲେ। ଏହାକୁ ଉପସ୍ଥିତ ଓଡ଼ିଶା ଜନ ପ୍ରତିନିଧି ଓ ଜଲାପୁଟ ପ୍ରକଳ୍ପ ଅଧିକାରୀ ବିରୋଧ କରି ପ୍ରତିବାଦ କରିଥିଲେ। ପ୍ରକଳ୍ପ କର୍ତ୍ତୃପକ୍ଷ କହିଥିଲେ, ପ୍ରକଳ୍ପ ଅଞ୍ଚଳର ନିୟମ ବହୁ ପୂର୍ବରୁ ନିର୍ଦ୍ଧାରିତ। ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ଏଥିପାଇଁ ଦୁଇ ରାଜ୍ୟର ସମ୍ପୃକ୍ତ ଜିଲାପାଳ ଏବଂ ଦୁଇ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରୁଥିବା ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା ଆବଶ୍ୟକ। ଏନେଇ ପ୍ରଥମେ ଆନ୍ଧ୍ର ନିଜ ଜିଲାପାଳଙ୍କୁ ଅବଗତ କରାନ୍ତୁ। ଆଲୋଚନା ପାଇଁ ଦିନ ଓ ତାରିଖ ଧାର୍ଯ୍ୟ କରନ୍ତୁ। ଓଡ଼ିଶା ପକ୍ଷରୁ କୋରାପୁଟ ଜିଲାପାଳ ବୈଠକରେ ଉପସ୍ଥିତ ରହିବେ। ବୈଠକରେ ଯାହା ନିଷ୍ପତ୍ତି ହେବ ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ଆନ୍ଧ୍ର ଅଧିକାରୀ ମାନଙ୍କୁ କୁହାଯାଇଥିଲା। ଫଳରେ ଶେଷରେ ସେମାନେ ନିରାଶ ହୋଇ ଫେରିଯାଇଥିଲେ। ସୂଚନାଯୋଗ୍ୟ, ନିକଟରେ ପାଡୁଆ ଗେଷ୍ଟ ହାଉସରେ ସୀମା ଚିହ୍ନଟ ନେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିଥିଲା। ସବୁ ପ୍ରମାଣପତ୍ର ସହ ମ୍ୟାପ ଧରି ଆସିବାକୁ ଆନ୍ଧ୍ରକୁ କୁହାଯାଇଥିଲେ ମଧ୍ୟ ସେମାନେ ମ୍ୟାପ ନ ଆଣି ଅଳ୍ପ କିଛି କାଗଜପତ୍ର ଧରି ଆସିଥିଲେ। ଫଳରେ ଉକ୍ତ ବୈଠକରେ ବିଶେଷ ଆଲୋଚନା ହୋଇ ପାରି ନ ଥିଲା।



ଆନ୍ଧ୍ର ଅଧିକାରୀଙ୍କୁ ଓଡ଼ିଶା ପକ୍ଷରୁ ଜନ ପ୍ରତିନିଧି ଓ ପ୍ରକଳ୍ପ ଅଧିକାରୀମାନେ ବିରୋଧ କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Driver Wanted for 3 Wheeler Van at Bhubaneswar for E-Commerce Company. Salary: 15000 +.
Call: 9861888268, 9556120168

REQUIRED
MARKETING & SALES EXECUTIVE
(Mumbai based International Clothing Brand (Vallari Design Studio) Work Place : Near Bhubaneswar. Qual. MBA
9040183376

WALK-IN-INTERVIEW
Interested candidates are invited to attend the walk in interview on dt.12.08.2023 (Saturday) At 10.00 A.M. to 1.00 P.M. for the following posts in below address.
1. PROJECT COORDINATOR: Health and Education Project at Keonjhar District, preference for female candidates with MSW qualification and well conversant in English language with computer knowledge or well experienced in field of education and health sector.
2. PRINCIPAL: Reputed English Medium School (CBSE) at Puri, Qualification B.A. B.Ed with minimum 5 years experience. Should be well conversant with English Language and proficiency in computer both Male/ Female candidaes are eligible.
3. DEPUTY ASSISTANT: Reputed organization at Bhubaneswar, Qualification Graduation with knowledge of Computer and English.
N.B.: Salary will be negotiable at the time of interview if selected.
ADDRESS: Usthi Foundation India, Plot No. K-8-733, Kalinga Nagar, Near Sum Ultimate Hospital, Bhubaneswar- 751003.
Contact No.: 9776408216, Email: rbarik_usthi@rediffmail.com

See Career Appointment on every Wednesday & Saturday

ଆବଶ୍ୟକ
ଅଫିସ କାମ ପାଇଁ Lady ପିଅନ ଆବଶ୍ୟକ । ନଖରା କଟକ ବୟସ ୩୦ ବର୍ଷ ଭିତରେ ଖାଇବା + ରହିବା Free + 7500 to 10,000
ଯୋଗାଯୋଗ–7809525452

YUDHISTIR MISHRA LAW COLLEGE
BALANGIR - 767001 (ODISHA)
ADMISSION NOTICE FOR THE ACADEMIC YEAR 2023-24
Admission into 1st Sem. LL.B. (3 Years) Course continues upto 20th August 2023. Eligibility 45% marks in Bachelor Degree Course for General & OBC Category and 40% marks for SC/ST Category.
For any query or call for admission:
9835704567, 8658011646, 6371873006
Sd./- Principal
Yudhistir Mishra Law College, Balangir

WANTED

| Sr. No. | Post | Qualification | Sex | Experience | Nos. | Salary |
|---|---|---|---|---|---|---|
| 1 | Captain (Supervisor) - Manage all Type of Marriage Function & other parties | | M/F | 1 Year | 5 | 16,000/- |
| 2 | Chef with Team (Continental & Oriental Dishes) | | M | | | Salary / Contractual |
| 3 | Chinese Chef with Team | | | | | Salary / Contractual |
| 4 | Electrician | ITI with 4KVA Work Knowledge | M | 1 Year | 2 | 16,000/- |
| 5 | Office Staff (Stock) | PGDCA & Tally | F | | 2 | 13,000/- |
| 6 | Office Staff | PGDCA | F | | 1 | 12,000/- |

Cont. Details: KM CONVENTION (Wedding Hall), Bhubaneswar
Send your resume by mail or Whatsapp (Whatsapp No.: 8249579908)
Mail Id: khatamitha717@gmail.com
Cont. No.: 8249579908 (Cont. between 11.30 A.M. to 4.30 P.M.)

ADMISSION NOTICE-2023
Center for Distance & Online Education (DDCE, Utkal University)
Center for Distance and Online Education (CDOE) (D.D.C.E., UTKAL UNIVERSITY)
BHUBANESWAR-751010
UTKAL UNIVERSITY
NAAC Accredited A+
Management and Computer Science Courses (NOC from AICTE, New Delhi)
Distance Mode
- Master of Business Administration (MBA)
- Bachelor in Business Administration (BBA)
Face to Face Mode
- Master of Computer Application (Morning)
- Master of Business Administration (Evening)
- Master of Business Administration (Morning)
(Only with Banking & Finance Specialisation)
(For more contact in Mgt. Course- 9437103110 / Comp. Sc. - 9437157110 during office hour )
Under Graduate and Post Graduate Courses in Distance Mode
- BA ( ODIA HONS.)
- B.COM. (HONS.)
- M.Com.
- M.A. in Economics
- MA in Education
- MA in English
- MA in Hindi
- MA in History
- MA in Odia
- MA in Pol.Science
- MA in Pub. Administration
- MA in Sanskrit
- MA in Sociology
- M.S.W.
(For more contact - 9437156110 during office hour )
Salient Features.
- Online Admission Process
- Free Registration & No charges for appearing online test for Mgt. & Comp. Courses
- Online verification of forms & provision of online payment
- Provision for Online Classes.
- Walk in Online Test / PI and Roll in Admission for MBA / BBA / MCA Course
For eligibility, fees structure, selection process and important date lines visit our website :
www.ddceutkal.ac.in
DIRECTOR

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाइट देखने हेतु स्कैन करें
Scan to visit Website
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି (୨୦୨୪-୨୫ର ଖାଲିପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XIII) ଏବଂ ସ୍ପେଶାଲିଷ୍ଟ ଅଫିସରଙ୍କ ନିଯୁକ୍ତି (୨୦୨୪-୨୫ର ଖାଲିପଦବୀ ପାଇଁ ସିଆର୍‌ପି ଏସ୍‌ପିଏଲ୍-XIII) ନିମନ୍ତେ
ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ପାଇଁ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ସେପ୍ଟେମ୍ବର/ ଅକ୍ଟୋବର ୨୦୨୩ ଏବଂ ନଭେମ୍ବର, ୨୦୨୩ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ପାହ୍ୟା ପଦବୀରେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ପି) ପାଇଁ ଅନ୍ ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର, ୨୦୨୩ ଓ ଜାନୁୟାରୀ, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ | |
|---|---|---|
| | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ପାଇଁ କଲ୍ ଲେଟର ଡାଉନ୍‌ଲୋଡ୍* | ସେପ୍ଟେମ୍ବର ୨୦୨୩ | ------ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ସେପ୍ଟେମ୍ବର ୨୦୨୩ | ------ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର ୨୦୨୩ | ଡିସେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ସେପ୍ଟେମ୍ବର/ଅକ୍ଟୋବର ୨୦୨୩ | ଡିସେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଅକ୍ଟୋବର ୨୦୨୩ | ଜାନୁୟାରୀ ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର/ନଭେମ୍ବର ୨୦୨୩ | ଜାନୁୟାରୀ ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର ୨୦୨୩ | ଜାନୁୟାରୀ ୨୦୨୪ |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର ୨୦୨୩ | ଫେବୃୟାରୀ ୨୦୨୪ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ/ ଫେବୃୟାରୀ ୨୦୨୪ | ଫେବୃୟାରୀ/ମାର୍ଚ୍ଚ ୨୦୨୪ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ ଫେବୃୟାରୀ ୨୦୨୪ | ଫେବୃୟାରୀ/ମାର୍ଚ୍ଚ ୨୦୨୪ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୪ | ଏପ୍ରିଲ ୨୦୨୪ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୮।୨୦୨୩
ନିର୍ଦ୍ଦେଶକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨ ଅଗଷ୍ଟ, ୨୦୨୩

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ



# ସହରିଆ ନଦୀ

୧୮ ବର୍ଷ ପୂର୍ବେ ମୁମ୍ବାଇରେ ଦେଖାଦେଇଥିବା ସହର ବନ୍ୟାର ଭୟାବହତା ସାରା ଦେଶରେ ଆଲୋଚନା ହୋଇଥିଲା। ୨୬ ଜୁଲାଇ ୨୦୦୫ରେ ମୁମ୍ବାଇରେ ୨୪ ଘଣ୍ଟା ମଧ୍ୟରେ ୯୪୪ ମି.ମି. ବର୍ଷା ହେବା ଯୋଗୁ ୧୪,୦୦୦ ଘର ଭାଙ୍ଗିବା ସହ ପାଖାପାଖି ୧,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ବର୍ଷାଜନିତ ବନ୍ୟା ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା, ଦିଲ୍ଲୀ ଆଦି ସହରରେ ଦେଖାଯାଉଛି ଓ ଅନେକ ସମୟରେ ଏହା ଯୋଗୁ ବ୍ୟାପକ ଧନଜୀବନ କ୍ଷତି ଘଟୁଛି। ଚଳିତ ବର୍ଷ ଜୁଲାଇ ପ୍ରାରମ୍ଭରେ ଦିଲ୍ଲୀରେ ରେକର୍ଡ ପରିମାଣର ବର୍ଷା ହେବା ଯୋଗୁ ଯାନବାହନ ଚଳାଚଳଠାରୁ ଆରମ୍ଭକରି ଜନଜୀବନ ଅତ୍ୟଧିକ ପ୍ରଭାବିତ ହୋଇଥିଲା। ଏତେ ପରିମାଣର ବର୍ଷାଜଳ ନିଷ୍କାସନ କରିବା ଲାଗି ଦିଲ୍ଲୀରେ ଭିତ୍ତିଭୂମିର ଅଭାବ ରହିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସ୍ୱୀକାର କରିଥିଲେ। ଏହିସବୁ ସହରଗୁଡ଼ିକ ଭଳି ଆମ ରାଜ୍ୟର ଭୁବନେଶ୍ୱର, କଟକ , ପୁରୀ ଓ ଅନ୍ୟ କେତେକ ସହର ପ୍ରତିବର୍ଷ ବର୍ଷାରେ ଉବୁଟୁବୁ ହେଉଛନ୍ତି। ଗୋଟିଏ ସମୟ ଥିଲା ଭୁବନେଶ୍ୱର ବମିଖାଲ କିମ୍ବା ଇସ୍କନ୍ ମନ୍ଦିର ପାଖ ରାସ୍ତା ଏବଂ କଟକର ବାଦାମବାଡ଼ି ବସ୍ ଷ୍ଟାଣ୍ଡ ଅଞ୍ଚଳ ବର୍ଷାପାଣିରେ ବୁଡ଼ିଯାଉଥିଲା। ଏବେ କିନ୍ତୁ ସ୍ଥିତିରେ ବିରାଟ ପରିବର୍ତ୍ତନ ହୋଇଯାଇଛି ଓ କଟଡ଼ାଏ ବର୍ଷାରେ ବନ୍ୟା ସ୍ଥିତି ସାରା ସହରକୁ ଗ୍ରାସ କରୁଛି। ୨ ଦଶନ୍ଧି ପୂର୍ବର ସ୍ଥିତିକୁ ଯଦି ଲକ୍ଷ୍ୟ କରାଯାଏ ତେବେ ଏହା ନିଶ୍ଚିତ ଯେ, ବର୍ଷା ଓ ତଜ୍ଜନିତ ବନ୍ୟାର ତୀବ୍ରତା ସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଏଭଳି ଘଟୁଛି। ତାହା ସହ ସହରରେ ବେଆଇନ ଭାବେ ଜମି ଦଖଲକରି ଗଢ଼ି ଉଠୁଥିବା ଘର, ରାସ୍ତା ଏପରିକି ଫ୍ଲାଇଓଭର ଯୋଗୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ।

> ଦେଶର ସ୍ମାର୍ଟସିଟି ତାଲିକାରେ ଶୀର୍ଷ ୨୫ ମଧ୍ୟରେ ଭୁବନେଶ୍ୱର ଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଏପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ। ଇତି ମଧ୍ୟରେ ଅନେକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅଫିସର ଏହି ସ୍ମାର୍ଟସିଟି କାର୍ଯ୍ୟରେ ଯୋଗଦାନକରି ବଦଳି ହୋଇଗଲେଣି। ସେମାନଙ୍କର ବ୍ୟକ୍ତିଗତ 'ବରିଷ୍ଠ' ପଦବୀ ଏହାଦ୍ୱାରା ବୃଦ୍ଧି ପାଇଥାଇପାରେ, କିନ୍ତୁ ସହର ବାସିନ୍ଦାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସିପାରୁନାହିଁ।

୨୦୧୫ରେ କେନ୍ଦ୍ର ସରକାର '୧୦୦ ସ୍ମାର୍ଟସିଟି ମିଶନ' ଆରମ୍ଭ କରିଥିଲେ। ଜନସଂଖ୍ୟା ବୃଦ୍ଧି ତଥା ପରିସଂସ୍ଥାକୁ ବିଚାରକୁ ନେଇ ସହରଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଛି। ସେହି କ୍ରମରେ ଦେଶର ସ୍ମାର୍ଟସିଟି ତାଲିକାରେ ଶୀର୍ଷ ୨୫ ମଧ୍ୟରେ ଭୁବନେଶ୍ୱର ଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଏପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ। ଇତି ମଧ୍ୟରେ ଅନେକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅଫିସର ଏହି ସ୍ମାର୍ଟସିଟି କାର୍ଯ୍ୟରେ ଯୋଗଦାନକରି ବଦଳି ହୋଇଗଲେଣି। ସେମାନଙ୍କର ବ୍ୟକ୍ତିଗତ 'ବରିଷ୍ଠ' ପଦବୀ ଏହାଦ୍ୱାରା ବୃଦ୍ଧି ପାଇଥାଇପାରେ, କିନ୍ତୁ ସହର ବାସିନ୍ଦାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସିପାରୁନାହିଁ। ସେହିଭଳି କଟକରେ ମଧ୍ୟ ଅନେକ ପ୍ରଭାବଶାଳୀ ଅଫିସର ନିଜର ବାହାଦୁରିପଣିଆ ଦେଖାଇ ଚାଲିଗଲେଣି। ତେବେ ସହଜରେ ହୋଇପାରୁଥିବା ମୌଳିକ କାର୍ଯ୍ୟ ମଧ୍ୟ କରିନାହାନ୍ତି। ସେହିମାନଙ୍କ କୁକର୍ମର ଫଳ ଆଜି ଜନସାଧାରଣ ଭୋଗିବାକୁ ବାଧ୍ୟ ହେଉଛନ୍ତି। କେବଳ ଭୁବନେଶ୍ୱର ନୁହେଁ, ସାରା ଦେଶରେ ଅନେକ ସ୍ମାର୍ଟ ସିଟିର ଅବସ୍ଥା ଏମିତିକା। ଦେଶ ବାହାରକୁ ନଜର ପକାଇଲେ ନ୍ୟୁୟର୍କ, ଲଣ୍ଡନ, ବେଜିଂ ଆଦି ସହର ବର୍ଷାଜନିତ ବନ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷ ଜାତିସଂଘର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ(ଆଇପିସିସି) ସତର୍କ କରିଦେଇଛି ଯେ, ଦୁର୍ବଳ ଯୋଜନା ଓ ଜଳବାୟୁ ସଙ୍କଟ ଯୋଗୁ ଆଗାମୀ ଦିନରେ ଭାରତର ସହରଗୁଡ଼ିକ ବର୍ଷାରେ ବୁଡ଼ିବ। ଏହି ରିପୋର୍ଟ ପରୋକ୍ଷରେ ସୂଚିତ କରୁଛି ଯେ, ଭାରତରେ ସହରଗୁଡ଼ିକରେ ଡ୍ରେନେଜ୍ ଭିତ୍ତିଭୂମି ଏବେ ସୁଦ୍ଧା ଦୁର୍ବଳ ରହିଛି। ଏହା କେବଳ ଓଡ଼ିଶାର ସହରରେ ନୁହେଁ, ସମଗ୍ର ଦେଶରେ ଏହିଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଭୁବନେଶ୍ୱରର ଡ୍ରେନେଜ୍‌ରେ ଥିବା ଦୁର୍ବଳତା ବା ଅବ୍ୟବସ୍ଥା ପୂର୍ବରୁ ସ୍ପଷ୍ଟ ହୋଇସାରିଛି। ୨୦୨୧ରେ ଡ୍ରେନ୍‌ରେ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହେବା କିମ୍ବା ହକି ବିଶ୍ୱକପ୍ ସମୟରେ ଦକ୍ଷିଣ କୋରିଆର ଜଣେ ଫଟୋ ସାମ୍ବାଦିକ ଡ୍ରେନ୍‌ରେ ପଡ଼ି ଆହତ ହେବା ଘଟଣା ସହରର ଭିତ୍ତିଭୂମି ବିକାଶରେ ବିଭାଗର ଅଣଦେଖା ମନୋଭାବକୁ ସ୍ପଷ୍ଟ କରୁଛି। ସହରରେ ସବୁ ସ୍ଥାନକୁ କଂକ୍ରିଟ କରାଯିବା ଦ୍ୱାରା ବର୍ଷାଜଳ ମାଟିରେ ଭେଦିପାରୁନାହିଁ। ଅନ୍ୟପକ୍ଷରେ ସହରର ପୁରୁଣା ଜଳ ନିଷ୍କାସନ ନାଳିଗୁଡ଼ିକୁ ଅଣଓସାରିଆ କରିଦିଆଗଲାଣି କିମ୍ବା ପୋତି ଦିଆଯାଇସାରିଲାଣି, ଯାହାଦ୍ୱାରା ବର୍ଷାଜଳ ନିଷ୍କାସନରେ ବାଧା ଉପୁଜୁଛି। ମନେରଖିବାକୁ ହେବ ଯେ, ଏବେ ସହରର ଜନସଂଖ୍ୟା ଯାହା ତାହା ଆଗାମୀ ଦିନରେ ବୃଦ୍ଧିପାଇବ। ଏହାସହ ଜଳବାୟୁ ପରିବର୍ତ୍ତନର ସମସ୍ୟା ବି ବଢ଼ିବ। ଏଣୁ ଏବେଠୁ ସତର୍କ ନ ହେଲେ ଭବିଷ୍ୟତରେ ସହର ବନ୍ୟାର କ୍ଷତି ଆହୁରି ବଢ଼ିଯିବ। ଏହି ସମସ୍ୟା ସମାଧାନ କରିବାକୁ ହେଲେ ପ୍ରତ୍ୟେକ ନାଗରିକ ବସବାସ କରୁଥିବା ନଗରକୁ ନିଜର ଭାବି ପ୍ରତ୍ୟେକଟି କାର୍ଯ୍ୟ କରିବା ଦରକାର। ଜମି ଜବରଦଖଲଠାରୁ ଆରମ୍ଭକରି ଅଳିଆ ପକାଇବା ବ୍ୟବସ୍ଥାରେ ସମସ୍ତେ ସହଯୋଗ କରିବାକୁ ପଡ଼ିବ। ନଚେତ୍, କେବଳ ସରକାରଙ୍କୁ କିମ୍ବା ମ୍ୟୁନିସିପାଲିଟିକୁ ଦୋଷଦେଇ ବସିପଡ଼ିଲେ ହେବ ନାହିଁ।

# ଘରୋଇହିଂସାର ସମାଧାନ



ଡ. ସମୀର କୁମାର ନନ୍ଦ

ସାଧାରଣତଃ ଆମ ସମାଜରେ ଝିଅମାନଙ୍କୁ ବାଲ୍ୟକାଳରୁ ମାତା ପିତା ଓ ଅଭିଭାବକମାନେ ଶିକ୍ଷା ଦେଇଥାଆନ୍ତି କି 'ଝିଅ ଜନମ ପର ଘରକୁ', 'ଶାଶୁଘରକୁ ପାଲିଙ୍କିରେ ବସି ଯିବାକୁ ହୁଏ ଓ ସେଠାରୁ କେବଳ କୋକେଇରେ ବାହାରିବାକୁ ପଡ଼େ'। ତେଣୁ ଶାଶୁଘରେ ସବୁ ଚୁପ୍‌ଚାପ୍ ସହି, ବ୍ୟବସ୍ଥିତ କରି ଚଳିବାକୁ ପଡ଼ିବ। ଏହି ପ୍ରକାରର ମାନସିକତା ଘରୋଇ ହିଂସାକୁ କେତେକାଂଶରେ ପ୍ରୋତ୍ସାହିତ କରିଥାଏ।

ଘରୋଇ ହିଂସା ହେଉଛି ଯେକୌଣସି ସମ୍ପର୍କରେ ଅପମାନଜନକ ଆଚରଣର ଏକ ନମୁନା, ଯାହା ଅନ୍ୟ ଜଣେ ଅନ୍ତରଙ୍ଗ ସହଯୋଗୀ ଉପରେ ଶକ୍ତି ହାସଲ କରିବା କିମ୍ବା ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ହୁଏ ; ଯେଉଁଥିରେ ଯୌନ, ଅର୍ଥନୈତିକ, ଶାରୀରିକ, ଭାବପ୍ରବଣ, ମାନସିକ କିମ୍ବା ବୈଷୟିକ ନିର୍ଯାତନା କିମ୍ବା ନିର୍ଯାତନାର ଧମକ କିମ୍ବା ଅନ୍ୟାନ୍ୟ ବ୍ୟବହାର ଅନ୍ତର୍ଭୁକ୍ତ। ଏହା ସହିତ ବାଧ୍ୟତାମୂଳକ ଆଚରଣ ଯାହା କି ଅନ୍ତରଙ୍ଗ ସହଭାଗୀ ସମ୍ପର୍କ ମଧ୍ୟରେ ଅନ୍ୟ ଜଣକୁ ପ୍ରଭାବିତ କରେ ଘରୋଇ ହିଂସାର ଏକ ଉଦାହରଣ ମଧ୍ୟ।

ଆମ ସମାଜରେ କେତେକ ମହିଳା ବାଲ୍ୟକାଳରୁ ନିଜ ପରିବାର ମଧ୍ୟରେ ମା'ଙ୍କୁ ବାପାଙ୍କଠାରୁ ମାଡ଼ ଖାଇବା, ଖୁଡ଼ୀ କକାଙ୍କଠାରୁ ଓ ଭାଉଜ ଭାଇଙ୍କଠାରୁ ମାଡ଼ ଖାଇବା ପରି ଦୃଶ୍ୟ ଦେଖି ଆସିଥାଆନ୍ତି। ତେଣୁ ସେମାନେ ନିଜେ ଯେତେବେଳେ ଶାଶୁଘରେ ଏପରି ଘଟଣାର ଶିକାର ହୁଅନ୍ତି ସେତେବେଳେ ଏହାକୁ ଏକ ସାଧାରଣ ଘଟଣା ବୋଲି ଭାବି ସହିଯାଆନ୍ତି ଓ ଅନୁଭବ କରନ୍ତି କି ଏହା ତ ଆମଘରେ ମଧ୍ୟ ହେଉଥିଲା ତେଣୁ ଏଥିରେ ବିରୋଧ କରିବାର ନାହିଁ କି କିଛି ବିଚଳିତ ହେବାର ନାହିଁ।

ଆମେ ଧ୍ୟାନଦେବା ଉଚିତ ଯେ ମହିଳାଙ୍କ ପ୍ରତି ହେଉଥିବା ଅପରାଧ କେବଳ ସର୍ବସାଧାରଣ ସ୍ଥାନରେ ଘଟେ ନାହିଁ। 'ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ' ତଥ୍ୟ ମହିଳାମାନଙ୍କୁ ସୁରକ୍ଷିତ ସ୍ଥାନରେ ମଧ୍ୟ ଅସୁରକ୍ଷିତ ବୋଲି ଦର୍ଶାଏ। ସଦ୍ୟ ପ୍ରକାଶିତ 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ' ତଥ୍ୟ ସୂଚିତ କରେ ଯେ, ୧୮ ରୁ ୪୯ ବର୍ଷ ମଧ୍ୟରେ ୨୯.୩% ବିବାହିତ ମହିଳା ଘରୋଇ କିମ୍ବା ଯୌନହିଂସାର ସମ୍ମୁଖୀନ ହୋଇଛନ୍ତି। ୨୦୨୧ରେ ଓଡ଼ିଶାରେ ମହିଳାଙ୍କ ପ୍ରତି ଅପରାଧ ୨୩% ବୃଦ୍ଧି ପାଇଥିଲା। ଏହା ସହ ମହିଳାଙ୍କ ପ୍ରତି ଅପରାଧ ଦୃଷ୍ଟିରୁ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଥିଲା।

ମହିଳାମାନେ ନିଜ ଜୀବନରେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଲିଙ୍ଗଗତ ହିଂସା ଏବଂ ଭେଦଭାବର ସମ୍ମୁଖୀନ ହୁଅନ୍ତି। ସେମାନଙ୍କ ମଧ୍ୟରେ ଅନେକ ଘରୋଇହିଂସାର ଉଦାହରଣ। ପ୍ରସବପୂର୍ବ ପର୍ଯ୍ୟାୟରେ ଗର୍ଭନିରୂପଣ ଓ ଗର୍ଭପାତ, ଶିଶୁ ଅବସ୍ଥାରେ ଶିଶୁକନ୍ୟା, ବାଲ୍ୟବିବାହ, ଯୌନଶୋଷଣ, ଦୁଷ୍କର୍ମ, ନିଷିଦ୍ଧସମ୍ପର୍କ ଏବଂ ଶିଶୁ ଶ୍ରମିକ, କିଶୋର ଅବସ୍ଥାରେ ବେଶ୍ୟାବୃତ୍ତି ପାଇଁ ବାଧ୍ୟକରିବା, ଗଣଦୁଷ୍କର୍ମ, ଯୌନଶୋଷଣ, ଡେଟିଂ ଏବଂ ପ୍ରେମବ୍ୟାପାର ହିଂସା (ଏସିଡ୍‌ମାଡ଼ର ଶିକାର) ପ୍ରଜନନଅବସ୍ଥାରେ ସ୍ୱାମୀ ଓ ଶାଶୁଘରଲୋକଙ୍କଦ୍ୱାରା ନିର୍ଯାତନା, ବୈବାହିକ ଦୁଷ୍କର୍ମ ଓ ଯୌତୁକ ନିର୍ଯାତନା ଏବଂ ବୃଦ୍ଧାବସ୍ଥାରେ ବିଧବା ଓ ବୃଦ୍ଧ ନିର୍ଯାତନା ଓ ଦୁଷ୍କର୍ମ ଇତ୍ୟାଦି ଶୋଷଣର ସମ୍ମୁଖୀନ ହୋଇଥାଆନ୍ତି।



ପରିବାର ଭିତରେ ଓ ଆନୁଷଙ୍ଗିକ ଅବସ୍ଥାରେ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଆମ ସମ୍ବିଧାନରେ ପ୍ରତ୍ୟାଭୂତ ହୋଇଥିବା ଅଧିକ ସୁରକ୍ଷା ଯୋଗାଇଦେବା ନିମନ୍ତେ 'ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଆଇନ,୨୦୦୫ର ପ୍ରଣୟନ କରାଯାଇଛି। ଏହା ବ୍ୟତୀତ ଭାରତୀୟ ଦଣ୍ଡ ସଂହିତା ଏବଂ ସ୍ୱତନ୍ତ୍ର ନିୟମ ଅନୁଯାୟୀ ଅପରାଧ ହେଉଛି– ଦୁଷ୍କର୍ମ (୩୭୬ ଆଇପିସି), ଅପହରଣ ଏବଂ ହରଣଚାଲ (୩୬୩–୩୭୩ ଆଇପିସି), ଯୌତୁକଜନିତ ହତ୍ୟା (୩୦୨/୩୦୪ ବି–ଆଇପିସି), ମାନସିକ ଏବଂ ଶାରୀରିକ ନିର୍ଯାତନା (୪୯୮ ଏ –ଆଇପିସି), ଉତ୍ପୀଡନ (୩୫୪ ଆଇପିସି), ଯୌନ ଉତ୍ପୀଡନ (୫୦୯ ଆଇପିସି), ୨୧ ବର୍ଷ ବୟସ ପର୍ଯ୍ୟନ୍ତ ବାଳିକା ଆମଦାନୀ (୩୬୬ବି ଆଇପିସି)। ଏଥିସହ ସରକାର ଅନୈତିକ ମାନବ ବ୍ୟାପାର ନିବାରଣ ଆଇନ ୧୯୫୬, ବାଲ୍ୟବିବାହ ନିଷିଦ୍ଧ ଆଇନ ୧୯୭୯, ମହିଳା ଅଶିଷ୍ଟ ରୂପଣ ପ୍ରତିଷେଧ ଆଇନ ୧୯୮୬ ଇତ୍ୟାଦି କାର୍ଯ୍ୟକାରୀ କରିଛନ୍ତି। ଏହା ବ୍ୟତୀତ ମହିଳା କମିଶନ, ଆଇନସେବା ପ୍ରାଧୀକରଣ ଓ ମିଶନ ଶକ୍ତି ଇତ୍ୟାଦି ସରକାରଙ୍କ ତରଫରୁ ଖୋଲା ଯାଇଛି।

କୌଣସି ହିଂସାର ଶିକାର ହୋଇଥିବା ମହିଳାମାନଙ୍କୁ ଗୋଟିଏ ସ୍ଥାନରେ ସବୁ ପ୍ରକାର ସହାୟତା ଯୋଗାଇ ଦେବା ନିମନ୍ତେ ୨୦୧୫ ଏପ୍ରିଲ ୧ ରୁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ 'ସଖୀ'ନାମକ ଏକ ଅନୁଷ୍ଠାନ ମଧ୍ୟ କାର୍ଯ୍ୟ କରୁଛି। ଯେଉଁଥିରେ ହିଂସାର ଶିକାର ହୋଇଥିବା ମହିଳା ମାନଙ୍କୁ ତୁରନ୍ତ ଉଦ୍ଧାର କରିବା, ପୋଲିସ ଓ ଚିକିତ୍ସାସେବା ଯୋଗାଇଦେବା, ଆଶ୍ରୟଦେବା ଓ ଆଇନସେବା ଗୋଟିଏ ସ୍ଥାନରେ ଯୋଗାଇଦେବା ଇତ୍ୟାଦିର ବ୍ୟବସ୍ଥା ରହିଛି। ଏହାବ୍ୟତୀତ ବିବାହ ଓ ପରିବାରଜନିତ ମାମଲାର ତୁରନ୍ତ ବିଚାର ନିମନ୍ତେ ପରିବାର ଅଦାଲତର ବ୍ୟବସ୍ଥା ରହିଛି।

ଦଶନ୍ଧି ପରେ ଦଶନ୍ଧି, ଶତାବ୍ଦୀ ପରେ ଶତାବ୍ଦୀ ବିତି ଯାଉଛି କିନ୍ତୁ ମହିଳାମାନଙ୍କ ଅବସ୍ଥା ସୁଧୁରିପାରୁ ନାହିଁ। ମହିଳାମାନେ ପକ୍ଷପାତିତା, ଅତ୍ୟାଚାର, ଶୋଷଣ, ଆକ୍ରମଣ ଓ ଅପମାନ ଇତ୍ୟାଦିର ଶିକାର ହୋଇ ଆସୁଛନ୍ତି। ବେଦଶାସ୍ତ୍ରରେ ସର୍ବଦା ନାରୀକୁ ମା', ଜନ୍ମଦାତ୍ରୀ ଓ ଦେବୀର ମାନ୍ୟତା ଦେଇ ଆସିଥିଲେ ମଧ୍ୟ ବାସ୍ତବିକ କ୍ଷେତ୍ରରେ ନାରୀ ହିଂସାର ଶିକାର ହୋଇ ଆସୁଛି। ପତ୍ନୀର ମୃତ୍ୟୁ ହୋଇଗଲେ ମାସଟିଏ ନ ଯାଉଣୁ ସ୍ୱାମୀ ସଂଗେ ସଂଗେ ଦ୍ୱିତୀୟ ବିବାହ କରିବା ପାଇଁ ଆଗେଇ ଆସୁଛି ଓ ସେଥିପାଇଁ ପରିବାର ଏବଂ ସମାଜ ସର୍ବଦା ସହାୟତା କରୁଛି। ଅଥଚ ସ୍ୱାମୀର ମୃତ୍ୟୁ ହୋଇଗଲେ ସ୍ତ୍ରୀକୁ ବିଧବାର ଆଖ୍ୟା ଦିଆଯାଇ ଜୀବନ ସାରା ଶ୍ୱେତବସ୍ତ୍ର ପରିଧାନ କରିବା, ନିରାମିଷ ଭୋଜନ କରିବା, ଶୁଭ କାର୍ଯ୍ୟରେ ଭାଗ ନ ନେବା ଇତ୍ୟାଦି କଷଣ ଦିଆଯାଉଛି। ଅଳ୍ପ ବୟସରେ ବିଧବା ହୋଇଯାଉଥିବା ମହିଳାମାନଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହିତ ସବୁ ଅଧିକାରରୁ ବଞ୍ଚିତ କରୁଛନ୍ତି ତା' ସହିତ ବାପଘରେ ମଧ୍ୟ ଜନ୍ମକଲା ମାତାପିତା,ଭାଇଭାଉଜ ଓ ମଉସା ମାଉସୀମାନେ ତାକୁ ଅଶୁଭ କହି ମାଡ଼ଗାଳି ଦେବା ସହିତ ଘରୁ ତଡ଼ି ରାସ୍ତାରେ ଛାଡ଼ିଦେବା ପାଇଁ ମଧ୍ୟ ପଛାଉ ନାହାନ୍ତି। ପରିବାର ମଧ୍ୟରେ ଏସବୁ ହିଂସାପଛରେ ନାରୀମାନଙ୍କର ହିଁ ପ୍ରଚ୍ଛନ୍ନ ହାତଥିବା ଜଣାପଡ଼େ। ଯେଉଁମାନେ ଏସବୁ ନିର୍ଯାତନା ଦେଉଛନ୍ତି ସେମାନେ କେବେହେଲେ ଭାବିପାରନ୍ତି ନାହିଁ ଯେ ଆଜି ଯାହା ସେମାନେ କରୁଛନ୍ତି କାଲି ସେଇ ଘଟଣା ତାଙ୍କ ଜୀବନରେ ଓ ତାଙ୍କ ପରିବାରରେ ମଧ୍ୟ ଘଟିପାରେ। ଆଜି ଯେଉଁ ବିଧବା ନାରୀକୁ ସେମାନେ ତିରସ୍କାର କରି ନିର୍ଯାତନା ଦେଇ ଘରୁ ବାହାର କରିଛନ୍ତି କାଲି ସେଇ ଅବଳା ଅସହାୟ ବିଧବାର ଆଖିର ଲୁହରେ ତାଙ୍କ ଘର ମଧ୍ୟ ଉଜୁଡ଼ି ଯାଇପାରେ।

ମହିଳାମାନଙ୍କ ମଧ୍ୟରେ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ମାଗଣା ଆଇନ ସହାୟତା ସମାଜକୁ ମଜଭୁତ କରିବା, ପରିବାର କୋର୍ଟ ଏବଂ ପରିବାର ପରାମର୍ଶର ପ୍ରଭାବଶାଳୀ କାର୍ଯ୍ୟ, ଉଦ୍ଧାର ଗୃହ ଉପରେ ନଜର ରଖିବା ଏବଂ ବିଭିନ୍ନ ଆଇନର କାର୍ଯ୍ୟକାରିତା, ସଚେତନତା, ମହିଳାଙ୍କ ଆଇନଗତ ସାକ୍ଷରତା ଭଳି ପଦକ୍ଷେପ ଗ୍ରହଣ କରି ଘରୋଇ ହିଂସା ହ୍ରାସ କରାଯାଇପାରିବ। ଆମ ପରିବାର ମଧ୍ୟରେ ଝିଅମାନଙ୍କୁ ଛୋଟ ବେଳୁ ଅବଳା ଦୁର୍ବଳା କହିବା ଅଭ୍ୟାସକୁପରିତ୍ୟାଗ କରିବାକୁପଡ଼ିବ। ହିଂସାକୁବିରୋଧ କରିବା ଏହା ବ୍ୟତୀତ, ଆମେ ଏହି ସଂଯୋଗରେ ଆମର ମାନସିକତା ପରିବର୍ତ୍ତନ କରିବା ଉଚିତ।

କଚେରି ସାହି, ଦେବଗଡ
ମୋ.–୯୪୩୭୨୧୮୯୧୭

# ଆଶୀର୍ବାଦ ନା ଅଭିଶାପ



ବୃହସ୍ପତି ସାମଲ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ସମ୍ଭାବ୍ୟ ଭୟାବହତାକୁ ନେଇ ୧୯ ଜୁଲାଇ, ୨୦୨୩ରେ ବ୍ରିଟେନ ଦ୍ୱାରା ଆୟୋଜିତ ଜାତିସଂଘ ନିରାପତ୍ତା ପରିଷଦର ସର୍ବପ୍ରଥମ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଏବେ ବ୍ୟଗ୍ରତା ପ୍ରକାଶ ପାଇଛି। ଆଲୋଚନାରେ ଭାଗନେଇ ଅନେକ ଏଆଇ କମ୍ପାନୀର ପ୍ରତିଷ୍ଠାତାମାନେ ଏଆଇକୁ କୌଣସି ଅପ୍ରତ୍ୟାଶିତ ବିଶୃଙ୍ଖଳ ଆଚରଣ ଭିତରକୁ ଠେଲି ନ ଦେଇ ଏହାର ସମ୍ଭାବ୍ୟ ଅପବ୍ୟବହାରକୁ ବନ୍ଦ କରିବା ପାଇଁ ମିଳିତ ଉଦ୍ୟମ ଜାରିରଖିବାକୁ ମତପୋଷଣ କରିଥିଲେ। ଆଂଥ୍ରୋପିକ ଏଆଇ କମ୍ପାନୀର ଯୁଗ୍ମ ପ୍ରତିଷ୍ଠାତା ଜ୍ୟାକ କ୍ଲାର୍କ ଏ ଦିଗରେ ବିଶ୍ୱ ନିରାପତ୍ତା ସହିତ କୌଣସି ବୁଝାମଣା ନ କରି ଏଆଇ ବିନିର୍ମାଣକାରୀଙ୍କ ଉତ୍ତରଦାୟିତ୍ୱ ପ୍ରତି ସମ୍ପୂର୍ଣ୍ଣ ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ, ବଜାର ଚାହିଦାକୁ ନଜରରେ ରଖି ନିଜ ନିଜ ଭିତରେ ପ୍ରତିଯୋଗିତା ପୂର୍ବକ କିଛି ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥା ଉପରେ ଏଆଇର ବିନିର୍ମାଣକୁ ଛାଡ଼ି ନ ଦେଇ, ସରକାରୀ ଭାବେ ପ୍ରତ୍ୟେକ ରାଷ୍ଟ୍ରର ସମ୍ମିଳିତ ତଥା ଉତ୍ସର୍ଗୀକୃତ ପ୍ରଚେଷ୍ଟା ରହିବା ଜରୁରୀ। ମାନବକୈନ୍ଦ୍ରିକ ବିଶ୍ୱସନୀୟତା ଉପରେ ଜୋର ଦେଇ ଏଆଇର ବିନିର୍ମାଣ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବୀୟ ଅଧିକାରର ଅନୁରୂପ ହେବା ବିଧେୟ ବୋଲି ଜାପାନର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ତାକେଇ ସୁନସୁକେ ସୂଚନା ଦେଇଥିଲେ। ସର୍ବୋପରି, ପରମାଣୁ ଯୁଦ୍ଧାସ୍ତ୍ର, ବାୟୋଟେକ୍ନୋଲୋଜି, ନ୍ୟୁରୋଟେକ୍ନୋଲୋଜି ଏବଂ ରୋବୋଟିକ୍ସରେ ଏଆଇର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ଉତ୍ପନ୍ନ ଭୟାବହତା ଉପରେ ବ୍ୟଗ୍ରତା ପ୍ରକାଶ କରି ଏହି ସମ୍ଭାବ୍ୟ ବିପଦରୁ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କୁ ରକ୍ଷା ନ କରି ପାରିବା ନିଜ ଦାୟିତ୍ୱରୁ ବିଚ୍ୟୁତ ହେଲା ଭଳି କଥା ବୋଲି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମତବ୍ୟକ୍ତ କରିଥିଲେ।

'କାର୍ଯ୍ୟକ୍ଷେତ୍ରରେ ଜେନେରେଟିଭ ଏଆଇ' ଉପରେ ଏପ୍ରିଲ ୨୦୨୩ରେ ପ୍ରକାଶ ପାଇଥିବା କେମ୍ବ୍ରିଜର ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ, ଏଆଇ ଉପକରଣର ବ୍ୟବହାର ଯୋଗୁ ପ୍ରତି ଘଣ୍ଟାର ହାରାହାରି ସମସ୍ୟା ସମାଧାନ ଅନୁଯାୟୀ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ୧୪ ପ୍ରତିଶତ ବୃଦ୍ଧି ପାଇବା ସହ ଗ୍ରାହକ ସନ୍ତୁଷ୍ଟିକୁ ପ୍ରୋତ୍ସାହିତ କରିବାରେ ସକ୍ଷମ ହେଇପାରିଛି। ସେହିଭଳି ପଚାଶଟି କମ୍ପାନୀର କର୍ମଚାରୀଙ୍କୁ ନେଇ ଆମେରିକାରେ କରାଯାଇଥିବା ଆଉ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଆଇ ୭୦ ପ୍ରତିଶତ କର୍ମଚାରୀଙ୍କୁ ଦ୍ରୁତ କାର୍ଯ୍ୟଦକ୍ଷ କରିପାରିଛି। ୩୨ ପ୍ରତିଶତ କର୍ମଚାରୀଙ୍କ ମତାମତ ଅନୁଯାୟୀ ଏହା ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଅଧିକ ଲାଭପ୍ରଦ ହେବ। ବିଶ୍ୱସ୍ତରୀୟ ଗବେଷଣା ମଧ୍ୟ ଏଆଇର ଭବିଷ୍ୟତ ନେଇ ଖୁବ୍ ଆଶାବାଦୀ। ଇଂଲଣ୍ଡର ପ୍ରାଇସୱାଟରହାଉସକୁପର୍ସ ଇଣ୍ଟରନାଶନାଲ ଲିମିଟେଡ୍ ତରଫରୁ କରାଯାଇଥିବା ଗବେଷଣା ମୁତାବକ ଏଆଇ ପ୍ରଯୁକ୍ତିବିଜ୍ଞାନର ଦ୍ରୁତ ଅଗ୍ରଗତି ଫଳରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱର ଜିଡିପି ୧୪ ପ୍ରତିଶତ ବୃଦ୍ଧି ପାଇ ୧୫.୭ ଟ୍ରିଲିଅନ ଡଲାରରେ ପହଞ୍ଚିବ। ଦ୍ରବ୍ୟର ବିବିଧତା ପ୍ରୋତ୍ସାହିତ ହେବାରୁ, ମୋଟ ଅର୍ଥନୈତିକ ଲାଭର ୪୫ ପ୍ରତିଶତ ଏଆଇ ଦ୍ୱାରା ହିଁ ସମ୍ଭବ ହେବ। କେବଳ ଏତିକି ନୁହେଁ, ବିଶେଷ ଆଲଗୋରିଦିମ୍‌ର ପ୍ରୟୋଗରେ ଏହା ଅପରାଧ ଓ ଦୁର୍ନୀତି ରୋକିବାରେ ମଧ୍ୟ ସହାୟକ ହେବ।



ଅନ୍ୟପକ୍ଷରେ, ମାନବୀୟ ବୁଦ୍ଧିମତ୍ତାର ନକଲ କରିବା ପାଇଁ ସ୍ଥାପିତ ହୋଇଥିବା ଏହି ଏଆଇକୁ ନେଇ ଅନେକ ବାଦବିବାଦ ମଧ୍ୟ ସୃଷ୍ଟି ହୋଇଛି। ଅନେକ ବୈଜ୍ଞାନିକ, ଦାର୍ଶନିକ ଓ ରାଜନୀତିଜ୍ଞଙ୍କ ମତରେ, ଦିନେ ଏମିତି ଏକ ସମୟ ଆସିବ ଯେତେବେଳେ ଏଆଇ ଏଭଳି ଶକ୍ତିଶାଳୀ ହୋଇଯିବ ଯେ ମଣିଷ ସମାଜ ତା' ଉପରୁ ନିୟନ୍ତ୍ରଣ ହରେଇବସିବ। ରୋବର୍ଟ ଏବଂ ଏଆଇର ଅତିରିକ୍ତ ଓ ଅନାବଶ୍ୟକ ବ୍ୟବହାରରୁ ଉତ୍ପନ୍ନ କ୍ଷତିର ଆଶଙ୍କାରେ ଅର୍ଥନୀତିଜ୍ଞମାନେ ବାରମ୍ବାର ସତର୍କ କରେଇବାକୁ ବାଧ୍ୟ ହୋଇଛନ୍ତି ଯେ ଯଦି ସମ୍ପୂର୍ଣ୍ଣ ରୋଜଗାର ପାଇଁ ଉପଯୁକ୍ତ ସାମାଜିକ ନୀତିନିୟମ ପ୍ରଣୟନ ନ ହୁଏ ତେବେ ଏଆଇ ବେରୋଜଗାରୀର ଏକ ପ୍ରମୁଖ କାରଣ ହେବ। ଏହାର ବହୁଳ ବ୍ୟବହାରରେ ଛାତ୍ରୀଛାତ୍ରମାନେ ନିଜର ପ୍ରାକୃତିକ ସୃଜନଶୀଳତାକୁ ହରେଇବସିବା ସ୍ୱାଭାବିକ। ଅଧିକନ୍ତୁ, ଜେନେରେଟିଭ ଏଆଇ ତା'ର ପୁନଃସର୍ଜନଶୀଳ କ୍ଷମତାକୁ ଅତି ଦକ୍ଷତାର ସହ ସମ୍ପାଦନ କରିପାରୁଥିବାରୁ ଏହା ଶ୍ରମ ବଜାର, ଚାକିରି ଓ ମଜୁରିକୁ ନକାରାତ୍ମକ ଭାବେ ପ୍ରଭାବିତ କରିବ। ଏଆଇର ସ୍ୱୟଂଚାଳିତ ପ୍ରକ୍ରିୟା ଯୋଗୁ କାର୍ଯ୍ୟାଳୟ ଓ ଉଦ୍ୟୋଗଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ତୀବ୍ରତର ହୋଇ ଶ୍ରମିକର ଭାଗୀଦାରି ଯଥେଷ୍ଟ ହ୍ରାସ ପାଇବ; ଯାହା ପରୋକ୍ଷରେ ମଜୁରିରେ ବୈଷମ୍ୟତା ସୃଷ୍ଟି କରିବ। ବିଶ୍ୱ ଅର୍ଥନୈତିକ ଫୋରମର ଏକ ରିପୋର୍ଟ ଅନୁଯାୟୀ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଏଆଇ ପ୍ରଭାବରେ ପ୍ରଶାସନିକ ଏବଂ କାର୍ଯ୍ୟନିର୍ବାହୀ ସ୍ତରୀୟ ହିସାବରକ୍ଷକ, କୋଷାଧ୍ୟକ୍ଷ, କିରାଣି, ଡାଟା ଏଣ୍ଟ୍ରି ଭଳି ଅନେକ ପାରମ୍ପରିକ ଚାକିରିର ଏକ ଚତୁର୍ଥାଂଶ ହ୍ରାସ ଘଟିବ। ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଏହା ଅଧିକ ଅନୁଭୂତ ହେବ।

ଯେହେତୁ ଏକପକ୍ଷରେ ବିଭିନ୍ନ କ୍ଷେତ୍ରରେ ଏଆଇର ଉପଯୋଗକୁ ଆଉ ଅଟକେଇବା ସମ୍ଭବ ନୁହେଁ ଏବଂ ଅନ୍ୟପକ୍ଷରେ ଏହା ସମାଜ, ଶ୍ରମ ବଜାର, ଅର୍ଥନୀତି, ରାଜନୀତି, ଡାଟା ନିରାପତ୍ତା, ଅପରାଧ ଓ ଜନମଙ୍ଗଳ ପାଇଁ ଭବିଷ୍ୟତରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିବାକୁ ତତ୍ପର, ବିଶ୍ୱର ମଙ୍ଗଳ ପାଇଁ ତୁରନ୍ତ ଆବଶ୍ୟକୀୟ ନୂତନ ବିଧି ପ୍ରଣୟନ ବର୍ତ୍ତମାନ ସମୟର ଏକ ବିଶ୍ୱସ୍ତରୀୟ ଆବଶ୍ୟକତା ; ଯାହାକୁ ତ୍ୱରାନ୍ୱିତ କରିବା ପ୍ରତ୍ୟେକ ରାଷ୍ଟ୍ରର ନୈତିକ ଦାୟିତ୍ୱ ହେବା ଦରକାର। ନ ହେଲେ, ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବିଶ୍ୱବାସୀଙ୍କ ପାଇଁ ଆଶୀର୍ବାଦ ବଦଳରେ ଅଭିଶାପରେ ପରିଣତ ହେବ।

ମୋ: ୯୪୩୭୦୨୨୬୬୯

## ଏଇ ଭାରତରେ

ମୁକ୍ତ ଜୀବନର ମୂଲ୍ୟ ବୁଝିଛନ୍ତି ଉତ୍ତରପ୍ରଦେଶର କନ୍‌ଷ୍ଟେବଲ ସୁରେଶ ସବ୍‌ଲୋକ। ସେ ବିକ୍ରି କରାଯାଉଥିବା ପିଞ୍ଜରାବଦ୍ଧ ପକ୍ଷୀଙ୍କୁ ଖୋଲା ଆକାଶରେ ଛାଡ଼ି ସେମାନଙ୍କୁ ମୁକ୍ତିର ଆନନ୍ଦ ଦେଉଛନ୍ତି। ଏହା ସହିତ ଭୋକିଲା ଏବଂ ତୃଷାର୍ତ୍ତ ପ୍ରାଣୀମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରୁଛନ୍ତି। ସୁରେଶ ସବ୍‌ଲୋକ ସିଟି କୋଟୱାଲୀ ଅଞ୍ଚଳରେ ନିଯୁକ୍ତ ହୋଇଛନ୍ତି। ବଜାରରେ ବିକ୍ରି ହେଉଥିବା ପକ୍ଷୀଙ୍କୁ ସେ ତାଙ୍କ ଦରମା ଟଙ୍କାରେ କିଣନ୍ତି। ଏବେସୁଦ୍ଧା ସେ ପ୍ରାୟ ୧୦୦୦ ପକ୍ଷୀଙ୍କୁ କିଣି ମୁକ୍ତ କରିସାରିଲେଣି। ଲୋକଙ୍କଠାରୁ ପକ୍ଷୀ ବିକ୍ରି ହେଉଥିବା ଜାଗା ସମ୍ପର୍କରେ ସୂଚନା ପାଇବା କ୍ଷଣି ସେହି ସ୍ଥାନରେ ପହଞ୍ଚି ପକ୍ଷୀ କିଣନ୍ତି ଏବଂ ସେମାନଙ୍କୁ ମୁକ୍ତ କରନ୍ତି। ଏହି ଖବର ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏସ୍‌ପି ରାଜେଶ ଦ୍ୱିବେଦୀ କନ୍‌ଷ୍ଟେବଲ ସୁରେଶଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ତାଙ୍କୁ ସମ୍ମାନିତ କରିଛନ୍ତି। ପିଲାଦିନେ ସେ ଭୋକିଲା ପ୍ରାଣୀ ଦେଖିଲେ ସେମାନଙ୍କୁ ଯଥା ସମ୍ଭବ ଖାଇବାକୁ ଦେଉଥିଲେ। ଯେତେବେଳେ ସେ ଚାକିରି ପାଇଲେ, ସେତେବେଳେ ସେ ଏହି କାର୍ଯ୍ୟ ଜାରି ରଖିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୯୮

- ଭାରତରେ ଅବସ୍ଥାପିତ ବ୍ରିଟିଶ ହାଇକମିଶନର ସାର୍ ଡେଭିଡ ଗୋରେବୁଥ୍‌ଙ୍କ ତାଙ୍କ ପଦରୁ ଇସ୍ତଫା ପ୍ରଦାନ।
- କାବେରୀ ଜଳବଣ୍ଟନ ବିବାଦ ଟ୍ରିବ୍ୟୁନାଲର ଅନ୍ତରୀଣ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ଚିଠା ଯୋଜନାରେ କେନ୍ଦ୍ର ସରକାର ଆଣିଥିବା କେତେକ ପରିବର୍ତ୍ତନକୁ କର୍ନାଟକ ସରକାରଙ୍କ ଅଗ୍ରାହ୍ୟ।
- ଜୈନ କମିଶନ ତଦନ୍ତ ରିପୋର୍ଟ ଉପରେ କେନ୍ଦ୍ର ସରକାର ପ୍ରସ୍ତୁତ କରିଥିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ (ଏଟିଆର)କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ପ୍ରତ୍ୟାଖ୍ୟାନ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 8 | | | | | |
| | | 1 | | | 2 | | | |
| 2 | 5 | | 9 | | | | | |
| | | | | 6 | 1 | | | 3 |
| | 3 | | | 8 | | 4 | 6 | |
| 7 | | | | | | | | |
| | 6 | 2 | 5 | | | | | 7 |
| | 7 | 8 | | | | 3 | | |
| 9 | | | 4 | 3 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 2 | 1 | 7 | 3 | 9 | 8 |
| 7 | 9 | 2 | 4 | 8 | 3 | 6 | 5 | 1 |
| 1 | 8 | 3 | 5 | 9 | 6 | 4 | 2 | 7 |
| 9 | 7 | 5 | 1 | 3 | 2 | 8 | 4 | 6 |
| 2 | 3 | 4 | 8 | 6 | 5 | 1 | 7 | 9 |
| 8 | 6 | 1 | 7 | 4 | 9 | 2 | 3 | 5 |
| 6 | 2 | 9 | 3 | 5 | 8 | 7 | 1 | 4 |
| 3 | 4 | 8 | 9 | 7 | 1 | 5 | 6 | 2 |
| 5 | 1 | 7 | 6 | 2 | 4 | 9 | 8 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୃଷ୍ଟି ପଡୁ

ମହାଶୟ,

ସାପ କାମୁଡ଼ା ମୃତ୍ୟୁରେ ଓଡ଼ିଶା ଦେଶର ୨ୟ ସ୍ଥାନରେ ରହିଛି। ପ୍ରାୟ ବର୍ଷକୁ ୩ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ସାପ କାମୁଡ଼ାରେ ହେଉଛି। ଅଧିକାଂଶ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଇଞ୍ଜେକ୍ସନ ମିଳୁ ନ ଥିବାରୁ କଟକ ଆସିବା ବିଳମ୍ବ ହେତୁ ଘଟୁଛି। ରାଜ୍ୟରେ ମାଳ ମାଳ ଡାକ୍ତରଖାନା, ମେଡିକାଲ କଲେଜ ରୂପାନ୍ତରିତ ଓ ନୂଆ ଖୋଲୁଥିଲେ ମଧ୍ୟ ସର୍ବନିମ୍ନ ଡାକ୍ତର ନାହାନ୍ତି କି ଔଷଧ ମିଳୁନାହିଁ। ମାଳ ମାଳ ସ୍କୁଲ, କଲେଜ ରୂପାନ୍ତରିତ ହେଉଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ନାହାନ୍ତି। ତେବେ ସରକାର ଏ ସବୁ ପ୍ରତି ଦୃଷ୍ଟି ଦେଉନାହାନ୍ତି କାହିଁକି। କେବଳ ରାଜନୈତିକ ଭାଷଣବାଜିରେ କି ଯୋଗାଡ଼ିଆ ସଭାରେ କରତାଳିରେ ସମସ୍ୟାର ସମାଧାନ ହୁଏ ନାହିଁ। ଅଚଳ ବିଧାନସଭା ପରେ ରାଜ୍ୟ ଅଚଳାବସ୍ଥାକୁ ନ ଯାଉ। ସାପ କାମୁଡ଼ା ପ୍ରଭାବିତ ଜିଲାଗୁଡ଼ିକରେ ରାଶନ ସାମଗ୍ରୀ ଯୋଗାଣ ପରି ସରକାରୀ ସ୍ତରରୁ ଜନ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରାଯାଉ। ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ଏହାର ଦାୟିତ୍ୱ ଦିଆଯାଇପାରେ। ସାପ କାମୁଡ଼ା, କୁମ୍ଭୀର ଆତଙ୍କ, ହାତୀ ଆତଙ୍କ, ମାଙ୍କଡ଼ ଆତଙ୍କ ପ୍ରଭୃତି ସମସ୍ୟାର ସମାଧାନ ସମ୍ଭବ। ଏଥିପାଇଁ ଜନ ସମ୍ବେଦନା ମାନସିକତା ରହିବା ଆବଶ୍ୟକ।

–ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା ଜୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିହଙ୍ଗର ଗତି ପୁଣି କ୍ଷୀଣତମ ସ୍ୱରର ଚାଳନ
ସକଳ ଆକାଶଦେଶେ ଜଗାଏ କି
ବ୍ୟଥିତ ସ୍ପନ୍ଦନ
ଏକ ଅଙ୍ଗେ ଲାଗେ ଯେବେ ଆଘାତ ବେଦନା
ଛୁଟେ ତା'ର ବ୍ୟଥିତ ଦ୍ୟୋତନା।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ

ରୂପସା, ୧।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା କୁଳିଦା ପଞ୍ଚାୟତ ଅଧୀନ ବେଲଗାଁ ନିକଟ ଚାଷଜମିରୁ ପୋଲିସ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଛି। ସେ ହେଲେ ଗ୍ରାମର ମହାଜନିଆ ସାହିର ଖୁରୀ ମାର୍ଣ୍ଡି(୪୦)। ସୋମବାର ସନ୍ଧ୍ୟାରେ ଖୁରୀଙ୍କ ମୃତଦେହ ଗାଁ ପାଖ ଚାଷଜମିରେ ପଡ଼ିଥିବା ଦେଖି ଗ୍ରାମବାସୀ ଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ରାତିରେ ମୃତଦେହକୁ ଜବତ କରାଯାଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୩) ରୁଜୁ କରି ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ଏହାପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ବୃଦ୍ଧଙ୍କ ମୃତଦେହ ଜବତ

କୁଲିଅଣା, ୧।୮ (ଗୋପୀନାଥ ବେହେରା)

ଚାନ୍ଦୁଆ ଥାନା ଅଧୀନ ନୁହାମାଳିଆ ଗ୍ରାମ ପଡ଼ିଆରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୩) ରୁଜୁ ହୋଇଛି।

# ମରାମତି ହେଉନି ଏସ୍କେପ୍

■ ବନ୍ୟା ଆସିଲେ ପ୍ରଭାବିତ ହେବେ ଧାମନଗରବାସୀ
■ ନଦୀକୂଳିଆ ଲୋକେ ଛାନିଆ

ଧାମନଗର, ୧।୮ (ଦେବେନ୍ଦ୍ର ଆଢ଼ିଆ)


ଗୌରାଙ୍ଗପୁର ଏସ୍କେପ୍।

ଭଦ୍ରକ ଜିଲାର ଧାମନଗର ଏକ ବନ୍ୟା ପ୍ଲାବିତ ଅଞ୍ଚଳ। ଉପରମୁଣ୍ଡରେ ସାମାନ୍ୟ ବର୍ଷା ହେଲେ ବୈତରଣୀ ଓ ତା'ର ଶାଖା ନଦୀ ଗେଙ୍ଗୁଟିରେ ବନ୍ୟା ଆସି ବ୍ଲକର ୩୧ ପଞ୍ଚାୟତରୁ ଅଧିକାଂଶ ପଞ୍ଚାୟତର ଚାଷଜମି ଜଳମଗ୍ନ ହେବା ସହ ବହୁ ଗ୍ରାମ ରାସ୍ତା ଓ ଗ୍ରାମ୍ୟ ଉନ୍ନୟନ ରାସ୍ତା ବୁଡ଼ି ଯାତାୟାତ ବନ୍ଦ ହୋଇଥାଏ। ବୈତରଣୀ ବନ୍ୟାର ମୁଖ୍ୟ କାରଣ ହେଲା ଭଣ୍ଡାରିପୋଖରୀ ବ୍ଲକରେ ଥିବା କଣ୍ଟି ଏସ୍କେପ୍ ସହ ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତରେ ଥିବା ମଲ୍ଲିମାହାରା ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁରଠାରେ ଥିବା ଗୌରାଙ୍ଗପୁର ଏସ୍କେପ୍। ଏସ୍କେପଗୁଡ଼ିକର ଉଚ୍ଚତା ବୃଦ୍ଧି ସାଙ୍ଗକୁ ସୁଦୃଢ଼ୀକରଣ କରାଯାଉ ନ ଥିବାରୁ ଧାମନଗରବାସୀ ପ୍ରତିବର୍ଷ ବନ୍ୟା ବିପର୍ଯ୍ୟୟକୁ ମୁକାବିଲା କରିଥାନ୍ତି। ବୈତରଣୀ ଓ ଶାଖା ଗେଙ୍ଗୁଟି ନଦୀରେ ଥିବା ୫ଟି ଜଳ ନିଷ୍କାସନ ପଥ (ଏସ୍କେପ୍) ଆଜି ବି ମୁକୁଳା ପଡ଼ିଛି। ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରଠାରେ ମଲ୍ଲିମାହାରା, ସୋହଡ଼ା ପଞ୍ଚାୟତରେ ଗୌରାଙ୍ଗପୁର ଏସ୍କେପ୍ ରହିଥିବା ବେଳେ ଗେଙ୍ଗୁଟି ନଦୀର କନକେଇ, ମଠମାହାରା, ଗାଇଛନ୍ଦା ଆଦି ୫ଟି ଜଳ ନିଷ୍କାସନ ପଥ ରହିଛି। ପ୍ରତିବର୍ଷ ବନ୍ୟା ସ୍ରୋତରେ ଏହି ଏସ୍କେପ୍‌ର ପଥରଗୁଡ଼ିକ ନଦୀ ପାଣି ସ୍ରୋତରେ ନଷ୍ଟ ହେବା ସହ ଏଣେତେଣେ ହୋଇଯାଇଥାଏ। ପରେ ବିଭାଗ ପକ୍ଷରୁ ମରାମତି କରାଯାଏ। ହେଲେ ଗତବର୍ଷ ବନ୍ୟାରେ ନଷ୍ଟ ହୋଇଥିବା ଏସ୍କେପ ଆଜିଯାଏ ମରାମତି ହୋଇନାହିଁ। ଗତବର୍ଷ ବନ୍ୟାରେ ଏସ୍କେପ୍‌ରୁ ପଥର ଭାସିଯିବା ସହ ପ୍ରଖର ସ୍ରୋତରେ ନିଷ୍କାସନ ପଥ ଖୋଲି ନଷ୍ଟ କରି ପକାଇଛି। ଏସବୁ ଏସ୍କେପର ଉଚ୍ଚତା ବୃଦ୍ଧି ସହ ତାହା ଉପରେ ଫୁଟବ୍ରିଜ ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କରାଯାଉ ନାହିଁ।

ଧାମନଗର ଅଞ୍ଚଳରେ ପ୍ରବାହିତ ବୈତରଣୀ ସମେତ କୋଚିଲା ଓ ଗେଙ୍ଗୁଟି ନଦୀରେ ପ୍ରତିବର୍ଷ ବନ୍ୟା ଆସି ପ୍ରାୟ ୨୫ ପଞ୍ଚାୟତ ପ୍ରଭାବିତ କରିଥାଏ। ଘରଦ୍ୱାର, ଚାଷଜମି ଓ ରାସ୍ତା ନଷ୍ଟ ହୋଇଥାଏ। ବ୍ଲକର ତଳିଆ ଅଞ୍ଚଳବାସୀ ପ୍ରାୟ ଚାରିଦିନ ଜଳବନ୍ଦୀ ହୋଇ ରହନ୍ତି। ଏସବୁ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ କାର୍ଯ୍ୟ ନିମ୍ନମାନର ଯୋଗୁ ବର୍ଷେ ଭିତରେ ବନ୍ଧ ନଷ୍ଟ ହେଉଛି। ଗେଙ୍ଗୁଟି ନଦୀବନ୍ଧର ଗୋବିନ୍ଦାଗଡ଼ିଆରୁ ଦୋବଲ ଦେଇ ସୋଧ ବନ୍ଧ ସୁଦୃଢ଼ୀକରଣର କିଛି ମାସ ମଧ୍ୟରେ ନଷ୍ଟ ହେଲାଣି। ଗତବର୍ଷ ବନ୍ୟା ପରେ ଗୌରାଙ୍ଗପୁର ଓ ମଲ୍ଲିମାହାରା ଜଳ ନିଷ୍କାସନ ପଥ ମରାମତି ପାଇଁ ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟ କରାଯାଇ କାର୍ଯ୍ୟ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ବନ୍ଧ ଧସି ଫାଟ ସୃଷ୍ଟି ହୋଇଛି। ଗୌରାଙ୍ଗପୁର ଏସ୍କେପ୍‌ରେ ବନ୍ୟାଜଳ ବାହାରି ସୋହଡ଼ା ପଞ୍ଚାୟତର ବାଲିପଡ଼ା, ଗୌରାଙ୍ଗପୁର, ଦୁଲାରପୁର ପାଟୁଳି (ଜେନାସାହି) ଓ ସୋହଡ଼ା ଗ୍ରାମର ବହୁ ଲୋକ ବନ୍ୟାଘେରରେ ରହିଥାନ୍ତି।

ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୭.୮୩ ମିଟର ରହିଛି। ସେଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ତଥା ୧୮.୦୧ ମିଟର ଛୁଇଁଲେ ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସ୍କେପରୁ ବନ୍ୟାଜଳ ନିଷ୍କାସନ ହୋଇଥାଏ। ସେହିପରି ଦୁଇ ଏସ୍କେପର ଲେଭଲ ୧୦.୨ ମିଟର ଥିବାବେଳେ ପ୍ରତିବର୍ଷ ବନ୍ୟାରେ ଏସ୍କେପ୍ ନଷ୍ଟ ହେଉଛି। ଏଥର ନଦୀରେ ବଡ଼ଧରଣର ବନ୍ୟା ଆସିଲେ ଧାମନଗର ଅଞ୍ଚଳ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଣୁ ଏସ୍କେପ୍‌ଗୁଡ଼ିକର ଉଚ୍ଚତା ବୃଦ୍ଧି ସହ ସୁଦୃଢ଼ୀକରଣ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଗୌରାଙ୍ଗପୁର ଏସ୍କେପ୍ ଉପରେ ଫୁଟବ୍ରିଜ ଓ ମରାମତି କାର୍ଯ୍ୟ ପାଇଁ ପ୍ରାୟ ୪ କୋଟି ୨୦ ଲକ୍ଷ ଏବଂ ମଲ୍ଲୀମାହାରା ଏସ୍କେପ୍ ଉପରେ ଫୁଟବ୍ରିଜ ଓ ସୁଦୃଢ଼ୀକରଣ ନିମନ୍ତେ ୬ କୋଟି ୮୫ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ବ୍ୟୟବରାଦ ହୋଇଛି। ଚଳିତ ବର୍ଷାଋତୁ ପରେ କାର୍ଯ୍ୟ ଆରମ୍ଭ ହେବ। ତେବେ ଗେଙ୍ଗୁଟି ନଦୀରେ ଥିବା ୩ ଏସ୍କେପ ମରାମତି କାର୍ଯ୍ୟ ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଦାସ କହିଛନ୍ତି।

# ରାସ୍ତା ମରାମତି ନ ହେଲେ ଧାରଣା


ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା, ୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌର ପରିଷଦ ଅଞ୍ଚଳରେ ପାଇପ୍ ଯୋଗେ ଜଳ ଯୋଗାଣ ନିମନ୍ତେ ବିଛାଯାଇଥିବା ରାସ୍ତାର ମରାମତି କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ୩ନଂ. ୱାର୍ଡ କାଉନସିଲର ରାଜ ଗୁପ୍ତା ୱାଟକୋର ଅଧୀକ୍ଷଣଯନ୍ତ୍ରୀଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୧୫ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ କଲେ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ସହରର ବିଭିନ୍ନ ୱାର୍ଡରେ ପାନୀୟ ଜଳ ଯୋଗାଣ ନିମନ୍ତେ ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ ୱାଟକୋ ପକ୍ଷରୁ ପାଇପ ଲାଇନ ବିଛାଇ କାର୍ଯ୍ୟ କରାଯାଉଛି । ଚଳପ୍ରଚଳ ହେଉଥିବା କଂକ୍ରିଟ ଓ ପିଚୁ ରାସ୍ତା ଗୁଡ଼ିକ ଖୋଳି ବଡ଼ ବଡ଼ ପାଇପ୍ ବିଛାଯାଉଥିବା ବେଳେ ରାସ୍ତାର ମରାମତି କରାଯାଉନାହିଁ। ଫଳରେ ବର୍ଷା ଦିନେ ପାଣି କାଦୁଅରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ବର୍ଷା ହେଲେ ରାସ୍ତାରେ ଢେଉ ମାଡୁଥିବା ବେଳେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଲୋକେ ପାଣି କାଦୁଅରେ ଯିବା ଆସିବା କରିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଠିକା ସଂସ୍ଥାର କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗକୁ ଭିତ୍ତିକରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

### ୧ ଲକ୍ଷ ଟଙ୍କାର ଶାଳକାଠ ଜବତ

ଠାକୁରମୁଣ୍ଡା, ୧।୮
(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ମଙ୍ଗଳବାର ବନ ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରି ୫୦ ଖଣ୍ଡ ଶାଳ ଚୌକାଠ ଜବତ କରିଛନ୍ତି। ଜବତ କାଠର ଅନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ କହିଛି। ସୂଚନା ଅନୁଯାୟୀ, ହାତୀଗୋଡା ପଞ୍ଚାୟତ ଅନ୍ତର୍ଗତ ସାନମହୁଲଡ଼ିହା ଗ୍ରାମରେ ଗୋଟିଏ ଘର ଭିତରେ ଚୋରା କାଠ ଥିବା କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। ସର୍ଚ୍ଚ ୱାରେଣ୍ଟ ବଳରେ ସ୍ଥାନୀୟ ପୋଲିସ ସହାୟତାରେ ବନବିଭାଗ ଚଢ଼ାଉ କରିଥିଲା। ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ଥାନା ଏଏସ୍ଆଇ ରତ୍ନାକର ବାରିକଙ୍କ ସମେତ ଠାକୁରମୁଣ୍ଡା ଓ ସାତକୋଶିଆ ବନ କର୍ମଚାରୀ, ଠାକୁରମୁଣ୍ଡା ଥାନା ପୋଲିସ ମିଳିତ ଭାବରେ ଚଢ଼ାଉ କରିଥିଲେ। ଜବତ କାଠ ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଚାନ୍ଦବାଲିରୁ ଭିତରକନିକାକୁ ଜଳଯାତ୍ରା ଶୁଭାରମ୍ଭ


ଏସିଏଫ୍ ସୁମିତ କୁମାର ମହାନ୍ତି ଏଣ୍ଟ୍ରି ପଏଣ୍ଟ ଉଦ୍‌ଘାଟନ କରୁଛନ୍ତି।

ଚାନ୍ଦବାଲି, ୧।୮ (କିଶାନ ପାତ୍ର)

କୁମ୍ଭୀର ପ୍ରଜନନ ପାଇଁ ଭିତରକନିକା ଗତ ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ୩ ମାସ ପରେ ମଙ୍ଗଳବାର ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପର୍ଯ୍ୟଟକମାନେ ଚାନ୍ଦବାଲିରୁ ଭିତରକନିକାକୁ ଜଳଯାତ୍ରା ପାଇଁ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ମଙ୍ଗଳବାର ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟକୁ ଉଦ୍‌ଘାଟନ କରାଯାଇଛି। ଚାନ୍ଦବାଲି ଏଣ୍ଟ୍ରିପଏଣ୍ଟରେ ଉନ୍ନତିମୂଳକ କାର୍ଯ୍ୟ ପରେ ପର୍ଯ୍ୟଟକମାନେ ସୁବିଧାରେ ଚାନ୍ଦବାଲିରୁ ଭିତରକନିକା ଯାତ୍ରା ଲାଗି ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏସିଏଫ୍ ସୁମିତ କୁମାର ମହାନ୍ତି ଓ ରେଞ୍ଜ୍ ଅଫିସର ତ୍ରିଲୋଚନ ବେହେରା ପତାକା ଦେଖାଇ ଜଳଯାତ୍ରା ସେବାର ଶୁଭାରମ୍ଭ କରିଥିଲେ। ଚାନ୍ଦବାଲିରୁ ନଦୀ ମଧ୍ୟରେ ୧୭ କି.ମି. ଜଳଯାତ୍ରା କରି ପର୍ଯ୍ୟଟକମାନେ ଭିତରକନିକା ଯାତ୍ରା ଆରମ୍ଭ କରିଛନ୍ତି। ଏଣ୍ଟ୍ରିପଏଣ୍ଟ ଉଦ୍‌ଘାଟନ ବେଳେ ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡା, ବନମାଳୀ ଗେଷ୍ଟହାଉସ ମାଲିକ ବିଶ୍ୱନାଥ ସୂତାର, ସୁଜିତ ପାଣି, ପ୍ରମୋଦ ମହାନ୍ତି ପ୍ରମୁଖ ବୋଟ୍ ମାଲିକ ଉପସ୍ଥିତ ଥିଲେ।

## ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ କମିଟି ବୈଠକ

ସୋର, ୧।୮ (ଜନ୍ମେଜୟ ମିଶ୍ର)

ଉତ୍କଳ ସମ୍ମିଳନୀ ସୋର ଶାଖାର କାର୍ଯ୍ୟକାରୀ କମିଟି ବୈଠକ ସୋର କଲେଜ ଛକରେ ସଭାପତି ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି କୃତିବାସ ବେଜ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ସଭ୍ୟମାନେ ପଡ଼ୋଶୀ ପ୍ରଦେଶମାନେ ଓଡ଼ିଶାର ସୀମାନ୍ତ ଅଞ୍ଚଳର ଗ୍ରାମଗୁଡ଼ିକ ଦଖଲ କରିବା, ଛତିଶଗଡ଼ରେ ଓଡ଼ିଆ ଭାଷାଭାଷୀ ପିଲାଙ୍କ ସିଲାବସରୁ ଓଡ଼ିଆ ଭାଷା ଉଚ୍ଛେଦ ଚକ୍ରାନ୍ତ ଉପରେ କ୍ଷୋଭ ପ୍ରକାଶ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଏବଂ ବେସରକାରୀ ଅଫିସଗୁଡିକରେ ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ଜନସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନବ କିଶୋର ଦାସ, ଦାମୋଦର ଦାଶମହାପାତ୍ର, ମାୟାଧର ନାୟକ, ଶ୍ରୀଧର ପତ୍ରି, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ରବି ପାଣିଗ୍ରାହୀ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଛାତରୁ ପାଣି ଗଳୁଛି, ପ୍ଲାଷ୍ଟର ଖସୁଛି


ଜଗନ୍ନାଥପୁର ଅଙ୍ଗନୱାଡି କେନ୍ଦ୍ର।

■ ଅସୁରକ୍ଷିତ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର
■ ବାରଣ୍ଡାରେ ପଢୁଛନ୍ତି ପିଲା

ଚମ୍ପୁଆ, ୧।୮ (ମହେଶ୍ୱର ଦାସ)

ସରକାର କୋମଳମତୀ ଶିଶୁଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଅଙ୍ଗନୱାଡି ମାଧ୍ୟମରେ ପ୍ରାକ୍ ଶିକ୍ଷା ପ୍ରଦାନ କରୁଛନ୍ତି। ହେଲେ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଶିଶୁଙ୍କ ଭବିଷ୍ୟତ କିପରି ଗଢ଼ିବ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦୁଝର ଜିଲା ଚମ୍ପୁଆ ଶିଶୁ ବିକାଶ ବିଭାଗ ଅଧୀନରେ ରହିଥିବା ଜାମୁଦଲକ ପଞ୍ଚାୟତର ଜଗନ୍ନାଥପୁର ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥାରେ ଚାଲିଛି। ଅସୁରକ୍ଷିତ ଅବସ୍ଥାରେ ଥିବା ଏହି ଅଙ୍ଗନୱାଡି କେନ୍ଦ୍ରରେ ଛାତରୁ ପାଣି ଗଳୁଥିବାରୁ ବାରଣ୍ଡାରେ ପିଲା ପାଠ ପଢୁଛନ୍ତି। ସ୍ଥାନୀୟ ଅଞ୍ଚଳର ୨୦ଜଣ ଶିଶୁ ପ୍ରାକ୍ ଶିକ୍ଷା ପାଇଁ ଏଠାକୁ ଆସନ୍ତି। ଅଙ୍ଗନୱାଡି କେନ୍ଦ୍ରର ଛାତରୁ ପାଣି ଗଳୁଥିବା ବେଳେ ରୋଷେଇ ଘର ଛାତରୁ ପ୍ଲାଷ୍ଟର ଖସିବା ନିତିଦିନିଆ ଘଟଣା ପାଲଟିଯାଇଛି। ଫଳରେ ଶିଶୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବାରଣ୍ଡାରେ ପାଠପଢ଼ା ସହ ଟିକାକରଣ ଏବଂ ଆନୁସାଙ୍ଗିକ କାର୍ଯ୍ୟକ୍ରମ କରାଯାଉଛି।

ଏପରିକି ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣିରେ ପଶି ପିଲା କେନ୍ଦ୍ରକୁ ଯାଉଛନ୍ତି। ପିଲାଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରିଣୀ ସୀତା ମୁର୍ମୁ କହିଛନ୍ତି, ଏହି ସମସ୍ୟା ନେଇ ଉପରିସ୍ଥ ଅଧରକାରୀଙ୍କୁ ଅବଗତ କରାଯାଇଛି। ଅତ୍ୟଧିକ ବର୍ଷା ହେବା ଦ୍ୱାରା ଶ୍ରେଣୀଗୃହରେ ପାଣି ଗଳୁଛି। ଫଳରେ ପିଲାମାନେ ବାରଣ୍ଡାରେ ବସି ବାଧହୋଇ ପାଠ ପଢୁଛନ୍ତି। ଅନ୍ୟପକ୍ଷେ ଅସରାଏ ବର୍ଷା ହେଲେ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ମଧ୍ୟ ପାଣିଘେରରେ ରହୁଛି।

# କଲେଜରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ରାଜ୍ୟପାଳଙ୍କୁ ନିବେଦନ

ବାରିପଦା, ୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ସ୍ୱର୍ଗତ ମନୀଷା ଶର୍ମାଙ୍କ ପରିବାର ଲୋକେ।

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଦିବଙ୍ଗତ ସହାୟକ ପ୍ରଫେସର ମନୀଷା ଶର୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ତାଙ୍କ ପରିବାର ଲୋକେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ନିବେଦନ କରିଛନ୍ତି। ଜଣେ ଆଦର୍ଶ, ବିଦ୍ୱାନ ଓ ଛାତ୍ରବତ୍ସଳ ଅଧ୍ୟାପିକା ଭାବେ ପରିଚିତ ସ୍ୱର୍ଗତ ଶର୍ମାଙ୍କ ସ୍ମୃତିଚାରଣ ନିମନ୍ତେ ରାଜ୍ୟପାଳଙ୍କ ଅନୁମତି ଆବେଦନ କରିଛନ୍ତି। ୨୦୨୨ ଅଗଷ୍ଟ୨ରେ ଶିକ୍ଷାଦାନ କରି ଘରକୁ ଫେରୁଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ବହୁ ଛାତ୍ରୀଛାତ୍ର ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକଟ କରିବା ସହିତ ଶେଷ ଦର୍ଶନ କରିଥିଲେ। ସେ ଗରିବ ଓ ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ନିଶୁଳ୍କ ଶିକ୍ଷାଦାନ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ସ୍ମୃତି ନିମନ୍ତେ ସ୍ୱାମୀ ହିତେଶ କୁମାର ଶର୍ମା ପରିବାର ସହ ମିଶି ରାଜ୍ୟପାଳଙ୍କୁ ଭେଟି ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଅନୁମତି ଆବେଦନ କରିଛନ୍ତି ।

# 'ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଅ'

ବାସୁଦେବପୁର, ୧।୮
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ତୃଣମୂଳ ସ୍ତରରେ ଦଳ ଓ ସଙ୍ଗଠନକୁ ଅଧିକ ସକ୍ରିୟ କରି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ବିଧାୟକ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମିତା ନାୟକ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦେବଦର୍ଶନ ଦାଶ, ବ୍ଲକ ଯୁବ ସଭାପତି ଜଗବନ୍ଧୁ ଖିଲାର, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ୍, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରତିକାନ୍ତ ବାରିକ୍, ପୌରପାଳିକା ଯୁବ ସଭାପତି ମାନସ ସାହୁ, ଜିଲା ସାଧାରଣ ସମ୍ପାଦକ ଶଶୀଭୂଷଣ ବାରିକ୍, ବିଜୟ କୁମାର ନାୟକ, ପବିତ୍ର ପୁହାଣ, ଛାତ୍ର ସଭାପତି କାଳନ୍ଦୀ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତ ଓ ପୌରପାଳିକା ୱାର୍ଡର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ଅଞ୍ଚଳର ବିକାଶରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଖଇରା, ୧।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ଗରିବ ଓ ନିଷ୍ପେଷିତଙ୍କ ପାଇଁ ଲଢ଼ିବାକୁ ଯୁବଗୋଷ୍ଠୀ ଆଗେଇ ଆସିଛନ୍ତି। ଦରଦୀ ବନ୍ଧୁ ଫାଉଣ୍ଡେଶନ ନାମରେ ନାମିତ ଏହି ସଙ୍ଗଠନର ପ୍ରଥମ ବୈଠକ ରବିବାର ବଣପାରିଆଠାରେ ଗୀତିରଞ୍ଜନ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ତୃପ୍ତିକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୌଣସି ଅଞ୍ଚଳ ବିକାଶରେ ଯୁବକଙ୍କ ପ୍ରମୁଖ ଭୂମିକା ଗ୍ରହଣ କରି ଗରିବ ଅସହାୟଙ୍କ ସ୍ୱର ଯୁବଗୋଷ୍ଠୀଙ୍କ ସ୍ୱର ହେଉ ବୋଲି ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ମହିଳାନେତ୍ରୀ ଜୟନ୍ତୀ ମହଲା, ସରପଞ୍ଚ ପ୍ରତିନିଧି ସୁଦର୍ଶନ ସେଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଜ୍ୟୋତିପ୍ରକାଶ ମହାପାତ୍ର, ସମ୍ପାଦକ ତୃପ୍ତିକାନ୍ତ ନାୟକ, ସହସମ୍ପାଦକଗୌତମ ଜେନା, କାର୍ଯ୍ୟକାରୀ ସଭାପତି ପ୍ରୀତମ ନାୟକ ଓ ଅଜୟ ମହାନ୍ତି, କୋଷାଧ୍ୟକ୍ଷ ହିମାଂଶୁ ନାୟକ, ମୁଖ୍ୟ ଉପଦେଷ୍ଟା ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସହ ଉପଦେଷ୍ଟା ରାଧାକାନ୍ତ ପାତ୍ରଙ୍କ ନାମ ଘୋଷଣା କରାଯାଇଥିଲା । ମନୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ନୂତନ କର୍ମକର୍ତ୍ତାଙ୍କ ସହ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

# ରେମୁଣା ଗୋଲେଇରେ ଲାଗିଲା ସିସିଟିଭି

ବାଲେଶ୍ୱର, ୧।୮ (ମାନସ ବିଶ୍ୱାଳ)


ରେମୁଣା ଗୋଲେଇରେ ଲାଗିଥିବା ସିସିଟିଭିକୁ ଜିଲା ଆରକ୍ଷୀ ଅଧୀକ୍ଷକ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ପୋଲିସ ପକ୍ଷରୁ 'ପ୍ରୋଜେକ୍ଟ ସହଯୋଗ' ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକରେ ସିସିଟିଭି କ୍ୟାମେରା ଲଗାଯାଉଥିବା ବେଳେ ରେମୁଣା ଗୋଲେଇଠାରେ ଅନୁରୂପ ସିସିଟିଭି କ୍ୟାମେରା ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି।

ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସିସିଟିଭି କ୍ୟାମେରା ବ୍ୟବସ୍ଥାର ଉଦ୍‌ଘାଟନ କରିବା ସହ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଉଡ୍ ଫଣ୍ଡିଂ ଜରିଆରେ ବାଲେଶ୍ୱର ସହରର ସାଧାରଣ ଜନତାଙ୍କ ଦ୍ୱାରା ମିଳିତ ଭାବେ ଗୁରୁତ୍ୱପୂର୍ଣ୍ଣ ଛକଗୁଡିକରେ ସିସିଟିଭି ଲଗାଯାଉଛି। ସହରର ୩୦ଟି ଛକ ଏହି ଅଭିଯାନ ପାଇଁ ଚିହ୍ନଟ ହୋଇଛି। ନୂତନ ଭାବେ ଲଗାଯାଉଥିବା ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯାଇଛି। ଏଥିପାଇଁ ବାଲେଶ୍ୱରର ଅଗ୍ରଣୀ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଓଡ଼ିନେଟ୍ ଇନ୍‌ଫୋକମ୍‌ର ଫାଇବର ନେଟୱାର୍କ ବ୍ୟବହାର କରାଯାଉଛି। ରେମୁଣା ଗୋଲେଇଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ସୋମନାଥପୁର ଶିଳ୍ପାଞ୍ଚଳସ୍ଥିତ ଏଚ୍ଆଇଏଲ ଲିମିଟେଡ୍ ସହଯୋଗ ପ୍ରଦାନ କରିଥିବାରୁ ଶିଳ୍ପାନୁଷ୍ଠାନ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ବ୍ୟାଙ୍କ, ଜୁଏଲେରୀ ଦୋକାନ,

**ଅପରାଧ, ଅପରାଧୀଙ୍କ ଉପରେ ରହିବ ନଜର**

ବ୍ୟବସାୟିକ ସଂସ୍ଥା ସହିତ ଆବାସିକ କଲ୍ୟାଣ ସଙ୍ଗଠନଗୁଡିକରେ ଏହି ସିସିଟିଭି କ୍ୟାମେରା ବ୍ୟବସ୍ଥା ସଂଯୋଗ ସହିତ ଅପରାଧ ନିୟନ୍ତ୍ରଣ ଓ ଅପରାଧୀଙ୍କୁ ଚିହ୍ନଟ ଓ ସେମାନଙ୍କ ଗତିବିଧି ଉପରେ ଠିକ୍ ଢଙ୍ଗରେ ନିୟନ୍ତ୍ରଣ ରଖାଯାଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏଚଆଇଏଲ ଲିମିଟେଡ ବାଲେଶ୍ୱର ପ୍ଲାଣ୍ଟ ମୁଖ୍ୟ ପୀତବାସ ବେହେରା, ଡିଏସ୍‌ପି ବ୍ରଜମୋହନ ପ୍ରଧାନ, ଆଲୋକ ରଞ୍ଜନ ରାୟ, ମାନସ କୁମାର ଦେଓ, ବ୍ରଜେଶ୍ୱରୀ ବଳ, ଖିତିଷା ଜେନା, ବଳରାମ ନାୟକ, ବିଲଟିସନେସା ବିବି ପ୍ରମୁଖଙ୍କ ସମେତ ବହୁ ଥାନା ଅଧିକାରୀ ଓ କମ୍ପାନୀର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଯୋଗଦେଲେ ନୂତନ ଅଧକ୍ଷ

ବୈଶିଙ୍ଗା,(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ପ୍ରାଧାପକ ଡ.ପର୍ଶୁରାମ ଦାସ। ଉଲ୍ଲେଖଯୋଗ୍ୟ, ସୋମବାର ଅଧକ୍ଷା ପ୍ରମିଳା ମିଶ୍ର ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ଅଧକ୍ଷଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଅବସରପ୍ରାପ୍ତ ଅଧକ୍ଷାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା

**ସଂକ୍ଷେପରେ**

## ୨୮ଦେଶୀ ବନ୍ଧୁକ ଜବତ

ବାରିପଦା,୧୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଚାଲିଥିବା କ୍ଲିନ ଶିମିଳିପାଳ ଅପରେଶନର ଶେଷ ଦିନରେ ପୋଲିସକୁ ବଡ଼ ସଫଳତା ମିଳିଛି। ବଡ଼ସାହି ଥାନା ଅଞ୍ଚଳର ଶିକାରୀମାନେ ଲୁଚାଇ ରଖିଥିବା ୨୮ଟି ଦେଶୀ ବନ୍ଧୁକକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ଗାଁଗଣ୍ଡାରେ ବନ୍ୟପ୍ରାଣୀ ଶିକାର ପାଇଁ ବ୍ୟବହୃତ ବନ୍ଧୁକ ସମେତ ବନ୍ଧୁକ ତିଆରି ସରଞ୍ଜାମ ନିକଟସ୍ଥ ଥାନା କିମ୍ବା ଜନପ୍ରତିନିଧିଙ୍କଠାରେ ଜୁଲାଇ ୩୧ସୁଦ୍ଧା ଜମା କରିବାକୁ ଜିଲା ପୋଲିସ ପକ୍ଷରୁ ସତର୍କ କରାଯାଇଥିଲା। ଏହି କ୍ରମରେ ଶେଷ ତାରିଖରେ ଗୋଇନ୍ଦା ସୂତ୍ରରୁ ଖବରପାଇ ବଡ଼ସାହି ପୋଲିସ ଚଢାଉ କରିଥିଲା। ରେଣ୍ଟାସାହିର ଏକ ବୁଦା ମୂଳରେ ଲୁଚାଇ ରଖାଯାଇଥିବା ୧୬ଟି ଦେଶୀ ବନ୍ଧୁକ ଓ ଚନ୍ଦନଚତୁରୀ ଉପକଣ୍ଠ ଲୋଧାସାହିରୁ ୧୨ଟି ଦେଶୀ ବନ୍ଧୁକକୁ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ପୋଲିସ ପୃଥକ ମାମଲା (ନଂ.୩୧୪/୨୩ ଓ ୩୧୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଦେଶୀ ବନ୍ଧୁକ ଜମା ଦେବାର ସମୟ ଅବଧି ଶେଷ ହେବା ପରେ ପୋଲିସ ଓ ବନ ବିଭାଗ ଅପରେଶନକୁ ଜୋରଦାର କରିବାକୁ ପ୍ରୟାସ ଆରମ୍ଭ କରିଥିବା ସୂଚନା ମିଳିଛି।

# ପ୍ରବଳ ବର୍ଷା, ବନ୍ୟା ଆଶଙ୍କା

## ସଜାଗ ରହିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ

କେନ୍ଦୁଝର,୧୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ମଙ୍ଗଳବାର ପୂର୍ବାହ୍ନରୁ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଜିଲାରେ ଅଧିକ ପରିମାଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରି ରେଡ୍ ଆଲର୍ଟ ଜାରି କରିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳ ଆଶୀଷ ଠାକରେ ଏନେଇ ଜିଲାର ସମସ୍ତ ବିଡିଓ, ତହସିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀମାନଙ୍କୁ ସଜାଗ ରହିବାକୁ କହିବା ସହ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡିଲେ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ମାଟି ଘରେ ରହୁଥିବା ଲୋକଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ଆଦେଶ ଦେଇଛନ୍ତି। ଜିଲାର ଲୋ ଲାଇନ ଅଞ୍ଚଳ ହାଟଡିହି ବ୍ଲକର ବିଡିଓଙ୍କୁ ଅଧିକ ସଜାଗ ରହିବାକୁ ଜିଲାପାଳ କହିଛନ୍ତି। ସହରାଞ୍ଚଳରେ ତୁରନ୍ତ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ବୈତରଣୀ ନଦୀ ଓ ଏହାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗୁଛି । ଫଳରେ ତଳ ଅଞ୍ଚଳରେ ବନ୍ୟା ଆଶଙ୍କା ରହୁଛି । ସେହିପରି ଜିଲାର ଅନ୍ୟାନ୍ୟ କାନଝରୀ, ସୀତା, ସୋନା, କାରୋ, କୁଶେଇ, ମୁଷଳ, ଅରଡେଇ ଆଦି ନଦୀନାଳରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବାରୁ ଲୋକେ ଚିନ୍ତାରେ ରହିଛନ୍ତି।



ପ୍ରବଳ ବର୍ଷା ଯୋଗୁ ନଦୀର ଜଳପତ୍ତନ ବୃଦ୍ଧି ପାଇଛି।

ଏହି ସବୁ ଅଞ୍ଚଳରେ ପାହାଡ଼ର ପାଣି ଆସି ନଦୀନାଳରେ ମିଶୁଥିବାରୁ ହଠାତ ବନ୍ୟା ଆଶଙ୍କା ରହୁଛି । ସେହିପରି ବନ୍ୟା ସାଙ୍ଗକୁ ଯାତାୟାତ ସମସ୍ୟା, ଘରେ ପାଣି ପଶିବା ଆଶଙ୍କା କରି ନଦୀନାଳ କୂଳ ଅଞ୍ଚଳବାସୀ ଚିନ୍ତାରେ ରହିଛନ୍ତି। ଏହାବ୍ୟତୀତ ଝାଟିମାଟି ଘରେ ରହୁଥିବା ଲୋକଙ୍କ ପାଇଁ ଏଭଳି ବର୍ଷା ଅଧିକ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଏହି ସମୟରେ ସାପ ଓ ଅନ୍ୟନ୍ୟ ସରିସୃପଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ଆଶଙ୍କା ରହୁଛି । ଏଣୁ ଏସବୁ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି ।

ବିଶେଷ କରି ବର୍ଷା ଯୋଗୁ କେନ୍ଦୁଝର ଜିଲାର ପାହାଡିଆ ତେଲକୋଇ, ବାଂଶପାଳ, ହରିଚନ୍ଦନପୁର, ଯୋଡ଼ା ଆଦି ବ୍ଲକ ଅଞ୍ଚଳରେ ହଠାତ ବନ୍ୟା ପରିସ୍ଥିତି ଦେଖାଦେଇଥାଏ । ଏଣୁ ଏନେଇ ସ୍ଥାନୀୟ ଲୋକଙ୍କୁ ପ୍ରଶାସନ ସଚେତନ କରିବା ସହ ସହାୟତା କରିବାକୁ ଦାବି ହେଉଛି। ବିଶେଷ କରି କେନ୍ଦୁଝରଗଡ଼ ସମେତ ଅନ୍ୟାନ୍ୟ ସହରାଞ୍ଚଳରେ ବର୍ଷା ଯୋଗୁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ପଡ଼ିଛି । ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଯାତାୟାତ ରାସ୍ତା, ସାହି ବସ୍ତିରେ ପାଣି ପଶିବା ଆରମ୍ଭ କରିଛି। ଫଳରେ ଲୋକେ ଚିନ୍ତିତ ହୋଇ ପଡିଛନ୍ତି। ପୌରପ୍ରଶାସନ ପକ୍ଷରୁ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଗଛଲତା ସଫେଇ, ନାଳନର୍ଦ୍ଦମା, ମଇଳା ଆବର୍ଜନା, ଗଡ଼ିଆ ଆଦି ସଫେଇ କରାଯାଇ ନ ଥିବାରୁ ସହରବାସୀ ଭୟରେ ରହୁଛନ୍ତି । ଘର ଭିତରେ ମଇଳା ନର୍ଦ୍ଦମା ପାଣି ପଶୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏନେଇ ପୌରପ୍ରଶାସନ ପୂର୍ବବର୍ଷ ଭଳି ନୀରବତା ଅବଲମ୍ବନ କରିଥିବାରୁ ଜନଅସନ୍ତୋଷ କୁହୁଳୁଛି । ଅନେକ କୋଟି ଟଙ୍କା ବ୍ୟୟରେ ଏକାଧିକ ପାର୍କ, ଅଡିଟୋରିୟମ, ପୋଖରୀ ସୌନ୍ଦର୍ଯ୍ୟୀକରଣ ଆଦି କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ପଦକ୍ଷେପ ନିଆଯାଇ ନ ଥିବାରୁ ପୂର୍ବତନ ପୌରଧକ୍ଷ ପ୍ରଭଞ୍ଜନ ପଟ୍ଟନାୟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଗ୍ରାମ ଠାକୁରାଣୀଙ୍କ ଆସ୍ଥାନ ସାମ୍ନାରେ ଡଷ୍ଟବିନ୍ ନିର୍ମାଣ

### ବିରୋଧ କଲେ ଗାଁ ଲୋକେ

ତିହିଡ଼ି, ୧୮(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମର ଠାକୁରାଣୀ ମା’ ଡାକଦେବୀଙ୍କ ଆସ୍ଥାନ ସାମ୍ନାରେ ଏକ ଡଷ୍ଟବିନ ନିର୍ମାଣ କରାଯାଉଛି। ଗ୍ରାମବାସୀ ଏହାକୁ ବିରୋଧ କରି ୫-ଟି ସଚିବ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ, ଜିଲାପାଳ, ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ଡଷ୍ଟବିନ ଅନ୍ୟତ୍ର ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ପ୍ରକଳ୍ପର ନିର୍ମାଣ ଆରମ୍ଭ ସମୟରେ ପାଣିଟାଙ୍କି ନିର୍ମାଣ ହେଉଥିବା ଗ୍ରାମବାସୀଙ୍କୁ କୁହାଯାଇଥିଲା। କୌଣସି ଫଳକ ଲାଗି ନ ଥିବାରୁ ସେମାନେ ଏ ସମ୍ପର୍କରେ ତଥ୍ୟ ଜାଣିପାରି ନ ଥିଲେ। ପରେ ସେମାନେ ଡଷ୍ଟବିନ ନିର୍ମାଣ ହେଉଥିବା ଜାଣି ଏହାର ତୀବ୍ର ବିରୋଧ କରିଥିଲେ। ଏଠାରେ ଡଷ୍ଟବିନ ନିର୍ମାଣ ହେଲେ ଗାଁକୁ ମହାମାରୀ ବ୍ୟାପିବା ସହ ପରିବେଶ ପ୍ରଦୂଷିତ ହୋଇ ବିଭିନ୍ନ ରୋଗ ସୃଷ୍ଟି ହେବ। ଗ୍ରାମର ନିତ୍ୟସ୍ମିତ ପତି, ସଂଗ୍ରାମ ସଞ୍ଜିବନୀ ପତି, ପ୍ରଶାନ୍ତ କୁମାର ଦାଶ, ପାର୍ଥସାରଥୀ ନାୟକ, ମୃତ୍ୟୁଞ୍ଜୟ ମହାରଣା, ଦେବାଶିଷ ଜେନା, ବିକାଶ ସାହୁ ପ୍ରମୁଖ ଏନେଇ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରିବା ପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।



ମା’ ଡାକଦେବୀଙ୍କ ଆସ୍ଥାନ ସାମ୍ନାରେ ନିର୍ମିତ ଡଷ୍ଟବିନ।

## ଜିଲା ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ, ୧୮ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ସ୍ଥାନରେ ଭଦ୍ରକର ଅତିରିକ୍ତ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଭାରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି-୧୭୯୨୩ ଚିଠି ଅନୁଯାୟୀ ବରିଷ୍ଠ ଅତିରିକ୍ତ ଶିକ୍ଷାଧିକାରୀ ପାଢ଼ୀ ସମସ୍ତ ଆର୍ଥିକ ଓ ପ୍ରଶାସନିକ କ୍ଷମତା ସହ ଭାରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଦାୟିତ୍ୱ ମଙ୍ଗଳଠାରୁ ତୁଲାଇଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ସେ ଦୋଳପଦୀରେ ପ୍ରଥମ ପ୍ରଧାନ ଶିକ୍ଷକ ଓ ପରେ ୯ବର୍ଷ ଧରି ଭଣ୍ଡାରିପୋଖରୀରେ ବ୍ଲକ ଶିକ୍ଷାଧିକାରୀ ଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରି ଲୋକପ୍ରିୟତା ହାସଲ କରିଥିଲେ। ଭାରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଭାବେ ତାଙ୍କ ଯୋଗଦାନକୁ ନେଇ ଶିକ୍ଷକମାନେ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଜିଲା ଶିକ୍ଷାଧିକାରୀ ମିଶ୍ର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଶିକ୍ଷକ ନେତା ଅକ୍ଷୟ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁଗ୍ମ ନିର୍ଦ୍ଦେଶକ ଧ୍ରୁବ ଚରଣ ପରିଡ଼ା, ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ସୁରଜିତା ନାୟକ, ଚାରୁଲତା ମହାପାତ୍ର, ରମାକାନ୍ତ ଜେନା, ସମୀର ଜେନା, ଜିଲା ଅତିରିକ୍ତ ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଶିକ୍ଷକ ସଂଘ ନେତାମାନେ ଉପସ୍ଥିତ ଥିଲେ।

# ଏକାଠି ହେଲେ ପୂର୍ବତନ ଏମ୍‌ପି, ବିଧାୟକ

କେନ୍ଦୁଝର,୧୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବିକାଶ ପାଇଁ ପୂର୍ବତନ ଏମ୍‌ପି ଏବଂ ବିଧାୟକମାନେ ଏକାଠି ହୋଇଛନ୍ତି। ମଣ୍ଡୁଆସ୍ଥିତ ତାରିଣୀ ମନ୍ଦିରରେ ସୋମବାର ସୌଜନ୍ୟ ସମାବେଶ ମଞ୍ଚରେ ସମସ୍ତେ ଯୋଗଦେଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି କହିଛନ୍ତି। ଏହି ସମାବେଶରେ ପୂର୍ବତନ ଏମ୍‌ପି ଯଶୋବନ୍ତ ଲାଗୁରୀ, ରାହାସ ବିହାରୀ ବାରିକ, ଧନୁର୍ଜୟ ଲାଗୁରୀ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଧନୁର୍ଜୟ ସିଦ୍ଧୁ, ମାୟାଧର ଜେନା, କାହ୍ନୁଚରଣ ନାଏକ, ପ୍ରାଣବଲ୍ଲଭ ନାଏକ, ଅଭିରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଏକ ଅଣ ରାଜନୈତିକ କାର୍ଯ୍ୟକ୍ରମ ବୋଲି ସେମାନେ ସୂଚନା ଦେଇଛନ୍ତି। ବିଶେଷ କରି ଜିଲାର ବିକାଶ ପାଇଁ ସେମାନେ ସଙ୍କଳ୍ପବଦ୍ଧ ହୋଇ ଏକାଠି ହୋଇଥିଲେ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସାମିଲ କରାଗଲେ ସେମାନେ ସରକାରଙ୍କୁ ଅଯାଚିତ ଭାବେ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ସମାବେଶରେ ଜିଲାର ବିଭିନ୍ନ ସମସ୍ୟା କିଭଳି ସମାଧାନ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଦଳମତ ନିର୍ବିଶେଷରେ ଯିଏ ବି ସରକାରରେ ରହିଲେ ତାଙ୍କୁ ବିକାଶ ମୂଳକ କାର୍ଯ୍ୟରେ ସହାୟତା କରାଯିବ ବୋଲି ଆଲୋଚନା ହୋଇଥିଲା। ଜିଲା ଓ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଏଭଳି ମିଳିମିଶି କାମ କରିବାକୁ ଏକାଠି ହୋଇଛୁ ବୋଲି ସେମାନେ କହିଛନ୍ତି।




ସମାବେଶରେ ଯୋଗଦେଇଥିବା ପୂର୍ବତନ ଏମ୍‌ପି ଓ ବିଧାୟକମାନେ।

## ଗଛ, ବିଦ୍ୟୁତ୍‌ଖୁଣ୍ଟ ପଡ଼ି ଘର ଆଜବେଷ୍ଟସ୍ ଭାଙ୍ଗିଲା

ଔପଦା, ୧୮(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ଅତାସାହି ଗ୍ରାମରେ ବର୍ଷା ଓ ପବନ ପ୍ରଭାବରେ ବହୁ ପୁରୁଣା ତେନ୍ତୁଳି ଗଛ ସହ ବିଦ୍ୟୁତ୍ ଖୁଣ୍ଟ ଘର ଉପରେ ପଡିବାରୁ ଆଜବେଷ୍ଟସ ଭାଙ୍ଗିବା ସହ ଔପଦା-ମୟୂରଭଞ୍ଜ ମୁଖ୍ୟ ରାସ୍ତା ପ୍ରାୟ ୪ ଘଣ୍ଟା ଧରି ଅବରୋଧ ହୋଇଥିଲା। ଗଛର କିଛି ଅଂଶ ତପନ ଭିତିରିଆଙ୍କ ଘର ଉପରେ ପଡିବାରୁ ପ୍ରାୟ ୭ରୁ ୮ଖଣ୍ଡ ଆଜବେଷ୍ଟସ୍ ଭାଙ୍ଗି ଯାଇଛି। ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ଗଛକୁ ହଟାଇ ରାସ୍ତାକୁ ସ୍ୱାଭାବିକ କରିବାରୁ ଯାନବାହନ ଚଳାଚଳ ହୋଇଥିଲା। ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ସମିତିସଭ୍ୟା ମମତା ନାଇକି ପହଞ୍ଚି ଔପଦା ତହସିଲଦାରଙ୍କ ସହିତ ଆଲୋଚନା କରି ପଲିଥିନ ସହାୟତା ଯୋଗାଇ ଦେଇଛନ୍ତି।

## ବ୍ଲକ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ, ଧାରଣାରେ ଜନପ୍ରତିନିଧି

ବାହାନଗା, ୧୮(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପରିସରରେ ସୋମବାର ଏକ ନାଟକୀୟ ମୋଡ ଦେଖିବାକୁ ମିଳିଥିଲା। ବ୍ଲକର ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଶାସକ ଦଳର ଜନପ୍ରତିନିଧି ଧାରଣା ଦେଇଥିବା ବେଳେ କର୍ମଚାରୀଙ୍କୁ ଜଣେ ଜନପ୍ରତିନିଧିଙ୍କ ମାଡ ଅଭିଯୋଗରେ ବ୍ଲକ ପରିସରରେ କର୍ମଚାରୀମାନେ କଲମଛାଡ ଆନ୍ଦୋଳନ କରିବା ସହିତ ଧାରଣାରେ ବସିଥିଲେ।

ବ୍ଲକ ବିଜେଡି ଜିଲାପରିଷଦ ସଭ୍ୟାସଭ୍ୟଙ୍କ ସମେତ ବିଜେଡି ସମର୍ଥିତ ସରପଞ୍ଚ ସମିତିସଭ୍ୟାସଭ୍ୟ ଓ ବିଜେଡି ନେତାମାନେ ଆବାସ ଦୁର୍ନୀତି ପ୍ରତିବାଦରେ କାର୍ଯ୍ୟାନୁଷ୍ଠାନ ଦାବିନେଇ ଧାରଣାରେ ବସିଥିଲେ। ବିଜେଡି ନେତା ପ୍ରଦୀପ ଜେନାଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ତେବେ ବିଜେଡି ନେତାମାନଙ୍କୁ ଜିଲା ପର୍ଯ୍ୟବେକ୍ଷକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଫୋନ୍ ଯୋଗେ ବୁଝାଇବା ସହିତ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଜନପ୍ରତିନିଧିମାନେ ଧାରଣା ପ୍ରତ୍ୟାହାର କରିନେଇଥିଲେ। ଅନ୍ୟପକ୍ଷରେ ଜଣେ ବ୍ଲକ ପିଇଓଙ୍କୁ ଶାସକ ଦଳର ଜିଲା ପରିଷଦ ସଭ୍ୟ ମାଡ ମାରିବା ଘଟଣାକୁ ନେଇ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିନେଇ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ୧୮ ନମ୍ବର ଜୋନର ଜିଲାପରଷଦ ସଭ୍ୟ ନିଳାମ୍ବର ମହାଳିକ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଅଫିସ୍ ମଧ୍ୟରେ ମାଡ ମାରିବା ଧମକ ଦେବା ନେଇ ଥାନାରେ ଅଭିଯୋଗ କରିଥିଲେ । ଏଥିନେଇ ସୋର ଥାନାରେ ଏକ ମାମଲା(ନଂ. ୪୫୩/୨୩) ରୁଜୁ କରାଯାଇଛି । ସିସି କ୍ୟାମେରାକୁ ପୋଲିସ୍ ଜବତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ନେଇ ଚର୍ଚ୍ଚା ହେଉଛି।

## ଭଦ୍ରାସାହି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ

**ଯୋଡା,୧୮(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡା ବ୍ଲକ ଅଧୀନ ଭଦ୍ରାସାହି ଅଞ୍ଚଳରେ କିଛି ଦିନ ହେବ ଅଘୋଷିତ ବିଦ୍ୟୁତ୍‌କାଟ ହେଉଥିବା ନେଇ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କିଛି ଦିନ ହେବ ବର୍ଷାର ଆଳ ଦେଖାଇ ବିଦ୍ୟୁତ୍ କାଟ କରାଯାଉଥିଲେ ମଧ୍ୟ ବର୍ଷା ପରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ କରା ଯାଉନାହିଁ। ଏହି ବିଦ୍ୟୁତ୍‌କାଟ ଦିନ ଓ ରାତି ମଧ୍ୟରେ ପ୍ରାୟ ୩ରୁ ୪ଥର କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାତିରେ ବିଦ୍ୟୁତ୍ କାଟ ଯୋଗୁଁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ିବାରେ ଅସୁବିଧା ହେଉଛି। ଦିନ ବେଳେ ପାନୀୟଜଳ ଯୋଗାଣ ହୋଇ ପାରୁନାହିଁ। ବିଭିନ୍ନ ଅଫିସ,ବ୍ୟାଙ୍କ ପ୍ରତିଷ୍ଠାନ ଗୁଡ଼ିକରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେଉଛି। ଏ ନେଇ ଲୋକେ ବିଦ୍ୟୁତ୍ ବିଭାଗକୁ ଜଣାଉଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗଣେଶ ପଲେଇ, ବିଶ୍ୱଜିତ ନାଏକ କହିଛନ୍ତ। ବିଭାଗୀୟ ଅଧିକାରୀମାନେ ଜାଣି ଶୁଣି ନୀରବ ରହୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟୁତ୍‌କାଟ ଯୋଗୁ ଭଦ୍ରାସାହି ପଞ୍ଚାୟତର ଭଦ୍ରାସାହି ,ଭୁସୁଗାଁ, ଝାଡ଼ଗାଁ, ଟନଟୋ ପ୍ରଭୃତି ଗ୍ରାମର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।

## ଜାମକୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦରେ ବିକ୍ଷୋଭ



ଜାମକୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତରିତ ପ୍ରତିବାଦରେ ବିକ୍ଷୋଭ ।

ବାଲିଆପାଳ, ୧୮(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜାମକୁଣ୍ଡା ପଞ୍ଚାୟତରେ ଥିବା ଜାମକୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପ୍ରତିବାଦରେ ମଙ୍ଗଳବାର ଜାମକୁଣ୍ଡା ଗ୍ରାମର ବହୁ ମହିଳା ପୁରୁଷ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ ନ କରି ତାହାର ରୂପାନ୍ତରଣ ଲାଗି ଭିତ୍ତିଭୂମି ଯୋଗାଇ ଦିଆଯିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୩୦ବର୍ଷ ପୂର୍ବେ ଜାମକୁଣ୍ଡା ବାସନ୍ତୀ ପୂଜା ପଡ଼ିଆଠାରେ ସ୍ଥାପନ କରଯାଇଥିଲା। ତତ୍କାଳୀନ ସରକାର ଓ ବୁଦ୍ଧିଜୀବୀଙ୍କ ଆଲୋଚନା ପରେ ଭୌଗୋଳିକ ଦୃଷ୍ଟିକୋଣକୁ ଆଖି ଆଗରେ ରଖି ବିଷ୍ଣୁପୁର, ଜାମକୁଣ୍ଡା ଓ ବଡ଼ାସ ପଞ୍ଚାୟତର ମଧ୍ୟସ୍ଥଳ ଜାମକୁଣ୍ଡାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଚିକିତ୍ସିତ ହେଉଥିବାରୁ ଏହାର ରୂପାନ୍ତରଣ ଆବଶ୍ୟକ ରହିଛି। ଏଥିପାଇଁ ଅଧିକ ଜମି ଆବଶ୍ୟକ ହେଲେ ଗ୍ରାମବାସୀ ଜମି ଯୋଗାଇ ଦେବେ ବୋଲି କହିଛନ୍ତି। କାଳିଚରଣ ଦାସ, ବିନୋଦ ବିହାରୀ ଜେନା, ଅମର କୁମାର ସିଂହ, ସୁଶାନ୍ତ କୁମାର ପରିଡ଼ା, ମଧୁସ୍ମିତା ଜେନା, ସ୍ମୃତି ରେଖା ମାହାନ୍ତି, ଇପ୍ସିତା ପ୍ରାମାଣିକ, ସୁମତି ଦାସ, ପ୍ରଦୀପ ମାହାଳିକଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭରେ ସାମିଲ ଥିଲେ।

GOVERNMENT OF ODISHA No.O-512:
OFFICE OF THE EXECUTIVE ENGINEER, RURAL WORKS DIVISION-II, BALASORE
e-Procurement Notice for Road works
Bid Identification No e-procurement Notice No. 08/ EERW-II/BLS/ 2023-24

1. Name of the work :- Road Works. 2. Total No.of works :12 Nos. 3. Estimated cost: As specified in column 3 of Annexure. 4. Class of Contrator : As specified in column 4 of Annexure. 5. Time of Completion: As specified in column 5 of Annexure. 6. Cost of Tender Paper through online : As specified in column 6 of Annexure. 7. Other Details:- : As per DTCN.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o.Executive Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W.Division-II, Balasore | E-TCN No.08 of 2023-24 | 04 08.2023 at 05.00 P.M. | 14.08.2023 upto 5.00 P.M. | 11.08.2023 upto 05.00 P.M. | 16.08.2023 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25052/11/0010/2324 Sd./- Executive Engineer, R.W.Division-II, Balasore

GOVT. OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, DRAINAGE CIRCLE, CUTTACK,GANDARPUR-753003
e-Procurement Notice No.ACEDC-CTC-03/2023-24
No.A-384: e-mail Id:sedrainagecirclectc@gmail.com

| | | | |
|---|---|---|---|
| 1. | Name of Works | : | 1. Renovation of Osangara Sahupada D.C, Osangara Chahalibanka D.C and Its link drain out falling to Gobari Drainage System Doab-II. 2. Bank protection and sluice cum Farm Land Bridge of Old Kani DC from RD 0.00 to 15.95 km. outfalling to river Kani. 3. Improvement to Akhadasali Dr. Cut, Mangalapada Anduli link drain, Sankhapada link-I drain, Sankhapada link-II drain, Chandiapali-Sahabajpur DC, Balipal link drain & Kanheipur link drain under Doab-II. |
| 2. | Total Number of Packages | : | 03 Nos. of Individual package |
| 3. | Bid Identification No. | : | ACEDC-CTC /DD-KPD - 04/2023-24, ACEDC-CTC /DD-KPD -05/2023-24 ACEDC-CTC /DD-KPD - 06/2023-24 |
| 4. | Estimated Cost | : | Rs. 307.20 Lakhs, Rs. 397.97 Lakhs, Rs. 300.82 Lakhs |
| 5. | Period of Completion | : | 18 (Eighteen) Calendar Months |
| 6. | Availability of Tender Online | : | From 09.08.2023 at 16.30 hours to 23.08.2023 upto 17.30 hours. |
| 7. | Date of Opening of Technical Bid | : | 24.08.2023 at 10.00 hours in the O/o. the Additional Chief Engineer, Drainage Circle, Cuttack |
| 8. | Class of Contractor | : | "A" Class |
| 9. | EMD required | : | As per DTCN |
| 10. | Cost of Tender Paper | : | Rs.10,000/- |
| 11. | Procurement Officer | : | Additional Chief Engineer, Drainage Circle, Gandarpur, Cuttack-753003 |

* Tender will be accepted if registered in the CDMS Portal.
Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in.
OIPR-32174/11/0005/2324 Sd./-Additional Chief Engineer, Drainage Circle, Cuttack

GOVERNMENT OF ODISHA, "e" - PROCUREMENT NOTICE
WORKS DEPARTMENT
No.B-567:
E-mail:ceworldbankprojects@gmail.com
Bid Identification No. CE-W.B.P.(O)-08/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge works
3. No. of work : 02 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 02.08.2023 to 5.00 PM of 21.08.2023
7. Date of opening of Bid : Dt.22.08.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0019/2324

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 25376/ଭୁ.ଉ.କ.,ଭୁବନେଶ୍ୱର ତା.24.07.2023
KNHD-32/96

ସୂଚନା

No.CAD-1480:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଭଗବାନପୁର, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ.-K-9(B)-108କୁ ଶ୍ରୀମତୀ ସଂଘମିତ୍ରା ପଣ୍ଡା, ସ୍ୱାମୀ-ଶ୍ରୀ ବିଜୟାନନ୍ଦ ମିଶ୍ର, ଗ୍ରାମ/ପୋଷ୍ଟ-ସାନ ଅଢଙ୍ଗା, ଥାନା-ପାଟକୁରା, ଜିଲା-କେନ୍ଦ୍ରାପଡା,ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ସଂଘମିତ୍ରା ପଣ୍ଡା ଗତ ତା.୨୧.୦୨.୨୦୦୫ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death Certificate issued by the Govt. of Karnataka).

Legal heir certificate Misc. Case No. 591/14, dated 9.11.2014 ଅନୁଯାୟୀ ସଂଘମିତ୍ରା ପଣ୍ଡାଙ୍କର ଉତ୍ତରାଧିକାରୀ (୧) ବିଜୟାନନ୍ଦ ମିଶ୍ର (ସ୍ୱାମୀ), (୨) ବିଦିଶା ମିଶ୍ର (ବିବାହିତା କନ୍ୟା) ଓ (୩) ଦେବଶ୍ରୀ ମିଶ୍ର (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ଉକ୍ତ ପ୍ଲଟ୍ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0212/2324

# ଜୁଲାଇରେ ୧.୬୫ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ସଂଗ୍ରହ

- ଗତବର୍ଷ ଅପେକ୍ଷା ୧୧% ଅଧିକ ଟିକସ ଆଦାୟ
- ରେକର୍ଡ ପରିମାଣରେ ଜିଏସ୍‌ଟି ସଂଗ୍ରହ
- କ୍ରମାଗତ ୧୭ ମାସ ପାଇଁ ୧.୪ ଲକ୍ଷ କୋଟିର ଟିକସ ଆଦାୟ
- ୫ମ ଥର ପାଇଁ ୧.୬ ଲକ୍ଷ କୋଟି ଉପରେ ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୧।୮ (ଅଭୟ ଦାଶ)

ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ଜୁଲାଇରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୬୫ (୧,୬୫,୧୦୫) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ୨୦୨୩-୨୪ ଜୁଲାଇରେ ସଂଗୃହୀତ ଟିକସ ପରିମାଣ ୧୧% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କ୍ରମାଗତ ୧୭ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୮ମ ଥର ପାଇଁ ୧.୫ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ କରାଯାଇଛି। ସେହିଭଳି ୫ମ ଥର ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟି ଟଙ୍କା ଉପରେ ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୩ ଜୁଲାଇରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୬୫,୧୦୫ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୯,୭୭୩ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୭,୬୨୩ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୫,୯୩୦ କୋଟି (ସାମଗ୍ରୀ ଆମଦାନୀରେ ୪୧,୨୩୯ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୧,୭୭୯ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୮୪୦ କୋଟି ଟଙ୍କା ସାମିଲ) ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟି ବାବଦରେ ୩୯,୭୮୫ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟି ବାବଦରେ ୩୩,୧୮୮ କୋଟି ଟଙ୍କା ପରିଶୋଧ କରିଛନ୍ତି।

ଅପରପକ୍ଷରେ ଓଡ଼ିଶାରୁ ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସରେ ପ୍ରାୟ ୪୨୪୫ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୩୬୫୨ କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ଆର୍ଥିକ ବର୍ଷର ଜୁଲାଇ ଅବଧିରେ ୧୬% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧।୮

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୮(୬୮.୩୬) ପଏଣ୍ଟ କମି ୬୬,୪୫୯ (୬୬,୪୫୯.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦(୨୦.୨୫) ପଏଣ୍ଟ ହ୍ରାସ ଘଟି ୧୯,୭୩୪ (୧୯,୭୩୩.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି।

## ବ୍ୟାଙ୍କକୁ ଫେରିଛି ୮୮% ୨ ହଜାର ଟଙ୍କିଆ ନୋଟ୍

ନୂଆଦିଲ୍ଲୀ,୧।୮




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିକଟକୁ ବର୍ତ୍ତମାନ ପ୍ରାୟ ୮୮% ୨ ହଜାର ଟଙ୍କିଆ ନୋଟ୍ ଫେରସ୍ତ ଆସିଛି। ଏପରିକି ବଜାରରେ ବର୍ତ୍ତମାନ ମଧ୍ୟ ୧୨%ର ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ହେଉଛି। ଉଲ୍ଲେଖଯୋଗ୍ୟ, ୨୦୨୩ ମେ ୧୯ ରେ କେନ୍ଦ୍ରୀୟ ବ୍ୟାଙ୍କ ଏକ ବିଜ୍ଞପ୍ତି ଜରିଆରେ ଘୋଷଣା କରିଥିଲା ଯେ ସର୍କୁଲେଶନ (ପ୍ରଚଳନ) ରେ ଥିବା ୨ ହଜାର ଟଙ୍କିଆ ନୋଟ୍‌କୁ ସଞ୍ଚାଳନରୁ ବାହାର କରୁଥିବା ଘୋଷଣା କରିଥିଲେ। ଏହା ପରେ ଏହି ନୋଟ୍‌ଗୁଡ଼ିକୁ ସାରା ଦେଶରେ ଥିବା ବ୍ୟାଙ୍କଗୁଡ଼ିକରେ ବଦଳାଇବାକୁ ବ୍ୟବସ୍ଥା କରିଥିଲେ। ନୋଟ୍‌ର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଲାଗି ୨୦୨୩ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଶେଷ ସମୟ ଧାର୍ଯ୍ୟ ହୋଇଛି।

ସେହିଭଳି ଆର୍‌ବିଆଇ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କେନ୍ଦ୍ରୀୟ ବ୍ୟାଙ୍କକୁ ଫେରସ୍ତ ଆସିସାରିଥିବା ୨ହଜାର ଟଙ୍କିଆ ନୋଟ୍‌ର ବିସ୍ତୃତ ତଥ୍ୟ ଜାରି କରିଛନ୍ତି। ଉକ୍ତ ତଥ୍ୟ ଅନୁସାରେ ୨୦୨୩ ଜୁଲାଇ ୩୧ ସୁଦ୍ଧା ଭାରତୀୟ ବଜାରରୁ ମୋଟ ୩.୧୪ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରି ସାରିଥିବା ବେଳେ ବଳକା ପରିମାଣ ବର୍ତ୍ତମାନ ବି ବଜାରରେ ପ୍ରଚଳନ ହେଉଛି। ଏପରିକି ୨୦୨୩ ମେ ୧୯ ଠାରୁ ଜୁଲାଇ ଶେଷ ମଧ୍ୟରେ ଆର୍‌ବିଆଇକୁ ଫେରସ୍ତ ଆସିଥିବା ୮୮% ୨୦୦୦ ଟଙ୍କିଆ ନୋଟ୍ ଯାହାର ମୋଟ ମୂଲ୍ୟ ୩.୧୪ ଲକ୍ଷ କୋଟି ଟଙ୍କା ହେବ। ବର୍ତ୍ତମାନ ବଜାରରେ ୦.୪୨ କୋଟି ଟଙ୍କାର ନୋଟ୍ ପ୍ରଚଳନ(ସର୍କୁଲେଶନ)ରେ ଅଛି। ଏହା ପୂର୍ବରୁ ୨୦୨୩ ଜୁନ୍‌ରେ ଆର୍‌ବିଆଇର ସୂଚନା ଅନୁଯାୟୀ ବଜାରରୁ ୨.୭୨ କୋଟି ଟଙ୍କା ମୂଲ୍ୟର ୨ ହଜାର ଟଙ୍କା ନୋଟ୍ ବ୍ୟାଙ୍କକୁ ଫେରିସାରିଥିଲା ବେଳେ ୮୪ ହଜାର କୋଟି ଟଙ୍କାର ନୋଟ୍ ଲୋକଙ୍କ ପାଖରେ ଥିଲା। ତେବେ ଲୋକଙ୍କ ପାଖରେ ୪୨ ହଜାର କୋଟି ଟଙ୍କାର ୨ ହଜାର ଟଙ୍କା ନୋଟ୍ ମହଜୁଦ ଅଛି। ଉଲ୍ଲେଖଯୋଗ୍ୟ, ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଦେଶରେ ପାଖାପାଖି ୩.୬୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨ ହଜାର ଟଙ୍କା ନୋଟ୍ ଥିଲା ବେଳେ ୨୦୨୩ ଜୁଲାଇ ୩୧ ସୁଦ୍ଧା ବଜାରରୁ ୩.୧୪ ଲକ୍ଷ ଟଙ୍କା ମୂଲ୍ୟର ନୋଟ୍ କେନ୍ଦ୍ରୀୟ ବ୍ୟାଙ୍କକୁ ଫେରସ୍ତ ଆସିସାରିଛି।

## କମିଲା କମର୍ସିଆଲ ଗ୍ୟାସ୍ ମୂଲ୍ୟ

ନୂଆଦିଲ୍ଲୀ,୧।୮

ଗତ କିଛି ମାସ ହେବ କ୍ରମାଗତ ଭାବେ କମର୍ସିଆଲ ଗ୍ୟାସ୍ ଦର ହ୍ରାସ ପାଉଥିବାବେଳେ ଘରୋଇ ଗ୍ୟାସ୍ ମୂଲ୍ୟ ସ୍ଥିର ରହିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଜୁଲାଇ ମାସରେ ମଧ୍ୟ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର



୯୯.୭୫ ଟଙ୍କା ହ୍ରାସ ପାଇଥିବା ବେଳେ ଘରୋଇ ଗ୍ୟାସ (୧୪.୨ କେଜି) ଦର ଅପରିବର୍ତ୍ତିତ ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଇନ୍ଧନ ବିପଣନକାରୀ କମ୍ପାନୀଗୁଡିକ ପକ୍ଷରୁ ମଙ୍ଗଳବାର ୨୦୨୩ ଜୁଲାଇ ପାଇଁ ନୂତନ ଗ୍ୟାସ୍ ଦର ସୂଚୀ ପ୍ରକାଶ କରାଯାଇଛି। ଏପରିକି ନୂଆଦିଲ୍ଲୀରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଉପରେ ୯୭.୭୫ ଟଙ୍କା କମି ୧୬୮୦ ଟଙ୍କାରେ ରହିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ମେଟ୍ରୋ ସହରରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୮୦୨.୫୦ ଟଙ୍କା, ୧୬୪୦.୫୦ ଟଙ୍କା ଏବଂ ୧୮୫୨.୫୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ୍ (୧୪.୨ କେଜି) ଦର ପୂର୍ବଭଳି ସ୍ଥିର ରହିଛି। ଏପରିକି ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୧୦୩ ଟଙ୍କା, ୧୧୨୯ ଟଙ୍କା,୧୧୦୨.୫୦ ଟଙ୍କା ଏବଂ ୧୧୧୮.୫୦ ଟଙ୍କାରେ କାରବାର ହେଉଛି। ସେହିଭଳି ଓଡ଼ିଶା ବଜାରରେ ମଧ୍ୟ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୧୮୩୯.୫୦ ଟଙ୍କାରେ ରହିଛି। ଏହା ପୂର୍ବରୁ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୯୩୧ ଟଙ୍କା ଥିଲା।

## ଆଞ୍ଚଳିକ ସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧।୮

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଅନ୍ତର୍ଗତ ଉତ୍କୃଷ୍ଟତା କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ) ପକ୍ଷରୁ ଓଡିଏମ୍ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ସାଇବର ସୁରକ୍ଷା ଏବଂ ନିରାପତ୍ତା ବିଷୟବସ୍ତୁ ଉପରେ ଏକ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ସମଗ୍ର ଓଡ଼ିଶାର ବିଭିନ୍ନ ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟର ୫୦ ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଭାଗନେଇ ନିଜର ବୈଷୟିକ ଦକ୍ଷତାକୁ ଉନ୍ନତ କରିପାରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ କ୍ରମାଙ୍କ-୪, ଭୁବନେଶ୍ୱରର ସ୍ନାତକୋତ୍ତର ଶିକ୍ଷକ (କମ୍ପ୍ୟୁଟର ବିଜ୍ଞାନ) ମାନସ ରଞ୍ଜନ ସାହୁ ତଥା ଡିଏଭି ପବ୍ଲିକ୍ ସ୍କୁଲ୍ ପୋଖରୀପୁଟ, ଭୁବନେଶ୍ୱରର ସ୍ନାତକୋତର ଶିକ୍ଷୟିତ୍ରୀ (କମ୍ପ୍ୟୁଟର ବିଜ୍ଞାନ) ଗୀତାଞ୍ଜଳୀ ହୋତା ସଂସାଧକ ଭାବେ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ସାଇବର ସୁରକ୍ଷା ଏବଂ ନିରାପତ୍ତାର ଗୁରୁତ୍ୱ ଉପରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଓ ଦିଗ୍‌ଦର୍ଶନ ଦେଇଥିଲେ। ବର୍ତ୍ତମାନ ସମାଜରେ ସାଇବର ପ୍ରତାରଣାରେ ଶିକାର ହେଉଥିବା ଯୁବସମାଜ ତଥା ଜନସାଧାରଣଙ୍କୁ ସାଇବର ସୁରକ୍ଷା ଏବଂ ନିରାପତ୍ତା ସମ୍ବନ୍ଧରେ ଜାଗ୍ରତ ଓ ସାବଧାନ କରିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ଏକ ବିଶିଷ୍ଟ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଡ. ମୀନକେତନ କହିଥିଲେ।

## ଫ୍ରିଡମ୍ କ୍ୟାଚ୍ ଦି ମସଲା ଅଫର

ନୂଆଦିଲ୍ଲୀ,୧।୮

ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍‌ସ ପକ୍ଷରୁ ଆକର୍ଷଣୀୟ 'ଫ୍ରିଡମ୍ କ୍ୟାଚ୍ ଦି ମସଲା' ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ପ୍ରତି ୧ ଲିଟର (ପାଉଚ/ବଟଲ) ଫ୍ରିଡମ୍ ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲର କ୍ରୟ ଉପରେ ଗ୍ରାହକ ୧୦ ଟଙ୍କା ମୂଲ୍ୟର ଏକ ଗରମ ମସଲା ପ୍ୟାକେଟ ମାଗଣାରେ ପାଇପାରିବେ। ଏ ସମ୍ପର୍କରେ ଫ୍ରିଡମ୍ ହେଲଦି କୁକିଂ ଅଏଲସ ବରିଷ୍ଠ ଉପସଭାପତି (ବିକ୍ରି ଏବଂ ବିପଣନ) ପି. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ଏଭଳି ଏକ ଆକର୍ଷଣୀୟ ଅଫରର ଘୋଷଣା ଓ ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନେ ପ୍ରତି ୧ଲିଟର (ପାଉଚ/ବଟଲ) ଫ୍ରିଡମ ରିଫାଇନ୍‌ଡ ସନଫ୍ଲାୱାର ଅଏଲର କ୍ରୟ ଉପରେ ଗ୍ରାହକ ୧୦ ଟଙ୍କା ମୂଲ୍ୟର ଏକ ଗରମ ମସଲା ପ୍ୟାକେଟ ମାଗଣାରେ ପାଇପାରିବେ। ଫଳରେ ବର୍ତ୍ତମାନ ସମୟରେ ଯେଉଁଭଳି ଭାବେ ଦରବୃଦ୍ଧି ହୋଇଛି, ଏହି ଅଫର ଗ୍ରାହକଙ୍କ ପାଇଁ ବେଶ୍ ସହାୟକ ହେବ। ବିଶେଷ କରି ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ସହିତ କାରବାର ମଧ୍ୟ ସ୍ୱାଧୀନତାର ସହ କରିପାରିବେ ବୋଲି ରେଡ୍ଡୀ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜେମିନୀ ଏଡିବେଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ଲିମିଟେଡ (ଜିଇଏଫ ଇଣ୍ଡିଆ)ର ଲୋକପ୍ରିୟ ବ୍ରାଣ୍ଡ୍ ଫ୍ରିଡମ୍ ଜରିଆରେ ଫ୍ରିଡମ ହେଲଦି କୁକିଂ ଅଏଲ୍‌ସର ବ୍ୟାପକ ସମ୍ଭାର ବଜାରରେ ଉପଲବ୍ଧ।

## ଫୁର୍‌ସତ୍



ତମନ୍ନା ଭାଟିଆ

### ରଜନୀକାନ୍ତଙ୍କ ସହ ଏକାଠି ନଜର ଆସିବେ

ମୁମ୍ବାଇ

ଅଭିନେତ୍ରୀ ତମନ୍ନା ଭାଟିଆ, ତାମିଲ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଯୋଡ଼ିକୁ ପ୍ରଶଂସକ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଦୁହିଁଙ୍କୁ 'ଜେଲର' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଏକତ୍ର ଦେଖିବାକୁ ମିଳିବ। ପରଦାରେ ରଜନୀକାନ୍ତ- ତମନ୍ନାଙ୍କ ଯୋଡ଼ିକୁ ନେଇ ଉତ୍ସାହ ରହିଥିବାବେଳେ ନିକଟରେ ରିଲିଜ୍ ହୋଇଥିବା ଏକ ଗୀତରେ ତମନ୍ନାଙ୍କୁ ନାଚୁଥିବା ଦେଖିବାକୁ ମିଳିଛି। ଦୁଇ କଳାକାରଙ୍କ ମଧ୍ୟରେ ୩୯ ବର୍ଷର ବୟସ ବ୍ୟବଧାନ ରହିଥିବାରୁ ଅନେକେ ସେମାନଙ୍କୁ ଖୁବ୍ ଟ୍ରୋଲ କରୁଛନ୍ତି। ଏହା ତମନ୍ନା ପୂର୍ବରୁ ଅଭିନେତା ଚିରଞ୍ଜୀବୀଙ୍କ ସହ 'ଭୋଲା ଶଙ୍କର'ରେ ଏକାଠି ଅଭିନୟ କରିଛନ୍ତି। ଦୁହିଁଙ୍କ ବୟସ ବ୍ୟବଧାନକୁ ନେଇ ତମନ୍ନା କହିଛନ୍ତି, ପରଦାରେ ଯେଉଁ ଚରିତ୍ର ନିଭାଉଛୁ, ତାକୁ ଦେଖନ୍ତୁ, ବୟସ ବ୍ୟବଧାନ ଦେଖନ୍ତୁ ନାହିଁ। ସାଉଥ ସୁପରଷ୍ଟାର ରଜନୀକାନ୍ତ ଏବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଥାଲାଇଭର୍ ୧୭୦'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ତେବେ ତମନ୍ନା ୨୦୦୫ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଲଷ୍ଟ 'ଷ୍ଟୋରି-୨'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଅନେକ ଫିଲ୍ମ ରହିଛି।

### ୧୦୦୦ ପ୍ରସ୍ତାବକୁ ୪୧ ବର୍ଷୀୟାଙ୍କ ନା



ନୂଆଦିଲ୍ଲୀ

ପୂର୍ବରୁ ବିବାହରେ ମହିଳାଙ୍କ ସହମତି କମ୍ ରହୁଥିଲା। ଅନେକଙ୍କ କ୍ଷେତ୍ରରେ ବିନା ସହମତିରେ ହିଁ ମହିଳାଙ୍କ ବିବାହ ହୋଇଯାଉଥିଲା। ହେଲେ ଏବେ ଯୁଗ ବଦଳିବା ସହ ଚିନ୍ତାଧାରା ମଧ୍ୟ ବଦଳିଛି। ପୁରୁଷଙ୍କ ଭଳି ମହିଳାମାନେ ମଧ୍ୟ ବିବାହରେ ଚଏସ୍ କରିପାରୁଛନ୍ତି। ନିଜ ମନପସନ୍ଦର ସାଥୀ ନ ମିଳିବା ପର୍ଯ୍ୟନ୍ତ ସେମାନେ ବିବାହ ମଧ୍ୟ କରୁନାହାନ୍ତି। ନିକଟରେ ଜଣେ ମହିଳା ନିଜ ପାଇଁ ପର୍‌ଫେକ୍ଟ ଜୀବନସାଥୀ ଖୋଜିବାକୁ ୪୧ ବର୍ଷ ବୟସ ଲଗାଇଦେଲେଣି, ହେଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ଜୀବନସାଥୀ ମିଳିପାରିନି। ରିପୋର୍ଟ ମୁତାବକ, କ୍ଲେୟର ଡିଙ୍କ ବିବାହ ୨୦୨୦ରେ ହୋଇଥିଲା। ଏକ ମାସରେ ପରେ ତାଙ୍କର ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଯାଇଥିଲା। ତା'ପରଠାରୁ ସେ ସିଙ୍ଗଲ ଅଛନ୍ତି। ତାଙ୍କର ଗୋଟେ ଝିଅ ଅଛି। କ୍ଲେୟରଙ୍କ କହିବା ମୁତାବକ, ସେ ତାଙ୍କ ଜୀବନ ସହ କୌଣସି ସଉଦା କରିବାକୁ ଚାହୁଁନାହାନ୍ତି। ସେଥିପାଇଁ ତାଙ୍କ ପାଖକୁ ଏପର୍ଯ୍ୟନ୍ତ ଆସିଥିବା ୧୦୦୦ ପ୍ରସ୍ତାବକୁ ସେ ମନା କରିସାରିଲେଣି। କ୍ଲେୟର ପେସାରେ ଜଣେ ଗାୟିକା। ବିଭିନ୍ନ ସୋସିଆଲ ମିଡିଆରେ ସେ ତାଙ୍କ ପ୍ରୋଫାଇଲ ଦେଇଛନ୍ତି। ଏହା ପରେ ବି ତାଙ୍କୁ ୩ ବର୍ଷ ହେବ ଜଣେ ପର୍‌ଫେକ୍ଟ ମଣିଷ ମିଳିଲାନି। ପୂର୍ବରୁ ବିବାହ କରିଥିବା ମଣିଷ ତାଙ୍କୁ ଛାଡ଼ି ଯିବା ପରେ ସେ ତାଙ୍କ ହିସାବର ପିଲାଙ୍କ ସହ ହିଁ ବିବାହ କରିବାକୁ ଚାହୁଁଛନ୍ତି। ତେବେ କ୍ଲେୟର ତାଙ୍କ ପାଇଁ ବିନା ସର୍ତ୍ତରେ ଭଲ ପାଉଥିବା, ଉଚ୍ଚ ଉଚ୍ଚତା ବିଶିଷ୍ଟ ପିଲା ଆବଶ୍ୟକ, ଯେଉଁଥିପାଇଁ ସେ ଏପର୍ଯ୍ୟନ୍ତ ୧୦୦୦ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିସାରିଲେଣି।

### ନକଲି ନଖ ପାଇଁ ଜୀବନ ବଞ୍ଚିଲା

ଲଣ୍ଡନ

ସାଧାରଣତଃ ଲୋକେ ଯେତେବେଳେ ବିଦ୍ୟୁତ୍ ଆଘାତ ଖାଇଥାନ୍ତି, ସେତେବେଳେ ତାଙ୍କ ମୃତ୍ୟୁ ହୁଏ କିମ୍ବା ଗୁରୁତର ଆହତ ହୁଅନ୍ତି। ନିକଟରେ ଜଣେ କଲେଜ ଛାତ୍ରୀଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ସେଠାରୁ ୪ ହାତ ଦୂରରେ ଛିଟିକି ପଡ଼ିଲେ, ହେଲେ ତାଙ୍କର କିଛି ବି ହୋଇ ନ ଥିଲା। ଏପରି ଘଟଣା ଇଂଲଣ୍ଡରେ ଦେଖିବାକୁ ମିଳିଛି। ଛାତ୍ରୀଙ୍କ କହିବା ମୁତାବକ, ତାଙ୍କ ବଡ଼ ବଡ଼ ନଖ ପାଇଁ ତାଙ୍କ ଜୀବନ ବଞ୍ଚିଯାଇଛି। ୨୧ ବର୍ଷୀୟା ନିକୋଲ ଫୌରମେନ୍‌ଙ୍କ କହିବା କଥା, ସେ ପାଣି ଗରମ ମେଶିନ ଠିକ୍ କରିବାକୁ ପ୍ରୟାସ କରୁଥିଲେ, ସେ ସମୟରେ ତାଙ୍କୁ କରେଣ୍ଟ ଲାଗିଗଲା। କରେଣ୍ଟ ଲାଗିବାର ୨/୩ ମିନିଟ୍ ପାଇଁ ସେ ସଂଜ୍ଞାହୀନ ହୋଇ ପଡ଼ି ରହିଥିଲେ। ତାଙ୍କର ଯେତେବେଳେ ହୋସ ଆସିଲା, ସେତେବେଳେ ସେ ଅନ୍ୟ ଏକ ରୁମ୍‌ରେ ପଡ଼ିଥିଲେ। ଏହାପରେ ସେ ଡାକ୍ତରଙ୍କ ପାଖକୁ ଗଲେ। ସେଠାରେ ଡାକ୍ତର ଲମ୍ବା ନକଲି ନଖ ପାଇଁ ବହୁତ ବଡ଼ ବିପଦରୁ ସେ ବଞ୍ଚିଯାଇଥିବା କହିଥିଲେ।



### ଜିମ୍‌ରେ ୬୮ ବର୍ଷୀୟାଙ୍କ ଅଭ୍ୟାସ

ନୂଆଦିଲ୍ଲୀ

ସୁସ୍ଥ ରହିବା ପାଇଁ ନିଜକୁ ଫିଟ୍ ରଖିବା ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ସମୟରେ ଲୋକେ ନିଜ ପାଇଁ ସମୟ ବାହାର କରିବା ଟିକେ କଷ୍ଟ। ହେଲେ ସୋସିଆଲ ମିଡିଆରେ ନିକଟରେ ଏପରି ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ୬୮ ବର୍ଷୀୟା ଜିମ୍‌ରେ କସରତ କରୁଥିବା ଦେଖିବାକୁ ମିଳିଛି। ଯେଉଁଥିରେ ମହିଳା ଭାରି ସାମଗ୍ରୀ ଉଠାଉଛନ୍ତି। ଭିଡିଓରେ ଅଜୟ ସାଙ୍ଗୱାନ ନାମକ ଜଣେ ଜିମ୍ ଟ୍ରେନର୍ ତାଙ୍କ ମା' କସରତ କରୁଥିବା ନଜରକୁ ଆସିଛନ୍ତି। ତେବେ ଏହି ବୟସରେ ଅନେକ ପୂଜାପାଠ କରୁଥିବା ନଜରକୁ ଆସୁଥିବାବେଳେ ସେ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ଜିମ୍ ଯାଉଛନ୍ତି। ଅଜୟ ତାଙ୍କ ମା'ଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଛାଡ଼ି ଅନ୍ୟ ମହିଳାଙ୍କୁ ସ୍ୱାସ୍ଥ୍ୟର ଧ୍ୟାନ ରଖିବାକୁ ପ୍ରଭାବିତ କରିବାକୁ ପ୍ରୟାସ କରୁଛନ୍ତି। ଭିଡିଓରେ ଅଜୟ ଲେଖିଛନ୍ତି, ତାଙ୍କ ମା' ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବାକୁ ଜିମ୍ ଆସିବାକୁ ନିଷ୍ପତ୍ତି ନେଇଛନ୍ତି। ଭିଡିଓକୁ ଅନେକ ଲୋକ ପସନ୍ଦ କରୁଛନ୍ତି। ଏଥିସହ ଅନେକ ତାଙ୍କଠାରୁ ପ୍ରଭାବିତ ହେବେ ବୋଲି ୟୁଜର୍ସ କହିଛନ୍ତି।



# ଏସିଆର ସର୍ବପୁରାତନ ଡୁରାଣ୍ଡ କପ୍

ଗୁରୁବାରଠାରୁ କୋଲକାତାରେ ଆରମ୍ଭ ହେବ ଡୁରାଣ୍ଡ କପ୍‌ର ୧୩୨ତମ ସଂସ୍କରଣ। ଏସିଆର ଏହା ହେଉଛି ସର୍ବପୁରାତନ ଏବଂ ବିଶ୍ୱର ତୃତୀୟ ସର୍ବପୁରାତନ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ, ଏକଥା ହୁଏତ ଖୁବ୍‌କମ୍ ଜାଣିଥିବେ। ଏହି ଚାମ୍ପିୟନଶିପ୍ ସହ ଭାରତୀୟ ଫୁଟବଲ ସିଜନର ଆରମ୍ଭ ହୁଏ ବୋଲି ବିବେଚନା କରାଯାଇଥାଏ। ଏଥିରେ ଜାତୀୟ କ୍ଲବ, ଭାରତୀୟ ସେନାର ବିଭିନ୍ନ ବିଭାଗ କିମ୍ବା ଆମନ୍ତ୍ରିତ ବିଦେଶୀ ଦଳ ଭାଗ ନେଇଥାନ୍ତି। ଫେଡେରେଶନ କପ୍ ଆରମ୍ଭ ହେବାପରଠାରୁ କହିବା ବାହୁଲ୍ୟ ଡୁରାଣ୍ଡ କପ୍ ଏକ ପ୍ରଦର୍ଶନୀ ଟୁର୍ନାମେଣ୍ଟରେ ପରିଣତ ହୋଇଯାଇଥିଲା। କାରଣ ଏଥିରେ କେବଳ ଆମନ୍ତ୍ରିତ ଦଳଗୁଡ଼ିକ ଭାଗ ନେଉଥିଲେ। ୨୦୨୨ରୁ ଏଥିରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଓ ଆଇ-ଲିଗ୍ ଦଳଗୁଡ଼ିକ ଭାଗ ନେଉଛନ୍ତି। ଏବର୍ଷ ଦୀର୍ଘ ୨୭ବର୍ଷ ପରେ ଟୁର୍ନାମେଣ୍ଟକୁ ବିଦେଶୀ ଦଳ ଫେରିଛନ୍ତି। ୨୦୨୩ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରୁଛନ୍ତି। ତନ୍ମଧ୍ୟରେ ନେପାଳ, ଭୁଟାନ ଓ ବାଂଲାଦେଶର ଦଳ ରହିଛନ୍ତି। ଫଳରେ ଟୁର୍ନାମେଣ୍ଟର ଗୁରୁତ୍ୱ ବଢ଼ିଛି। ଓଡ଼ିଶା ଏଫ୍‌ସି ଦ୍ୱିତୀୟ ଥର ପାଇଁ ଭାଗ ନେଉଛି। ଗତଥର ଏହି ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲା।

### ଟ୍ରଫି ଟୁର୍

ପ୍ରଚଳିତ ପରମ୍ପରା ଅନୁସାରେ ଗତ ଜୁନ୍ ୩୦ରେ ନୂଆଦିଲ୍ଲୀରେ ଡୁରାଣ୍ଡ କପ୍ ଟ୍ରଫି ଟୁର୍ ଆରମ୍ଭ ହୋଇଥିଲା। ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ମନୋଜ ପାଣ୍ଡେ, ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧାରୀ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେ ପ୍ରମୁଖ ପତାକା ଦେଖାଇ ଟ୍ରଫି ଟୁର୍‌ର ଶୁଭାରମ୍ଭ କରିଥିଲେ। ମାସାଧିକ କାଳ ୩ଟି ଟ୍ରଫି ଦେଶର ଅନ୍ୟତମ ପ୍ରମୁଖ ସହର ଶିମ୍ଲା, ଉଧାମପୁର, ଜୟପୁର, ମୁମ୍ବାଇ, ପୁଣେ, ବେଙ୍ଗାଲୁରୁ, ଭୁବନେଶ୍ୱର, କୋକ୍ରାଝର, ଗୁଆହାଟୀ ଓ ଶିଲଂ ପରିକ୍ରମା କରିଛି।

### ଟୁର୍ନାମେଣ୍ଟ ସମ୍ପର୍କରେ...

ଇଣ୍ଡିଆନ ଆର୍ମଡ ଫୋର୍ସ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ଡୁରାଣ୍ଡ କପ୍ ବର୍ଷ ବର୍ଷ ଧରି ଦେଶ ପାଇଁ ନୂଆ ନୂଆ ଫୁଟ୍‌ବଲ ପ୍ରତିଭା ସୃଷ୍ଟି କରି ଆସୁଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ୧୮୮୮ରେ ଶିମ୍‌ଲାଠାରେ



ଆୟୋଜିତ ହୋଇଥିଲା। ଏହା ଆର୍ମି କପ୍ ନାମରେ ପରିଚିତ ଥିଲା। ସେତେବେଳେ ଏଥିରେ କେବଳ ଭାରତର ବ୍ରିଟିଶ ଇଣ୍ଡିଆନ ଆର୍ମି ଟ୍ରୁପ୍‌ଗୁଡ଼ିକ ଭାଗ ନେଉଥିଲେ। ଟୁର୍ନାମେଣ୍ଟର ଏକ ଅଜବ ପ୍ରଥା ରହିଛି। ବିଜୟୀ ଦଳକୁ ୩ଟି ଟ୍ରଫି ପ୍ରଦାନ କରାଯାଇଥାଏ। ସେଗୁଡ଼ିକ ହେଲା ଡୁରାଣ୍ଡ କପ୍ (ଏକ ରୋଲିଂ ଟ୍ରଫି ଏବଂ ପୁରସ୍କାର ରାଶି), ଶିମ୍‌ଲା ଟ୍ରଫି (ଏକ ରୋଲିଂ ଟ୍ରଫି, ଯାହାକି ୧୯୦୪ରେ ପ୍ରଥମ ଥର ଶିମ୍‌ଲା ବାସିନ୍ଦାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା) ଏବଂ ପ୍ରେସିଡେଣ୍ଟ୍ସ କପ୍ (୧୯୫୬ରେ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପରେ ଏହାର ଭେନ୍ୟୁ ନୂଆଦିଲ୍ଲୀକୁ ସ୍ଥାନାନ୍ତର ହୋଇଥିଲା। ୧୮୮୪ରୁ ୧୮୯୪ ପର୍ଯ୍ୟନ୍ତ ଭାରତର ବୈଦେଶିକ ସଚିବ ଥିବା ସାର୍ ହେନ୍‌ରୀ ମର୍ଟିମର ଡୁରାଣ୍ଡଙ୍କ ନାମରେ ଟୁର୍ନାମେଣ୍ଟର ନାମକରଣ କରାଯାଇଛି। ଉତ୍ତର ଭାରତ ଅନ୍ତର୍ଗତ ଶିମ୍‌ଲାରେ ସାର୍ ହେନ୍‌ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ କ୍ରୀଡ଼ାର ଗୁରୁତ୍ୱ ବିଷୟରେ ସଚେତନ ହୋଇଥିଲେ ଏବଂ ଭାରତରେ ଖେଳକୁ ସେ ଉତ୍ସାହିତ କରି ଏକ ପୁରସ୍କାର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ସମ୍ମାନାର୍ଥେ ଟୁର୍ନାମେଣ୍ଟର ନାମ ଡୁରାଣ୍ଡ କପ୍ ରଖାଯାଇଛି। ପ୍ରଥମାବସ୍ଥାରେ ଆର୍ମଡ ଫୋର୍ସ ଅଫ୍ ଇଣ୍ଡିଆର ବିଭିନ୍ନ ଡିପାର୍ଟମେଣ୍ଟ ଓ ରେଜିମେଣ୍ଟ ଦଳକୁ ନେଇ ଏହି ଫୁଟବଲ ପ୍ରତିଯୋଗିତା ହେଉଥିଲା। ସ୍ୱାଧୀନତା ପରେ ଇଣ୍ଡିଆନ ଆର୍ମଡ ଫୋର୍ସର ଉପସ୍ଥିତିକୁ ବଜାୟ ରଖିବାକୁ ଯାଇ ଆମନ୍ତ୍ରିତ ଦଳ ଭାବେ ଭାରତୀୟ ପଦାତିକ ବାହିନୀର ବିଭିନ୍ନ ରେଜିମେଣ୍ଟର କ୍ଲବଗୁଡ଼ିକ ଭାଗ ନେଇ ଆସୁଛନ୍ତି। ସଦ୍ୟତମ ଆର୍ମି ଟିମ୍ ଭାବେ ଆର୍ମି ଗ୍ରୀନ ୨୦୧୬ରେ ଏହି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲା। ବେଙ୍ଗାଲୁରୁ ଏଫ୍‌ସି ହେଉଛି ଗତଥର ଡୁରାଣ୍ଡ କପ୍ ବିଜେତା। ସବୁଠାରୁ ଅଧିକ ୧୬ଥର ଲେଖାଏଁ ଟାଇଟଲ ଜିତିଥିବା ଦୁଇ ଦଳ ହେଲେ ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ।

### କେଉଁ ଦଳ କେଉଁ ଗ୍ରୁପ୍‌ରେ

ଡୁରାଣ୍ଡ କପ୍‌ର ଚଳିତ ସଂସ୍କରଣରେ ଭାଗ ନେଉଥିବା ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏଥିରେ ଫାଇନାଲକୁ ମିଶାଇ ମୋଟ ୪୩ଟି ମ୍ୟାଚ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଟେବୁଲ ଟପ୍‌ର ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ଦୁଇ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। କୋଲକାତାର ଏକାଧିକ ଭେନ୍ୟୁରେ 'ଏ', 'ବି' ଓ 'ସି' ଗ୍ରୁପ୍‌ରେ ରହିଥିବା ଦଳଗୁଡ଼ିକର ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ଫାଇନାଲ ସଲ୍ଟ ଲେକ୍ ଷ୍ଟାଡ଼ିୟମରେ ଖେଳାଯିବ। ଗ୍ରୁପ୍ 'ଡି' ଓ ଗ୍ରୁପ୍ 'ଇ'ର ଦୁଇଟି ଛାଡ଼ି ଅଧିକାଂଶ ମ୍ୟାଚ ଗୁଆହାଟୀର ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ ଖେଳାଯିବ। କୋକ୍ରାଝରସ୍ଥିତ ସାଇ ସେଣ୍ଟର ଗ୍ରାଉଣ୍ଡରେ ଗୋଟିଏ କ୍ୱାର୍ଟରଫାଇନାଲ ସମେତ ମୋଟ ୯ଟି ମ୍ୟାଚ ଖେଳାଯିବ।

ଗ୍ରୁପ୍ 'ଏ': ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ, ରାଉଣ୍ଡଗ୍ଲାସ ପଞ୍ଜାବ ଏଫ୍‌ସି ଓ ବାଂଲାଦେଶ ଆର୍ମି।
ଗ୍ରୁପ୍ 'ବି': ମୁମ୍ବାଇ ସିଟି ଏଫ୍‌ସି, ଜାମସେଦପୁର ଏଫ୍‌ସି, ମହମ୍ମଡ଼ାନ ସ୍ପୋର୍ଟିଂ ଓ ଇଣ୍ଡିଆନ ନାଭି।
ଗ୍ରୁପ୍ 'ସି': ବେଙ୍ଗାଲୁରୁ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ଗୋକୁଳମ କେରଳ ଓ ଇଣ୍ଡିଆନ ଏୟାର ଫୋର୍ସ।
ଗ୍ରୁପ୍ 'ଡି': ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି, ଏଫ୍‌ସି ଗୋଆ, ଶିଲଂ ଲାଜଙ୍ଗ ଏଫ୍‌ସି।
ଗ୍ରୁପ୍ 'ଇ': ହାଇଦ୍ରାବାଦ ଏଫ୍‌ସି, ଚେନ୍ନାଇନ ଏଫ୍‌ସି, ଦିଲ୍ଲୀ ଏଫ୍‌ସି ଓ ତ୍ରିଭୁବନ ଆର୍ମି ଫୁଟ୍‌ବଲ କ୍ଲବ ନେପାଳ।
ଗ୍ରୁପ୍ 'ଏଫ୍': ଓଡ଼ିଶା ଏଫ୍‌ସି, ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି, ଇଣ୍ଡିଆନ ଆର୍ମି ଓ ବୋଡୋଲାଣ୍ଡ ଟିମ୍।

**ପ୍ରସାରଣ**
ଟେଲିଭିଜନ ବ୍ରଡ୍‌କାଷ୍ଟର: ସୋନି ସ୍ପୋର୍ଟ୍ସ
ଅନ୍‌ଲାଇନ୍ ଷ୍ଟ୍ରିମିଂ: ସୋନି ଲାଇଭ୍

-ପ୍ରସ୍ତୁତି: ବିଜୟ ରଣା

---

**ଏସିଆନ୍ ଗେମ୍ସ ଫୁଟ୍‌ବଲ**

## ଭାରତୀୟ ଦଳରେ ଛେତ୍ରୀ, ଝିଙ୍ଗାନ, ଗୁରପ୍ରୀତ୍

ନୂଆଦିଲ୍ଲୀ,୧୮(ପି.ଟି.)

ଏସିଆନ୍ ଗେମ୍ସ ଫୁଟବଲ୍ ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୨୨ ଜଣିଆ ଭାରତୀୟ ଦଳରେ ସମସ୍ତ ଖେଳାଳି ୨୩ ବର୍ଷରୁ କମ୍ ଦଳର ରହିଥିବା ବେଳେ ସିନିୟର ଦଳର ୩ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ଅଧିନାୟକ ସୁନୀଲ ଛେତ୍ରୀ, ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ ଓ ଗୋଲ କିପର ଗୁରପ୍ରୀତ ସାନ୍ଧୁଙ୍କୁ ଏହି ଦଳରେ ସାମିଲ କରାଯାଇଛି। ସିନିୟର ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ ଏହି ଦଳର ଦାୟିତ୍ୱରେ ରହିବେ। ଅଗଷ୍ଟ ୩ ତାରିଖରେ ଚାଇନାର ହାଙ୍ଗଝୌରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଭାରତକୁ ଆରମ୍ଭରୁ ଅନୁମତି ମିଳି ନ ଥିଲା। ତେବେ ଶେଷ ମୂହୂର୍ତ୍ତରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳକୁ ଅନୁମତି ମିଳିଥିଲା। ଏସିଆନ୍ ଗେମ୍ସ ଆୟୋଜକ କମିଟି ଓ ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆ ପକ୍ଷରୁ ମଧ୍ୟ ଭାରତର ଆୟୋଜନକୁ ସବୁଜ ସଙ୍କେତ ମିଳି ସାରିଛି। ଦୁଇ ଥର ଏସିଆନ୍ ଚାମ୍ପିୟନଶିପ୍ ଜିତି ସାରିଥିବା ଭାରତ ଗ୍ରୁପ୍ ଡିରେ ସ୍ଥାନ ପାଇଛି। ପ୍ରତ୍ୟେକ ଥର ଏହି ଟୁର୍ନାମେଣ୍ଟରେ ୨୩ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ସାମିଲ କରାଯାଉଥିବା ବେଳେ ପ୍ରଥମ ଥର ପାଇଁ ୨୪ ବର୍ଷର ଖେଳାଳିଙ୍କୁ ଅନୁମତି ମିଳିଛି। ୨୦୨୨ରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ କୋଭିଡ୍ କାରଣରୁ ବର୍ଷେ ଘୁଞ୍ଚିଥିଲା।

---

## ଇଣ୍ଡିଜ୍ ଦଳକୁ ଫେରିଲେ ହୋପ୍, ଥୋମାସ୍

**ଭାରତ ବିପକ୍ଷ ଟି୨୦ ସିରିଜ୍**

ପୋର୍ଟ ଅଫ୍ ସ୍ପେନ୍,୧୮(ପି.ଟି.)

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି ୨୦ ସିରିଜ୍ ପାଇଁ ୧୫ ଜଣିଆ ୱେଷ୍ଟଇଣ୍ଡିଜ୍ ଦଳ ଘୋଷଣା କରାଯାଇଛି। ରୋଭମାନ ପାୱେଲଙ୍କୁ ଦଳର ଅଧିନାୟକ ରଖା ଯାଇଥିବା ବେଳେ ଶାଇ ହୋପ୍ ଓ ଓସେନ୍ ଥୋମାସ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦିନିକିଆ ଦଳର ଅଧିନାୟକ ରହିଥିବା ଶାଇ ହୋପ୍ ଫେବୃୟାରୀ ମାସରେ ଶେଷ ଥର ପାଇଁ ଟି ୨୦ ମ୍ୟାଚ୍ ଖେଳିଥିଲେ। ଭାରତ ଗସ୍ତରେ ଆସିଥିବା ଦଳରେ ସେ ନିଜର ଶେଷ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ଓସେନ୍ ଥୋମାସ ଡିସେମ୍ବର ୨୦୨୧ରେ ଶେଷ ଥର ପାଇଁ ଟି୨୦ ଖେଳିଥିଲେ। କାଇଲ ମେୟର୍ସଙ୍କୁ ଏହି ଦଳର ଉପ ଅଧିନାୟକ ରଖାଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ।



ଶାଇ ହୋପ୍ ଓ ଓସେନ୍ ଥୋମାସ।

**ୱେଷ୍ଟଇଣ୍ଡିଜ ଦଳ**

ରୋଭମାନ ପାୱେଲ (ଅଧିନାୟକ), କାଇଲ ମେୟର୍ସ, ଜନସନ୍ ଚାର୍ଲ୍ସ, ରୋଷ୍ଟନ ଚେଜ୍, ଶିମରନ୍ ହେଟମେୟର, ଜାସନ ହୋଲ୍ଡର, ଶାଇ ହୋପ୍, ଅକିଲ୍ ହୋସେନ୍, ଅଲଜାରୀ ଯୋଶେଫ, ବ୍ରାଣ୍ଡନ କିଙ୍ଗ, ଓବେଡ ମ୍ୟାକୟ, ନିକୋଲାସ୍ ପୁରନ୍, ରୋମାରିଓ ଶେଫର୍ଡ, ଓଡ଼ିନ ସ୍ମିଥ୍, ଓସେନ୍ ଥୋମାସ।

---

## ଫାଓ ଲିଗ୍: ସନ୍‌ସାଇନ୍ ବିଜୟୀ

କଟକ ଅଫିସ , ୧୮

(ସୁପ୍ରିୟା ପ୍ରିୟଦର୍ଶିନୀ)

ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ସନ୍‌ସାଇନ୍ କ୍ଲବ ୩-୦ ଗୋଲରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ସିଲ୍‌ଭର ଲିଗ୍ ଅନ୍ତର୍ଗତ ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଅଜୟ ମାଝି ୨ୟ, ଅବିନାଶ ସାମଲ ୧୧ଶ ଓ ମୋହିତ ସାମଲ ୬୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ଡିଭିଜନ ଲିଗ୍ ଅନ୍ତର୍ଗତ ଓଜିପି କ୍ଲବ ଓ ଚୌଦ୍ୱାରର ୟାଇଏଫ୍‌ସି ମଧ୍ୟରେ ହେବାକୁଥିବା ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଛି। ଜ୍ୟୋତି ରଞ୍ଜନ ସ୍ୱାଇଁ, ମହମ୍ମଦ ସାକଲେନ ଅଶ୍ରଫି, ଜଗନ୍ନାଥ କଅଁର ଓ ଦଇତାରି କାରୁଆ ରେଫରି ଥିଲେ।

---

## ଚେନ୍ନାଇରେ ପହଞ୍ଚିଲା ଭାରତୀୟ ଦଳ



ଏସିଆନ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ମଙ୍ଗଳବାର ଚେନ୍ନାଇରେ ଭାରତୀୟ ହକି ଦଳ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଚେନ୍ନାଇ,୧୮

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଖେଳିବା ପାଇଁ ଭାରତୀୟ ଦଳ ମଙ୍ଗଳବାର ଚେନ୍ନାଇରେ ପହଞ୍ଚିଛି। ବିମାନବନ୍ଦରରେ ବହୁ ସଂଖ୍ୟାରେ ପ୍ରଶଂସକ ଉପସ୍ଥିତ ରହି ଭାରତୀୟ ଦଳକୁ ସ୍ୱାଗତ କରିଥିଲେ। ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଆସନ୍ତା ୩ ତାରିଖରେ ଏହାର ପ୍ରଥମ ମ୍ୟାଚରେ ଚାଇନାକୁ ଭେଟିବ। ଟୁର୍ନାମେଣ୍ଟ ଇତିହାସ ଦେଖିଲେ ଭାରତ ଓ ପାକିସ୍ତାନ ସବୁଠାରୁ ସଫଳ ଦଳ। ଉଭୟ ଦଳ ୩ ଥର ଲେଖାଏ ଟାଇଟଲ ଜିତିଛନ୍ତି। ତେଣୁ ଏଥର ରେକର୍ଡ ୪ର୍ଥ ଥରପାଇଁ ଟ୍ରଫି ଜିତି ଦେଶକୁ ଗର୍ବିତ କରିବା ଆଶାରେ ରହିଛି ଘରୋଇ ଦଳ। ଟୁର୍ନାମେଣ୍ଟରେ ଭାରତୀୟ ଦଳ ଜାପାନ, କୋରିଆ, ପାକିସ୍ତାନ, ଚାଇନା ଓ ମାଲେସିଆ ସହିତ ମୁକାବିଲା କରିବ। ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମରେ ଟୁର୍ନାମେଣ୍ଟ ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ ଅଂଶଗ୍ରହଣକାରୀ ୬ ଦଳ ରାଉଣ୍ଡ ରବିନ ଫର୍ମାଟରେ ପରସ୍ପର ସହିତ ୫ଟି ଲେଖାଏ ମ୍ୟାଚ ଖେଳିବେ। ଏହାପରେ ଶ୍ରେଷ୍ଠ ୪ ଦଳ ସେମିଫାଇନାଲରେ ପ୍ରବେଶ କରିବେ।

ଭାରତୀୟ ଦଳର ଭଲ ପ୍ରଦର୍ଶନ ନେଇ ମୁଖ୍ୟ କୋଚ୍ କ୍ରେଗ୍ ଫଲଟନ ଆଶାବାଦୀ ଅଛନ୍ତି। "ସ୍ପେନରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଆମର ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ଗତ ୧୦ ଦିନ ମଧ୍ୟରେ ଆମେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭେଟି ପ୍ରଭାବୀ ଖେଳ ଦେଖାଇଥିଲୁ। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଆମେ ରଣନୀତିରେ କେତେକ ପରିବର୍ତ୍ତନ କରି ଖେଳିବୁ" ବୋଲି ଫଲଟନ କହିଛନ୍ତି।

---

## ନକ୍ ଆଉଟରେ ଆମେରିକା, ନେଦରଲାଣ୍ଡ୍ସ, ଇଂଲଣ୍ଡ, ଡେନ୍‌ମାର୍କ

**ମହିଳା ଫିଫା ବିଶ୍ୱକପ**

ଡୁନେଡିନ୍,୧୮(ପି.ଟି.)

ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଓ ଗତ ସଂସ୍କରଣର ରନର୍ ଅପ୍ ନେଦରଲାଣ୍ଡ୍ସ। ଅନ୍ୟପକ୍ଷରେ ଗ୍ରୁପ୍ ଡିରୁ ଇଂଲଣ୍ଡ ଓ ଡେନ୍‌ମାର୍କ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଭିଏତ୍‌ନାମ ବିପକ୍ଷରେ ୭-୦ର ବୃହତ୍ ବିଜୟ ସହିତ ନେଦରଲାଣ୍ଡ୍ସ ନକ୍‌ଆଉଟରେ ପ୍ରବେଶ କରିଥିବା ବେଳେ ପର୍ତ୍ତୁଗାଲ ସହ ମ୍ୟାଚ୍ ଡ୍ର ରଖିଥିଲା ଆମେରିକା। ନେଦରଲାଣ୍ଡ୍ସ ଗ୍ରୁପ୍ ଇ'ରେ ଟେବୁଲ ଟପ୍ପର ରହିଥିବା ବେଳେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି ।

**ନେଦରଲାଣ୍ଡ୍ସର ବୃହତ୍ ବିଜୟ:** ଭିଏତ୍‌ନାମକୁ ୭-୦ରେ ପରାସ୍ତ କରିବା ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ନେଦରଲାଣ୍ଡ୍ସ। ଗତ ସଂସ୍କରଣର ରନର ଅପ୍ ଡଚ୍ ଦଳ ସମଗ୍ର ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ମ୍ୟାଚ୍‌ର ୭୩ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଭିଏତନାମ ଗୋଲକିପର ଟ୍ରାନ୍ ଥି କିମ୍ ଥାନ୍ହଙ୍କ କମ୍ ଉଚ୍ଚତାର ଫାଇଦା ଉଠାଇ ନେଦରଲାଣ୍ଡ୍ସ ଖେଳାଳି ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରି ଚାଲିଥିଲା। ପ୍ରଥମାର୍ଦ୍ଧରେ ଦଳ ୫ ଗୋଲ ସ୍କୋର କରିଥିଲା। ଦଳ ପକ୍ଷରୁ ଏସ୍‌ମି ବ୍ରଗ୍ଟ(୧୮ ଓ ୫୭ ମିନିଟ), ଜିଲ୍ ରୁର୍ଡ(୨୩ ଓ ୮୩ ମିନିଟ) ଡବଲ୍ ଗୋଲ ସ୍କୋର କରିଥିବା ବେଳେ ଲିକେ ମେର୍ଟେନ୍ସ(୮ ମିନିଟ), କାଟ୍‌ଜା ସ୍ନୋଏସ୍(୧୧ ମିନିଟ) ଓ ଡାନିଏଲ ଭାନ୍ ଡେ ଡଙ୍କ (୪୫ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩ ମ୍ୟାଚ୍‌ରୁ ଦୁଇ ବିଜୟ ସହିତ ଦଳ ୭ ପଏଣ୍ଟ ଅର୍ଜନ କରି ନକ୍‌ଆଉଟରେ ପ୍ରବେଶ କରିଛି।

**ପଏଣ୍ଟ ବାଣ୍ଟିଲା ଆମେରିକା:** ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଅପେକ୍ଷାକୃତ ଦୁର୍ବଳ ପର୍ତ୍ତୁଗାଲ ବିପକ୍ଷରେ ମ୍ୟାଚ୍ ଅମୀମାଂସିତ ରଖିଛି। ପ୍ରଥମ ଥର ପାଇଁ ବିଶ୍ୱକପ ଖେଳୁଥିବା ପର୍ତ୍ତୁଗାଲ ମ୍ୟାଚ୍‌ର ୫୬ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଏହା ସହିତ ଆମେରିକା କାଉଣ୍ଟର ଆଟାକ୍ କରିବାରେ ମଧ୍ୟ ବିଫଳ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହିତ ଦଳ ୫ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ଆମେରିକାକୁ ୬ଟି କର୍ନର ମିଳିଥିବା ବେଳେ ୧୭ଟି ଶଟ୍ ଟାର୍ଗେଟରେ ରହିଥିଲା, ତେବେ ଦଳ ଗୋଲ ସ୍କୋର କରିବାରେ ସଫଳ ହୋଇ ନ ଥିଲା।

**ଲରେନ୍ ଜେମ୍ସଙ୍କ ଡବଲ୍ ଗୋଲ୍:** ୨୧ ବର୍ଷୀୟ ଫରୱାର୍ଡ ଲରେନ୍ ଜେମ୍ସଙ୍କ ଡବଲ ଗୋଲ ବଳରେ ଚାଇନାକୁ ୬-୧ ଗୋଲରେ ପରାସ୍ତ କରିଛି ୟୁରୋ କପ୍ ଚାମ୍ପିୟନ ଇଂଲଣ୍ଡ। ଇଂଲଣ୍ଡ ପକ୍ଷରୁ ମ୍ୟାଚ୍‌ର ଚତୁର୍ଥ ମିନିଟରେ ସ୍କୋର କରିଥିଲେ ଆଲେସିଆ ରୁଷୋ। ୨୬ ତମ ମିନିଟରେ ଲରେନ୍ ହେମ୍ପ ସ୍କୋର କରିବା ସହିତ ଦଳକୁ ୨-୦ରେ ଆଗୁଆ କରିଥିଲେ। ୪୧ ତମ ମିନିଟରେ ମାଞ୍ଚେଷ୍ଟର ୟୁନାଇଟେଡ ଓ ଚେଲ୍‌ସୀ ଷ୍ଟ୍ରାଇକର ଲରେନ୍ ଜେମ୍ସ ନିଜର ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୩-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଂଲଣ୍ଡ ଆହୁରି ଦୁଇଟି ଗୋଲ ସ୍କୋର କରିଥିଲା। ମ୍ୟାଚ୍‌ର ୫୭ ମିନିଟରେ ଚାଇନାକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ୱାଙ୍ଗ ସୁଆଙ୍ଗ ଏହାକୁ ଗୋଲ୍ କରିଥିଲେ। ୬୫ ତମ ମିନିଟରେ ଲରେନ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ କ୍ଲୋଏ କେଲି ୭୭ ଓ ରାଚେଲ୍ ଡାଲି ୮୪ ତମ ମିନିଟରେ ଗୋଲ ଦେଇଥିଲେ।

**ଡେନମାର୍କ ବନାମ ହାଇତି:** ହାଇତିକୁ ୨-୦ରେ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଛି ଡେନମାର୍କ। ୨୧ ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପେରେନିଲ ହାର୍ଡ ସ୍କୋର କରିଥିଲେ। ଇଞ୍ଜୁରୀ ଟାଇମରେ ୯୦+୧୦ ମିନିଟରେ ସାନ୍ନେ ଟ୍ରୋସେଲଗାର୍ଡ ନିଲସେନ୍ ଦ୍ୱିତୀୟ ଗୋଲ୍ ଦେଇଥିଲେ।



ଗୋଲ ଦେବାପରେ ସାଥି ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ଇଂଲଣ୍ଡର ଲରେନ୍ ଜେମ୍ସ।

---

## ଭାରତୀୟ କ୍ୟାମ୍ପରେ ଓଡ଼ିଶା ଏଚ୍‌ପିସିର ୪



ଭାରତୀୟ ସବ୍‌ଜୁନିୟର ହକି ଶିବିର ପାଇଁ ମନୋନୀତ ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର ଖେଳାଳି।

ଭୁବନେଶ୍ୱର, ୧୮

(ତପନ ସ୍ୱାଇଁ)

ରାଉରକେଲାଠାରେ ଚଳିତ ମାସ ୨୧ରୁ ୩୦ ପର୍ଯ୍ୟନ୍ତ ଭାରତୀୟ ସବ୍‌ଜୁନିୟର ହକି ଶିବିର ଅନୁଷ୍ଠିତ ହେବ। ଏହି ଶିବିର ପାଇଁ ହକି ଏସ୍ ଫାଉଣ୍ଡେଶନ ଅଧୀନରେ ପରିଚାଳିତ ହେଉଥିବା ଏକାଡେମୀଗୁଡ଼ିକରୁ ୭ ଜଣ ପ୍ରତିଭାବାନ କ୍ୟାଡେଟ୍ ମନୋନୀତ ହୋଇଛନ୍ତି। ଟାଟା ଏସ୍ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଭୁବନେଶ୍ୱରର ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସିର) ଓ ଏକାଡେମୀ-ଜାମସେଦପୁରର ନାଭାଲ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍‌ଏ)ରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ପାଇଛନ୍ତି। ୭ କ୍ୟାଡେଟଙ୍କ ମଧ୍ୟରୁ ଭୁବନେଶ୍ୱରର ଓଏନ୍‌ଟିଏଚ୍‌ଏଚ୍‌ପିସିର ୪ ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ପ୍ରଦୀପ ମଣ୍ଡଳ, ୟୋଜିନ୍ ମିଞ୍ଜ୍, ରୋହିତ କୁଲୁ ଓ ସୁରେଶ ଶର୍ମା। ଶିବିର ପାଇଁ ମନୋନୀତ ଫାଉଣ୍ଡେଶନର ଅନ୍ୟ ୩ ଖେଳାଳି ହେଲେ ରୋହିତ ତିର୍କୀ, ରୋହିତ ପ୍ରଧାନ ଓ ଘୁରନ ଲୋହରା।

ହକି ଏସ୍ ଫାଉଣ୍ଡେଶନ ମିଳିତ ଭାବେ ଟାଟା ଟ୍ରଷ୍ଟସ ଓ ଟାଟା ଷ୍ଟିଲ୍ ଦ୍ୱାରା ପରିଚାଳିତ ହେଉଛି। ହକି ଏସ୍ ଫାଉଣ୍ଡେଶନର ଅଧ୍ୟକ୍ଷ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ, "ଭାରତୀୟ ସବ୍‌ଜୁନିୟର ହକି ଶିବିର ପାଇଁ ଆମର ୭ ପ୍ରତିଭାବାନ୍ କ୍ୟାଡେଟ୍ ମନୋନୀତ ହୋଇଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ। ଏହି ସଫଳତା ଆମ ପ୍ରଶିକ୍ଷକ ଓ କ୍ୟାଡେଟ୍‌ମାନଙ୍କ କଠିନ ପରିଶ୍ରମ ଓ ସମର୍ପଣ ଭାବକୁ ପ୍ରତିଫଳିତ କରୁଛି। ଦକ୍ଷତା ପ୍ରଦର୍ଶନ ଏବଂ ଜାତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ପାଇଁ ସବ୍ ଜୁନିୟର ଶିବିର ଏହି ଯୁବ ଖେଳାଳିମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସଦୃଶ''। ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର ହେଉଛି ଏକ ଅତ୍ୟାଧୁନିକ ହାଇପର୍‌ଫର୍ମାନ୍ସ ୟୁନିଟ୍, ଯାହା ହକି ପ୍ରତିଭାମାନଙ୍କୁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ମାଧ୍ୟମରେ ସମୃଦ୍ଧ କରୁଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଅବସ୍ଥିତ ଏହି ଏକାଡେମୀକୁ ଓଡ଼ିଶା ସରକାର, ଟାଟା ଷ୍ଟିଲ୍ ଓ ଟାଟା ଟ୍ରଷ୍ଟସ୍ (ହକି ଏସ୍ ସେଣ୍ଟର)ର ମିଳିତ ସହଯୋଗରେ ୨୦୧୯ ଅଗଷ୍ଟରେ ଗଠନ କରାଯାଇଥିଲା। ଏକ ଆବାସିକ କାର୍ଯ୍ୟକ୍ରମ ଅଧୀନ ଉଭୟ ବାଳକ ଓ ବାଳିକା କ୍ୟାଡେଟ୍‌ଙ୍କ ଆବଶ୍ୟକତାକୁ ଏହି ଏଚ୍‌ପିସି ପୂରଣ କରୁଥିବା ବେଳେ ୬ ଜଣ ଜୁନିୟର ଅନ୍ତର୍ଜାତୀୟ ମହିଳା ହକି ଖେଳାଳି ସୃଷ୍ଟି କରିପାରିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଚିକି
ପରିବାରବର୍ଗ


ସ୍ୱୀକୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରୋଗ ସୃଷ୍ଟି କରିଛି ଏଏପି, ଆମେ କରୁଛୁ ଚିକିତ୍ସା: ଭାଜପା

ନୂଆଦିଲ୍ଲୀ,୧।୮

ଦିଲ୍ଲୀ ସେବା ବିଲ୍ ନେଇ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ବିବାଦ ଦେଖାଦେଇଛି। ଲୋକସଭାରେ ମଙ୍ଗଳବାର ଏହାର ଉପସ୍ଥାପନ ସମୟରେ ହଟ୍ଟଗୋଳ ହୋଇଛି। କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ତଥା ଦିଲ୍ଲୀ ଲୋକସଭା ଏମ୍‌ପି ମୀନାକ୍ଷୀ ଲେଖି ଦିଲ୍ଲୀ ସେବା ବିଲ ଉପରେ କହିଛନ୍ତି ଭାରତ ସରକାରଙ୍କର ଏହି ଆଇନ ପ୍ରସ୍ତୁତ କରିବାର ଅଧିକାର ଅଛି। କାରଣ ଭାରତ ଏକ ସଂଘୀୟ ଦେଶ ଏବଂ ଏହାର ପ୍ରାଥମିକତାକୁ କେହି ଚ୍ୟାଲେଞ୍ଜ କରିପାରିବେ ନାହିଁ। ଯେତେବେଳେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଲା ସେତେବେଳେ କୋର୍ଟ କହିଥିଲେ ନିୟମ, ଆଇନ ଏବଂ ବିଲ୍ ଉପରେ ଆମେ ନୀରବ ରହିବା ଆବଶ୍ୟକ। କେନ୍ଦ୍ର ଚାହିଁଲେ ନିୟମ ପ୍ରସ୍ତୁତ କରିପାରିବ। ସେହି ଦୃଷ୍ଟିକୋଣକୁ ଗୁରୁତ୍ୱାରୋପ କରି ଆମେ ଏହି ବିଲ ଆଣିଛୁ। ଆମେ କହିବୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ମାତ୍ରେ ଯେଉଁ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀଙ୍କ ବିରୋଧରେ ଅନୁସନ୍ଧାନ କରୁଥିଲେ ଏଏପି ସରକାର ସେମାନଙ୍କୁ ଟ୍ରାନ୍ସଫର କରିବା ଆରମ୍ଭ କଲେ। ସେମାନଙ୍କୁ ଧମକ ଦେଲେ। ମୁଖ୍ୟ ଶାସନ ସଚିବଙ୍କୁ ମାଡ ମାରିଲେ। ଏଏପି ରୋଗ ସୃଷ୍ଟି କରିଛି, ଏହାର ଚିକିତ୍ସା ଆମେ କରୁଛୁ। ଏହି ପ୍ରକାର ଗୁଣ୍ଡାଗର୍ଦ୍ଦି ଆଉ ଚଳିବ ନାହିଁ। ଦିଲ୍ଲୀ ହେଉଛି ଭାରତର ରାଜଧାନୀ, ଏହା ଉପରେ ସମଗ୍ର ଦେଶର ଅଧିକାର ଅଛି ବୋଲି ସେ କହିଛନ୍ତି।

# ବିଜେଡିର ଏନ୍‌ଡିଏକୁ ସମର୍ଥନ: ତେଜିଲା ରାଜନୀତି

- ରାଜ୍ୟ ଓ ଜାତୀୟ ସ୍ୱାର୍ଥ ବିଜେଡି ପାଇଁ ଗୁରୁତ୍ୱପୂର୍ଣ୍ଣ : ଅମର
- ଅନାସ୍ଥାକୁ କେଉଁ ମୁହଁରେ ସମର୍ଥନ କରିବେ : ପୂଜାରୀ
- ପଦାରେ ପଡ଼ିଲା ବିଜେଡ଼ି-ଭାଜପା ପ୍ରୀତି : ଶରତ
- କେନ୍ଦ୍ର ନିକଟରେ ବିଜେଡି ଆତ୍ମ ସମର୍ପଣ କରିଛି : ଜନାର୍ଦ୍ଦନ
- ଭାଜପା-ବିଜେଡି ଅଘୋଷିତ ମେଣ୍ଟ ଆଗରୁ ଚାଲିଛି: ନିଶିକାନ୍ତ

ଭୁବନେଶ୍ୱର, ୧।୮
(ସୁନିତ୍ ମିଶ୍ର/ ଅନିଲ ଦାସ)

ଅନେକ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଣୁଥିବା ବିଲ୍‌କୁ ବିଜେଡି ସମର୍ଥନ କରିଆସୁଥିବା ଦେଖିବାକୁ ମିଳିଥାଏ। ପୁଣିଥରେ ବିଜେଡି ଏନ୍‌ଡିଏ ପ୍ରତି ଖୋଲା ସମର୍ଥନ ଘୋଷଣାକରି ନିଜକୁ ବିଶ୍ୱସ୍ତ ସହଯୋଗୀ ଭାବେ ପ୍ରମାଣ ଦେଇଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦିଲ୍ଲୀ ଅଧ୍ୟାଦେଶକୁ ସମର୍ଥନ ଏବଂ ବିରୋଧୀଙ୍କ ଦ୍ୱାରା ଆଗତ କରାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ବିରୋଧ ନିମନ୍ତେ ବିଜେଡି ଘୋଷଣାକରି ରାଜନୈତିକ ମହଲରେ ପୁଣି ବଡ଼ ଧରଣର ଚର୍ଚ୍ଚା ଆଲୋଚନା ସୃଷ୍ଟି କରିଛି। ଅନ୍ୟପଟେ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଥିବା ଭାଜପାକୁ ସବୁବେଳେ ବିଜେଡି ଟାର୍ଗେଟ କରିଆସୁଛି। ତେବେ କେନ୍ଦ୍ରରେ ଏନ୍‌ଡିଏକୁ ବିଜେଡିର ସମର୍ଥନ ରାଜ୍ୟ ଭାଜପାକୁ ମଧ୍ୟ ଓଡ଼ିଶା ରାଜନୀତିରେ ଆଉ ପାଦେ ପଛକୁ ଠେଲି ଦେଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ କଂଗ୍ରେସ ସମେତ ଅନ୍ୟ ଦଳ ଉଭୟ ବିଜେଡି ଏବଂ ଭାଜପାକୁ ପାଲଟା ଟାର୍ଗେଟ କରୁଛନ୍ତି।

ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, ରାଜ୍ୟ ଏବଂ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ବିଜେଡି ପାର୍ଲାମେଣ୍ଟରେ ବିଭିନ୍ନ ପ୍ରସଙ୍ଗରେ ସମର୍ଥନ ଦେବା ନ ଦେବା ନେଇ ନିଷ୍ପତ୍ତି ନେଇଥାଏ। ଜାତୀୟ ସ୍ୱାର୍ଥ ଦିଗକୁ ଦେଖି କେନ୍ଦ୍ର ସରକାରଙ୍କୁ ସମର୍ଥନ ଦେବା ନେଇ ଦଳର ସଭାପତି ନିଷ୍ପତ୍ତି ନେଇଛନ୍ତି। ବିଗତ ଦିନରେ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଥିବା ବେଳେ ଉପରାଷ୍ଟ୍ରପତି ନିର୍ବାଚନରେ ସମର୍ଥନ ଦେଇ ନ ଥିଲୁ। ତେଣୁ ରାଜ୍ୟ ଓ ଜାତୀୟ ସ୍ୱାର୍ଥ ବିଜେଡି ଲାଗି ସବୁବେଳେ ଗୁରୁତ୍ୱପୂର୍ଣ୍ଣ ବୋଲି ଅମର କହିଛନ୍ତି।

ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ଆମେ ସମ୍ପୂର୍ଣ୍ଣ ଗୃହକୁ ଦିଲ୍ଲୀ ଅଧ୍ୟାଦେଶ ବିଲ୍‌କୁ ସମର୍ଥନ କରିବା ଲାଗି ନିବେଦନ କରିଥିଲୁ। ଅପରପକ୍ଷରେ ବିଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାକୁ ଯେତିକି ଅନୁଦାନ ଦେଇଛନ୍ତି ଏବଂ ସାହାଯ୍ୟ କରିଛନ୍ତି ତାହା ସମସ୍ତଙ୍କୁ ଜଣାଅଛି। ଏଭଳି ସ୍ଥିତିରେ ସେମାନେ ଅନାସ୍ଥା ପ୍ରସ୍ତାବକୁ କେଉଁ ମୁହଁରେ ସମର୍ଥନ କରିବେ ବୋଲି ସୁରେଶ କହିଛନ୍ତି।

ପ୍ରଦେଶ କଂଗ୍ରେସ ସଭାପତି (ପିସିସି) ଶରତ ପଟ୍ଟନାୟକ କହିଛନ୍ତି କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ବିରୋଧରେ ଇଣ୍ଡିଆମେଣ୍ଟ ଯେଉଁ ଅନାସ୍ଥା ପ୍ରସ୍ତାବ ଆଣିଛି ତାହାକୁ ବାଚସ୍ପତି ଗ୍ରହଣ କରିଛନ୍ତି। ତେବେ ଏହାକୁ ନେଇ ବିଜେଡି ଲୋକ ସଭା ଏମପି ପିନାକୀ ମିଶ୍ର ଏବଂ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଯେଉଁ ବିବୃତି ରଖିଛନ୍ତି ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ରକ୍ଷା କରିବା ପରିବର୍ତ୍ତେ ବିଜେଡି ଅନ୍ଧ ଭାବରେ ଭାଜପାକୁ ସମର୍ଥନ କରିଛି। ଏହି ଦୁଇ ଦଳ ମଧ୍ୟରେ ଥିବା ପ୍ରୀତି ଏବେ ପଦାରେ ପଡ଼ିଛି। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ଆମେ ବହୁ ଆଗରୁ ବାରମ୍ବାର କହି ଆସୁଛି ବିଜେଡି-ଭାଜପା ଏକ ହୋଇ ଅଛନ୍ତି। ତେବେ ବିଜେଡି ଯେଉଁ ଦୋମୁହାଁ ନୀତି ଆପଣାଉଛି ତାହା ବିରୋଧରେ ରାଜରାସ୍ତାକୁ ଓହ୍ଲାଇବା ସହ ତା'ର ଅସଲି ଚେହେରା ପଦାରେ ପକାଇବୁ ବୋଲି ସପ୍ତଗିରି କହିଛନ୍ତି।

ସେହିପରି କେନ୍ଦ୍ର ସରକାରଙ୍କ ନିକଟରେ ବିଜେଡି ଆତ୍ମ ସମର୍ପଣ କରିଛି। ଗତ ୨୨ ବର୍ଷ ଧରି ବିଜେଡି ସରକାର ବହୁ ଦୁର୍ନୀତିରେ ଲିପ୍ତ ରହିଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କାଳେ ସେମାନଙ୍କ ବିରୋଧରେ ଇଡି ଓ ସିବିଆଇ ଲଗାଇ ଜେଲ ପଠାଇ ଦେବ ସେହି ଭୟରେ ବିଜେଡି କେନ୍ଦ୍ରରେ ଭାଜପା ପରିଚାଳିତ ସରକାରଙ୍କୁ ସମର୍ଥନ ଦେଇ ଆସୁଛି। ସେହିପରି ଆମ୍ ଆଦମୀ ପାର୍ଟି(ଏଏପି) ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି, ଭାଜପା ଏବଂ ବିଜେଡିର ଅଘୋଷିତ ମେଣ୍ଟ ଲମ୍ବା ସମୟରୁ ଚାଲିଛି ବୋଲି ବହୁ ଆଗରୁ କହିଆସୁଛୁ।

# ସମ୍ବଲପୁରୀ ଦିନ୍‌ର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧।୮ (ସୁନିତ୍ ମିଶ୍ର)

**ସମ୍ବଲପୁରୀ ବସ୍ତ୍ର ପରିଧାନ କଲେ ୩ କେନ୍ଦ୍ରମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



ସମ୍ବଲପୁରୀ ଦିବସ ଅବସରରେ ପାର୍ଲାମେଣ୍ଟରେ ସମ୍ବଲପୁରୀ ବସ୍ତ୍ରର ଝଲକ ଦେଖିବାକୁ ମିଳିଛି। ସମ୍ବଲପୁରୀ ପୋଷାକ ପରିଧାନକରି ସଂସଦ କାର୍ଯ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, କେନ୍ଦ୍ରମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଖିବାକୁ ମିଳିଛି। ଏନେଇ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି। ସମ୍ବଲପୁରୀ ଦିବସ ଅବସରରେ ସେହି ଅଞ୍ଚଳର ବସ୍ତ୍ର ପରିଧାନ କରିବା ସହ ଓଡ଼ିଶାର ସଂସ୍କୃତି ପ୍ରତି ସମ୍ମାନ ଜଣାଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ଏକ ଭିଡିଓ ବାର୍ତ୍ତା ଜରିଆରେ ସମ୍ବଲପୁରୀ ଦିନର ଶୁଭେଚ୍ଛା ଜଣାଇବା ସହ ବିଶିଷ୍ଟ ସାହିତ୍ୟିକ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସମ୍ବଲପୁର୍ ଅଞ୍ଚଳର ଅନନ୍ୟ ସଂସ୍କୃତିକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି।

**ଶ୍ରୀମନ୍ଦିର ରତ୍ନଭଣ୍ଡାର ସତ୍ୟପାଠ**

# ବଢ଼ିଲା ରାଜନୈତିକ ଚର୍ଚ୍ଚା

- ରତ୍ନଭଣ୍ଡାରରେ କ'ଣ ଅଛି ତାହା ପ୍ରଥମେ ଖୋଲାଯାଉ: ଭାଜପା
- ସରକାରଙ୍କ ଉପରେ ଆହୁରି ସନ୍ଦେହ ବଢ଼ିଛି: କଂଗ୍ରେସ

ଭୁବନେଶ୍ୱର, ୧।୮ (ସୁନିତ୍ ମିଶ୍ର)

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରତ୍ନଭଣ୍ଡାରରେ କ'ଣ ଅଛି ତାକୁ ପ୍ରଥମେ ଖୋଲାଯାଉ। ଏହାସହ ତା'ର ଇନ୍‌ଭେଣ୍ଟ୍ରି ତିଆରି ହେଉ। ୧୯୭୮ ମସିହାରେ ଯେଉଁ ଇନ୍‌ଭେଣ୍ଟ୍ରି ତିଆରି ହୋଇଥିଲା ତାହା ସହ ମ୍ୟାଚ୍ କରାଯାଉ। ଏହାପରେ ସେଥିରେ କେତେ ସତ୍ୟତା ଅଛି, କେତେ ଚୋରି ହୋଇଛି, କ'ଣ ହୋଇଛି ନାହିଁ ତା'ର ସତ୍ୟତା ଲୋକଲୋଚନକୁ ଅଣାଯାଉ ଏବଂ ସବୁ କଥାର ଖୁଲାସା ହେବା ଦରକାର ବୋଲି ପୃଥ୍ୱୀରାଜ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ସେମାନେ କହୁଛନ୍ତି ରତ୍ନଭଣ୍ଡାରରେ ସବୁ ସୁରକ୍ଷିତ ଅଛି। ସୁରକ୍ଷିତ ଅଛି ବୋଲି ସରକାର କିପରି ଜାଣିଲେ। ଆଇନରେ ବ୍ୟବସ୍ଥା ଅଛି ମଝିରେ ମଝିରେ ତାହା ଖୋଲାଯିବ। ତା'ମାନେ କ'ଣ ୧୯୭୮ ମସିହାରେ କ'ଣ ଥିଲା ତା'ପରେ ଆଉ ଖୋଲାଯିବ ନାହିଁ। ସେ ରିପୋର୍ଟ କ'ଣ ଆସିଲା ତାହା ବି ଜଣାନାହିଁ। ପୁରୁଣା କଥାକୁ ଦୋହରାଇଛନ୍ତି। ସରକାରଙ୍କ ମନ୍ତବ୍ୟ ଯାହା ସନ୍ଦେହ ସୃଷ୍ଟି କରୁଥିଲା ଏବେ ଯେଉଁ କାମ କରିଛନ୍ତି ତାହା ସରକାରଙ୍କ ଉପରେ ଆହୁରି ସନ୍ଦେହ ବଢ଼ିଛି ବୋଲି ନରସିଂହ କହିଛନ୍ତି।

# ସତ୍ୟପାଠକୁ ମିଥ୍ୟା କହିବା ପୃଥ୍ୱୀରାଜଙ୍କ ହୀନ ମାନସିକତା: ବିଜେଡି

ଭୁବନେଶ୍ୱର,୧।୮ (ଅନିଲ ଦାସ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ଶ୍ରୀମନ୍ଦିର ପ୍ରଶାସନର ସତ୍ୟପାଠକୁ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ସମାଲୋଚନା କରିଛନ୍ତି। ଏହାକୁ ନେଇ ବିଜେଡି ତାଙ୍କୁ ପାଲଟା ସମାଲୋଚନା କରିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ମୁଖପାତ୍ର ଈପ୍‌ସିତା ସାହୁ କହିଛନ୍ତି ଯେ, ଜୀବନରେ ୱାର୍ଡ଼ମେମ୍ବରଟିଏ ମଧ୍ୟ ହୋଇପାରି ନଥିବା ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଟିଭିର ବୁମ୍ ଦେଖିଲେ ନିଜକୁ ସମ୍ଭାଳି ପାରନ୍ତି ନାହିଁ। କୌଣସି ବିଷୟରେ କିଛି ନ ଜାଣିଥିଲେ ବି ଯାହା ମନକୁ ଆସିଲା, ତାହା ଗପି ଚାଲନ୍ତି। ଓଡ଼ିଶାବାସୀ ତାଙ୍କର ଏଭଳି ସ୍ୱଭାବ ବିଷୟରେ ଭଲ ଭାବେ ଅବଗତ ଥିବାରୁ କେହି ତାଙ୍କ କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ।

ପୃଥ୍ୱୀରାଜ ବାବୁଙ୍କ ଭଳି ଓଡ଼ିଶା ଭାଜପାର ନେତାମାନେ ସ୍ପର୍ଶକାତର ପ୍ରସଙ୍ଗରେ ସବୁବେଳେ ନିମ୍ନମାନର ରାଜନୀତି କରିବାକୁ ଚେଷ୍ଟା ଚଳାଇ ଆସିଛନ୍ତି। ହାଇକୋର୍ଟରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଦାଖଲ କରାଯାଇଥିବା ଏ ସମ୍ପର୍କିତ ସତ୍ୟପାଠକୁ ମିଥ୍ୟା ବୋଲି କହିବା ତାଙ୍କ ହୀନ ମାନସିକତାକୁ ଦର୍ଶାଉଛି। ମହାପ୍ରଭୁଙ୍କ ନାଁରେ ମିଛ କହିବା କେବଳ ତାଙ୍କ ଭଳି ମିଥ୍ୟାବାଦୀମାନେ ହିଁ ଚିନ୍ତା କରିପାରନ୍ତି। ପୃଥ୍ୱୀରାଜ ବାବୁଙ୍କୁ ଯଦି ଶ୍ରୀମନ୍ଦିର ପ୍ରଶାସନର ସତ୍ୟପାଠ ମିଥ୍ୟାପାଠ ଭଳି ଲାଗୁଛି, ସେ ଏହା ବିରୋଧରେ ହାଇକୋର୍ଟକୁ ଯାଉନାହାନ୍ତି କାହିଁକି ବୋଲି ସେ କହିଛନ୍ତି।

# ୫୭ ସଂଯୋଜକଙ୍କୁ ନିଯୁକ୍ତ କଲା ଏଆଇସିସି

**ଅନୁସୂଚିତ ଜାତି ଓ ଜନଜାତି ବିଧାନସଭା ଆସନ ଉପରେ କଂଗ୍ରେସର ଫୋକସ୍**

ଭୁବନେଶ୍ୱର, ୧।୮ (ସୁନିତ୍ ମିଶ୍ର)

ଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ୫୭ ଅନୁସୂଚିତ ଜାତି ଓ ଜନଜାତି ବିଧାନସଭା ନିର୍ବାଚନମଣ୍ଡଳୀରେ ସଙ୍ଗଠନ ଦୃଢ ଲାଗି ଦଳ ପକ୍ଷରୁ ଯୋଜନା କରାଯାଇଛି। ଅଖିଳ ଭାରତ କଂଗ୍ରେସ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗ ବିଭାଗର ରାଷ୍ଟ୍ରୀୟ ସଂଯୋଜକ କେ. ରାଜୁଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେଶ ଲିଲୋଠିଆ ୨୪ଟି ଅନୁସୂଚିତ ଜାତି ବର୍ଗର ବିଧାନସଭା ନିର୍ବାଚନମଣ୍ଡଳୀ ଓ ଅନୁସୂଚିତ ଜନଜାତି ବର୍ଗର ୩୩ ଜନଜାତି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସଂଯୋଜକ ନିଯୁକ୍ତି କରିଛନ୍ତି। ଖଲିକୋଟ୍‌ରେ ପୂର୍ଣ୍ଣଚନ୍ଦ୍ର ସାହୁ, ଛତ୍ରପୁର ଚକ୍ରପାଣି ପଲାଇ, ରେମୁଣା ଘନଶ୍ୟାମ ବେହେରା, ସୋର ସୁବ୍ରତ ପ୍ରଧାନ, ଅତାବିରା ରମେଶ ଚନ୍ଦ୍ର ପଣ୍ଡା, ଧାମନଗର ଭାସ୍କର ପାଳକ, କୋରାପୁଟ ପୂର୍ଣ୍ଣଚନ୍ଦ୍ର ପାଙ୍ଗୀଙ୍କୁ ସଂଯୋଜକ ନିଯୁକ୍ତ କରାଯାଇଛି। ଏହିଭଳି ୨୪ଟି ଅନୁସୂଚିତ ଜାତି ବର୍ଗର ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ସଂଯୋଜକଙ୍କ ତାଲିକା ପ୍ରକାଶକ କରାଯାଇଛି। ସେହିପରି ୩୩ଟି ଜନଜାତି ବିଧାନସଭା ଆସନରେ ମଧ୍ୟ ସଂଯୋଜକ ନିଯୁକ୍ତ ହୋଇଥିବା ନେତାମାନଙ୍କ ତାଲିକା ପ୍ରକାଶ କରାଯାଇଛି। ନବନିଯୁକ୍ତ ସଂଯୋଜକମାନଙ୍କୁ ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ବିଭାଗର ସଂଯୋଜକ ବାଙ୍କନିଧି ବେହେରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସଂଯୋଜକମାନେ ତାଙ୍କର କର୍ତ୍ତବ୍ୟ ଓ କାର୍ଯ୍ୟରେ ସଫଳତା ଲାଭ କରିବେ ବୋଲି ବାଙ୍କନିଧି ଆଶା ପ୍ରକାଶ କରିଛନ୍ତି।

**CLASSIFIED DISPLAY** ALL EDITION - B/W (Everyday)
MORE SPACE • SAME PRICE
TARIFF

**ADMISSION OPEN**
**DISTANCE EDUCATION**
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526

**ପ୍ରଥମ ଜନ୍ମବାର୍ଷିକୀ ଉପଲକ୍ଷେ**



**ହର୍ଷିତା ପ୍ରଧାନ (ଚିକି)**
ମିରିକାପୁର, ବ୍ରହ୍ମଗିରି, ପୁରୀ
ତୋର ପ୍ରଥମ ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ବାବା, ମାମା, ଜେଜେମା, ଅଜା, ଆଇ, ମାମୁ, ମାଇଁ, ମାଉସୀ।
ଧ-୦୯୨୬

**ଅଷ୍ଟାଦଶ ଜନ୍ମଦିନ ଶୁଭେଚ୍ଛା**



**ସ୍ୱୀକୃତି ପଟ୍ଟନାୟକ**
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ତୋର ଅଷ୍ଟାଦଶ ଜନ୍ମଦିବସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ବାବାଙ୍କ ନିକଟରେ ପ୍ରାର୍ଥନା, ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକୀ, ଚିଣ୍ଟୁକାକୁ, ସାନକାକୀ, ବୁଲୁ ଭାଇନା, ଅପା, ଗୁଡୁ ଭାଇ, ପ୍ରେମ୍, ରାଜ୍, ଶ୍ୱେତା, ସିଦ୍ଧେଶ, ଅଜା, ଆଇ, ବନ୍ଧୁ ଓ ପରିବାରବର୍ଗ।
ଧ-୦୯୫୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
**0674-2580101, 2549949**




**BRIDE WANTED**

Handsome Brahmin Boy 1992, 5'8" B.Tech, Serving Software Engineer TCS, Bhubaneswar. (SUNASANSAR) 9937512659, 8249969649. D-74896

Barik Boy-28, Height-5'6", Doctor(Bachelor of Dentalsurgery Utkal) Own Dental Clinic, Bhubaneswar, Father Retd. from Commercial Tax Deptt Odisha, Caste No BAR. Bhubaneswar, Base Preferable. Contact: 9178062431. D-73779

**GROOM WANTED**

Wanted a suitable Odia/ Bengali groom with legal qualifications for a Bengali Khayasta, fair, beautiful, 5'5", 29 years bride having a Government job in Odisha with a legal family background. Contact: 9937744516, 8249873349, 8260241010. D-0940




**SALE**

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75018

Duplex sale at Bhubaneswar @57 Lakhs only. Contact-9777433701. D-74898

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

**PURCHASE**

Lethe Workshop ପାଇଁ 2nd hand with good working condition ଥିବା Lethe Machine, Power Press, Hydraulic Press, Plate sharing Machine ଏବଂ Lethe ସମ୍ବନ୍ଧୀୟ ଅନ୍ୟାନ୍ୟ Machinery ଆବଶ୍ୟକ। ଇଚ୍ଛୁକ ବିକ୍ରେତା ଯୋଗାଯୋଗ କରନ୍ତୁ। Mob- 9937199625, 8144662274. D-0946




**Relax, Refresh your body, mind at Saikrupa Spa with best therapies. 8984068077.** D-0921

Spa Kerala Body Massage only best Therapist @699/- Bhubaneswar. 9337672475. D-0857


Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75017

Newly opened (One8 Spa) / (Salon Service) with expert therapist, 9938843929. D-75136

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




Two furnished houses on main road side are immediately available on rent on Cuttack Road, Bhubaneswar, opposite side of Falcon House adjacent to Indian oil Petrol Tank and Yamaha Motors, 1. Single Room with Toilet and Kitchen on third floor rent Rs. 10000. 2.One Big Hall 2nd Floor of 1200sqft. for office purpose. Rent Expected Rs.32000. Contact- 9438081042, 8249062839. D-0952

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By the virtue of an affidavit before the Executive Magistrate, Bhubaneswar-1 I Sri Srujit Kumar Mohapatra do hereby declare that my Daughter name & Date of Birth is wrongly mentioned at School record. I want to correct my Daughter's name Swayanshree Mohapatra and Date of Birth 13.10.2008 instead of Swanshree Mohapatra and Date of Birth 13.08.2008 for all future purposes. D-0953

I, Saudamini Jena, W/o- Prakash Kumar Jena, resident of Plot No- 454, Jail Road, Jharapada, PS- Laxmisagar, Bhubaneswar, Dist- Khordha, Pin- 751006, Odisha declare by this affidavit No-15198 dtd-28.07.2023 and INDIA NON JUDICIAL (ODISHA) stamp paper serial No- 61AA 185908 that now onwards I shall be known as *SOUDAMINI JENA* for all future purposes. D-0951

## ଚିନାବାଦାମ ଜମିରୁ ଜଳ ନିଷ୍କାସନ

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । କାରଣ ଏହି ଜମିରେ ପାଣି ଜମିରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାଡୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ



ମାଙ୍କୋଜେବ୍ ୭୫% ଡବ୍ଲ୍ୟୁପି (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁପି (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ୮% ଡବ୍ଲ୍ୟୁପି X ମାଙ୍କୋଜେବ୍‌କୁ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ ।

## ପନିପରିବା ଚାଷ ପାଇଁ...



ଉଚ୍ଚ ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ, ଭେଣ୍ଡି ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକିଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ଘାସ ବାଛି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର ଅକ୍ସିକ୍ଲୋରାଇଡ୍ (୧ ଲିଟ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତ କରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।

## ଆଖୁ: ରୋଗପୋକ ନିୟନ୍ତ୍ରଣ

ଆଖୁଚାଷରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍ସାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% X ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।



# ଡାଲିଜାତୀୟ ଫସଲରେ ଘାସ ଦମନ

ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲ୍ୟୁପି X କାର୍ବେଣ୍ଡାଜିମ୍ ୧୨% ଡବ୍ଲ୍ୟୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା.. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧



ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ

**ଏ ମାସର କୃଷି ସୂଚନା**

ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

**ଧାନ :** ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗ କରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଡିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁପି (୧ ଗ୍ରାମ୍/ ୧ ଲିଟର ପାଣିରେ) ବା କାସୁଗାମାଇସିନ୍ ୩% ଏସ୍.ଏଲ୍. (୨.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ବିଷଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।

**ମାଣ୍ଡିଆ :** ରୁଆହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷା ଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣାଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ନଳିତା :** ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡସଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ + ମାନ୍‌କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ାକରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**କପା :** କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପା ଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ସାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।

କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ଫଳଚାଷ ସମ୍ପର୍କରେ...

ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା



କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ଯାଆଁଳ ଛାଡ଼ିବା ସମୟରେ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ। ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ୩ ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ୪ ପ୍ରଜାତିର ମାଛ ଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ

ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗୋରୁ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ସମ୍ଭାବନା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ହାଇବ୍ରିଡ୍ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ।



## ଅଳ୍ପରେ...

- ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ।
- ବର୍ଷାଦିନେ କୁକୁଡ଼ାମାନଙ୍କୁ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ାଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ାଘର ଭିତରକୁ ବର୍ଷାପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତଗୁଣ୍ଡ ପକାନ୍ତୁ।
- ସଙ୍କର କିସମ ମକା ଫସଲ ୬-୭ ସପ୍ତାହ ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ ।
- ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ସହିତ ୪୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।



# ଧାନଚାଷ : କିଛି କଥା

(ଶେଷ ଭାଗ)

ସେହିପରି ପଟାସ ସାରକୁ ଅଧାକରି ୧ ଭାଗ ମୂଳସାର ଭାବେ ଓ ଦ୍ୱିତୀୟ ଭାଗ ଶୀର୍ଷ ସାର ଭାବେ ଦିଆଯାଏ। ଏହାଦ୍ୱାରା ଗଛର ରୋଗ ପୋକ ପ୍ରତିରୋଧକ ଶକ୍ତି ବୃଦ୍ଧିପାଇ ଭଲ କେଣ୍ଡାରୁ ହୃଷ୍ଟପୁଷ୍ଟ ଦାନା ଅଧିକ ମିଳିଥାଏ। ଦାନାର ଓଜନ ବୃଦ୍ଧି ପାଇବାରୁ ଅମଳ ଅଧିକ ଓ ଫସଲର ଆଂଶିକ ଜଳକ୍ଲିଷ୍ଟ ଅବସ୍ଥା ସହିବାର ଶକ୍ତି ବଢ଼ାଇଥାଏ। ଜଳକ୍ଲିଷ୍ଟ ଅବସ୍ଥାରେ ୦.୫-୧ ପ୍ରତିଶତ ପଟାସ ସାର ଦ୍ରବଣ ଧାନ ଗର୍ଭ ସଞ୍ଚାର ଅବସ୍ଥାରେ ସିଞ୍ଚନ କଲେ ଅମଳ ବଢ଼ିଥାଏ। ସାର ପ୍ରୟୋଗ ବେଳେ ଠିଆପାଣି ନ ଥାଇ ଜମିରେ ବତର ଥିବା ଦରକାର। ବୃଷ୍ଟିପୁଷ୍ଟି ଅଞ୍ଚଳରେ ବର୍ଷାର ଆଗମନକୁ ନେଇ ସାର ଦିଆଯାଏ। ସାର ପ୍ରୟୋଗର ୨ ଦିନ ପୂର୍ବରୁ ପାଣିକାଟି ସାର ପ୍ରୟୋଗକରି ସାର ପ୍ରୟୋଗର ୨ ଦିନ ପରେ ପାଣି ଦିଆଯାଏ। ଗଛ ଉଠିବା ବା ରୁଆର ୧ ମାସ ମଧ୍ୟରେ ଘାସଲଟା ନିୟନ୍ତ୍ରଣ ଜରୁରୀ। ନଚେତ୍ ଅମଳ ୫୦-୭୦ ପ୍ରତିଶତ କମିଯାଏ। ଧାନ ବୁଣାର ୨୦ଦିନ ବେଳକୁ ହାତରେ ଘାସ ବାଛି ଦେଲେ ଭଲ। ଖରୁଡ଼ି ବୁଣା ବା ରୋଇବାର ୨-୩ଦିନ ମଧ୍ୟରେ ଓଦା ଜମିରେ ତୃଣନାଶକ ପକାଇ ଘାସଲଟା ନିୟନ୍ତ୍ରଣ କରାଯାଏ। ଆବଶ୍ୟକସ୍ଥଳେ ତୃଣନାଶକକୁ ଏକର ପ୍ରତି ୨୦ କି.ଗ୍ରା. ଶୁଖିଲା ବାଲି ବା ଝୁରା ଖତ/ ଜିଆ ଖତ ସହ ମିଶାଇ ହାଲୁକା ପାଣି ଥିବା ଜମିରେ ବିଞ୍ଛିଦିଆଯାଏ। ଧାନ



ରୁଆର ୩-୫ଦିନ ମଧ୍ୟରେ ଏକର ପ୍ରତି ୧୦୦୦ ମି.ଲି. ବୁଟାକ୍ଲୋର ୫୦% ଇ.ସି. ବା ୩୦ ଗ୍ରାମ ଅକାଡାୟାରଜିଲ୍ ୮୦ % ଡବ୍ଲ୍ୟୁବି କିମ୍ବା ୫୦୦ ମି.ଲି. ପ୍ରିଟିଲାକ୍ଲୋର୍ ୫୦% ଇ.ସି. ତୃଣନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ନଚେତ୍ ତୃଣନାଶକ/ଘାସମରା ବିଷକୁ ୨୦ କି.ଗ୍ରା. ଶୁଖିଲା ବାଲି ବା ଝୁରାଖତରେ ମିଶାଇ ଅଳ୍ପ ଠିଆପାଣି ରଖି ଜମିରେ ବୁଣି ଦିଆଯାଏ। ମାତ୍ର ବୁଣାଧାନ କ୍ଷେତ୍ରରେ ବୁଟାକ୍ଲୋର୍ ୫୦ % ଇ.ସି.ର ୮୦୦ ମି.ଲି. ବା ପ୍ରିଟିଲାକ୍ଲୋର ୫୦ % ଇ.ସି.ର ୪୦୦ ମି.ଲି. ଏକର ପ୍ରତି ବୁଣିବାର ୨-୩ଦିନ ମଧ୍ୟରେ ପ୍ରୟୋଗ କରାଯାଏ। ଧାନ ବେଉଷଣର ୧୦ଦିନ ପରେ ଘାସ ବାଛିଦେଇ ଖେଲୁଆ କରି ଦିଆଯାଏ।

**ଜଳ ପରିଚାଳନା**

ଜଳ ପରିଚାଳନା ଏକ ଜରୁରୀ ବିଷୟ। ଏହାଦ୍ୱାରା କମ୍ ଜଳ ଦରକାର ପଡ଼ିଥାଏ। ଘାସ ନିୟନ୍ତ୍ରିତ ହୋଇଥାଏ। ପିଲ ସଂଖ୍ୟା ବଢ଼ିଥାଏ। ରାସାୟନିକ ସାର ଅଧିକ କାମରେ ଆସିଥାଏ। ପିଲ ଦେବା, ଗର୍ଭ ଧାରଣ, ଫୁଲ ଉଡ଼ାଇବା ଓ କ୍ଷୀର ଢୋକିବା ଧାନର ସଙ୍କଟକାଳୀନ ଅବସ୍ଥା ଯେତେବେଳେ ପାଣି ନିହାତି ଦରକାର। ଧାନ ରୁଆ ସମୟରେ ଅଧ ଇଞ୍ଚ, ରୁଆର ୫ ଦିନଠାରୁ ପିଲ ଦେଉଥିବା ପର୍ଯ୍ୟନ୍ତ ୧-୨ ଇଞ୍ଚ ଓ ଫୁଲ ଉଡ଼ାଇବା ସମୟରେ ଠିଆ ପାଣି ବାନ୍ଧି ରଖି ଧାନ ଅମଳର ୨ ସପ୍ତାହ ପୂର୍ବରୁ ବା ଅଗ ପାଚିଲା ଅବସ୍ଥାରେ ପାଣି କାଟି ଦିଆଯାଏ। ସୁବିଧା ଥିଲେ ଗର୍ଭ ସଞ୍ଚାର ବା ଗଣ୍ଠି ଛାଡ଼ିବା ସମୟରେ ସାମୟିକ ଭାବେ ପାଣି କାଟିଦିଆଯାଏ ।ଜଳ ପରିଚାଳନା କରିବା ଦ୍ୱାରା ଧାନ ଫସଲ ସମାନ ଭାବେ ପାଚିବା ସହ ଅମଳ ସୁବିଧାରେ କରାଯାଇଥାଏ। ଦେଖାଯାଇଛି, 'ଶ୍ରୀ' ପ୍ରଣାଳୀ ପରି ଘାସ ନିୟନ୍ତ୍ରଣ କରି ପାଣି ବଦଳରେ ମାଟିକୁ ବତର ରଖିଲେ ଚାଷ ମଧ୍ୟ ଭଲ ଭାବେ ହୋଇ ଅମଳଜନିତ ହ୍ରାସ ଘଟି ନ ଥାଏ।

-ଡ. ପରେଶ କୁମାର ପଣ୍ଡା
ମୋ : ୯୪୩୭୧୧୨୭୦୪

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨/୨୦୨୩ Bhubaneswar, Wednesday, August 2/ 2023


## ଶୁଟିଂରେ ଭାରତକୁ ଆଉ ୪ ପଦକ



ପଦକ ହାସଲ ଖୁସିରେ ଉଲ୍ଲସିତ ଭାରତର ସିଫ୍ଟ କୌର ଶର୍ମା ଓ ଆଶି ଚୌକସେ।

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଚେଙ୍ଗଡୁ, ୧।୮**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଶୁଟିଂ ଇଭେଣ୍ଟରେ ଭାରତୀୟ ଶୁଟରଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ମଙ୍ଗଳବାର ଏହି ଇଭେଣ୍ଟରୁ ଭାରତ ଆଉ ୪ ପଦକ ହାସଲ କରିଛି। ଫଳରେ ମୋଟ ୨୧ (୧୧ ସ୍ୱର୍ଣ୍ଣ, ୪ ରୌପ୍ୟ, ୬ ବ୍ରୋଞ୍ଜ) ପଦକ ସହ ଭାରତ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାର ୪ର୍ଥ ଦିବସରେ ଭାରତ ୧୦ ମିଟର ଏୟାର ପିସ୍ତଲ ପୁରୁଷ ଟିମ୍ ଇଭେଣ୍ଟରୁ ପ୍ରଥମ ପଦକ ହାସଲ କରିଥିଲା। ବରୁଣ ତୋମାର, ଅର୍ଜୁନ ସିଂ ଚିମା ଓ ଅନମୋଲ ଜୈନଙ୍କୁ ନେଇ ଗଠିତ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥିରୁ କୋରିଆ ସ୍ୱର୍ଣ୍ଣ ଓ ଚାଇନା ରୌପ୍ୟ ପଦକ ପାଇଥିଲା। ୫୦ ମିଟର ରାଇଫଲ ଥ୍ରୀ ପୋଜିଶନ୍ସ ମହିଳା ଇଭେଣ୍ଟରେ ଭାରତୀୟ ବିଶ୍ୱବିଦ୍ୟାଳୟ ଶୁଟରମାନେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଏଥିରେ ଭାରତର ସିଫ୍ଟ କୌର ଶର୍ମା ସ୍ୱର୍ଣ୍ଣ, ଆଶି ଚୌକସେ ରୌପ୍ୟ ଓ ଚାଇନାର ଜେରୁ ୱାଙ୍ଗ୍ ବ୍ରୋଞ୍ଜ ପଦକ ପାଇଥିଲେ। ଭାରତୀୟ ମହିଳାମାନେ ଆଧିପତ୍ୟ ବିସ୍ତାର କରି ୫୦ ମିଟର ରାଇଫଲ ଥ୍ରୀ ପୋଜିଶନ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତ ପକ୍ଷରୁ ମନିଶ କୌଶିକ, ଆଶି ଚୌକସେ ଓ ସିଫ୍ଟ କୌର ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଦଳ ଫାଇନାଲରେ ଚାଇନାକୁ ପରାସ୍ତ କରିଥିଲା। ଚେକ୍ ରିପବ୍ଲିକ୍ ବ୍ରୋଞ୍ଜ ପଦକ ପାଇଥିଲା।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଆଥ୍ଲେଟିକ୍ସ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଶଟ୍‌ପୁଟ୍‌ରେ ଶିକ୍ଷା ୧୪.୪ ମିଟର ଥ୍ରୋ କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମାତ୍ର ଫେଭରାଇଟ ନିଧି ପାୱାୟା ବିଫଳ ହୋଇଛନ୍ତି। ମହିଳା ଲଙ୍ଗ୍‌ଜମ୍ପରେ ଭାରତର ଭବାନୀ ଯାଦବ ଭଗବତୀ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ୪୦୦ ମିଟର ହର୍ଡଲ୍ସରେ ଦିବ୍ୟା ଜୟରାମ ସେମିଫାଇନାଲରେ ଏବଂ ମହିଳା ୧୦୦ ମିଟର ହିଟ୍ସରେ ଅବନ୍ତିକା ସନ୍ତୋଷ ନରାଲେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ମିକ୍ସଡ ଟିମ୍ ଗ୍ରୁପ୍ 'ସି'ରେ ଭାରତ ୫-୦ରେ ସୁଇଜରଲାଣ୍ଡକୁ ପରାସ୍ତ କରିଛି। ମିକ୍ସଡ ଟିମ୍ କ୍ୱାର୍ଟର ଫାଇନାଲ ମ୍ୟାଚ-୨ରେ ଭାରତ ୩-୦ରେ ବ୍ରାଜିଲକୁ ହରାଇଛି। ଦୀପ୍ ରୋହିତ ରାମ୍ପିୟାଙ୍କୁ ସାଥିକରି ଓଡ଼ିଶାର ରତପର୍ଣ୍ଣା ପଣ୍ଡା ଉଭୟ ସୁଇଜରଲାଣ୍ଡ ଓ ବ୍ରାଜିଲ ବିପକ୍ଷରେ ବିଜୟୀ ହୋଇଥିଲେ। ସୁଇଜରଲାଣ୍ଡ ବିପକ୍ଷ ମହିଳା ଡବଲ୍ସରେ ତାଙ୍କର ପାର୍ଟନର ଥିଲେ ଭଉଣୀ ଶ୍ୱେତପର୍ଣ୍ଣା ପଣ୍ଡା। ପଦକ ବିଜୟୀ ଶୁଟରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## କିଶନ, ଗିଲ୍‌ଙ୍କ ଶତକୀୟ ଭାଗୀଦାରି

**ତ୍ରିନିଦାଦ, ୧।୮**

ତ୍ରିନିଦାଦର ବ୍ରାଏନ୍ ଲାରା ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚରେ ଶତକୀୟ ଭାଗୀଦାରି କରିଛନ୍ତି ଇଶାନ କିଶନ ଓ ଶୁବମାନ ଗିଲ୍। ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ପ୍ରଥମ ଉଇକେଟରେ ୧୪୩ ରନ୍ ଯୋଡିଥିଲେ ଇଶାନ୍ କିଶନ ଓ ଶୁବମାନ ଗିଲ୍। ଖବର ପ୍ରସ୍ତୁତ ସୁଦ୍ଧା ଭାରତ ୩୨ ଓଭରରେ ୩ ଉଇକେଟ ହରାଇ ୨୨୪ ରନ୍ ସଂଗ୍ରହ କରିଛି। ଦ୍ୱିତୀୟ ମ୍ୟାଚ୍ ପରି ଭାରତ ପୁଣି ଥରେ ପରୀକ୍ଷା ନୀରିକ୍ଷା ଜାରି ରଖି ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବିଶ୍ରାମ ଦେଇଥିଲା। ଏହି ମ୍ୟାଚରେ ଅକ୍ଷର ପଟେଲ୍ ଓ ଉମ୍ରାନ୍ ମଲିକଙ୍କ ସ୍ଥାନରେ ଋତୁରାଜ ଗାଏକ୍ୱାଡ ଓ ଜୟଦେବ ଉନାଡକଟଙ୍କୁ ସାମିଲ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ଏକ ଦୃଢ ଆରମ୍ଭ ପ୍ରଦାନ କରିଥିଲେ କିଶନ ଓ ଗିଲ୍। କିଶନ୍ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିବା ସହିତ ସିରିଜ୍‌ରେ କ୍ରମାଗତ ତୃତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ୬୪ ବଲ ଖେଳି ସେ ୭୭ ରନ୍ ସ୍କୋର କରିଥିଲେ। କିଶନଙ୍କ ଇନିଂସରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ପ୍ରଥମ ଉଇକେଟରେ ୧୪୩ ରନ୍ ଯୋଡିବା ପରେ ବଡ ଶଟ୍ ଖେଳିବାକୁ ଯାଇ ୟାନିକ୍ କାରିଆଙ୍କ ବଲ୍‌ରେ ଷ୍ଟମ୍ପ ଆଉଟ ହୋଇଥିଲେ। ଉଭୟ ଖେଳାଳି ଓଭର ପିଛା ୭ରୁ ଅଧିକ ହାରରେ ରନ୍ ସଂଗ୍ରହ କରିଥିଲେ। ସିରିଜ୍‌ରେ ପ୍ରଥମ ଥର ସୁଯୋଗ ପାଇଥିବା ଋତୁରାଜ ଗାଏକ୍ୱାଡ ମାତ୍ର ୮ ରନ୍ କରି ଆଲଜାରି ଯୋଶେଫ୍‌ଙ୍କ ଶିକାର ହୋଇଥିଲେ। ପରେ ସଞ୍ଜୁ ସାମସନ୍ କ୍ରିଜ୍‌ରେ ଯୋଗ ଦେବା ସହିତ ଗିଲ୍‌ଙ୍କ ସହିତ ୬୯ ରନ୍ ଯୋଡିଛନ୍ତି। ଗିଲ୍ ୭୨ ବଲ୍ ଖେଳି ୧୧ ଚୌକା ସହିତ ୭୬ ରନରେ ବ୍ୟାଟିଂ କରୁଛନ୍ତି। ଅନ୍ୟ ପକ୍ଷରେ ସାମସନ୍ ୪୧ ବଲ୍ ଖେଳି ୫୧ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ରହିଛି। ୧୩ ତମ ଦିନିକିଆ ମ୍ୟାଚ୍ ଖେଳୁଥିବା ସାମସନଙ୍କର ଏହ ତୃତୀୟ ଅର୍ଦ୍ଧଶତକ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଆଲଜାରି ଯୋଶେଫ୍, ୟାନିକ୍ କାରିଆ ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ୩୨ ଓଭରରେ ୨୨୪/୩( ଶୁବମାନ ଗିଲ୍-୭୬*, ଇଶାନ୍ କିଶନ-୭୭, ସଞ୍ଜୁ ସାମସନ୍-୫୧, ରୋମାରିଓ ଶେଫର୍ଡ-୧/୩୬, ଆଲଜାରି ଯୋଶେଫ୍-୧/୩୮, ୟାନିକ୍ କାରିଆ-୧/୪୩)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶୁବମନ ଗିଲ୍।

## ପ୍ରଣୟ, ଲକ୍ଷ୍ୟଙ୍କ ଉନ୍ନତି

**ନୂଆଦିଲ୍ଲୀ, ୧।୮ (ପି.ଟି.):** ଜାପାନ ଓପନ ସୁପର ୭୫୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ ପରେ ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ର୍‌ୟାଙ୍କିଙ୍ଗରେ ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ୍ ଯଥାକ୍ରମେ ନବମ ଓ ଏକାଦଶ ସ୍ଥାନ ଅଧିକାର କରିଛନ୍ତି। ଗତ ସପ୍ତାହରେ ଟୋକିଓରେ ଉଭୟେ ଯଥାକ୍ରମେ ଡେନମାର୍କର ଭିକ୍ଟର ଏକ୍ସେଲସେନ୍ ଓ ଇଣ୍ଡୋନେସିଆର ଜୋନାଥନ ଖ୍ରୀଷ୍ଟିଙ୍କଠାରୁ ୩ ଗେମ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ପରାଜିତ ହୋଇଥିଲେ।

## ଦେଓଧର ଟ୍ରଫି: ପରାଗଙ୍କ ଶତକରେ ଫାଇନାଲରେ ପୂର୍ବାଞ୍ଚଳ

**ପୁଡୁଚେରୀ, ୧।୮ (ପି.ଟି.)**

ରିୟାନ୍ ପରାଗଙ୍କ ଶତକ ଓ ମଣିଶଙ୍କର ମୁରା ସିଂଙ୍କ ୫ ଉଇକେଟ ସଫଳତା ବଳରେ ପଶ୍ଚିମାଞ୍ଚଳକୁ ୧୫୭ ରନ୍‌ରେ ପରାସ୍ତ କରି ଦେଓଧର ଟ୍ରଫିର ଫାଇନାଲରେ ପ୍ରବେଶ କରିଛି ପୂର୍ବାଞ୍ଚଳ। ପ୍ରଥମେ ବ୍ୟାଟିଂ କରି ରିୟାନ ପରାଗଙ୍କ ଶତକ, ଉତ୍କର୍ଷ ସିଂ ଓ କୁମାର କୁଶାଗ୍ରଙ୍କ ଅର୍ଦ୍ଧଶତକ ବଳରେ ପୂର୍ବାଞ୍ଚଳ ୫୦ ଓଭରରେ ୭ ଉଇକେଟ ହରାଇ ୩୧୯ ରନ୍ କରିଥିଲା। ଜବାବରେ ପଶ୍ଚିମାଞ୍ଚଳ ମାତ୍ର ୧୬୨ ରନ୍‌ରେ ଅଲଆଉଟ ହୋଇଥିଲା। ମଣିଶଙ୍କର ମୁରା ସିଂ ୫ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ପକ୍ଷରୁ ଅଭିମନ୍ୟୁ ଈଶ୍ୱରନ୍(୩୮) ଓ ଉତ୍କର୍ଷ ସିଂ (୫୦) ଓପନିଙ୍ଗ ଯୋଡିରେ ୫୮ ରନ୍ ଯୋଡିଥିଲେ। ଅର୍ଜନ ନାଗ୍ୱସ୍ୱଲାଙ୍କ ବଲରେ ଈଶ୍ୱରନ୍ ଆଉଟହେବା ପରେ ବିରାଟ ସିଂ (୪୨)ଙ୍କୁ ସାଥୀ କରି ଦଳୀୟ ସ୍କୋର ୧୨୩ରେ ପହଞ୍ଚାଇଥିଲେ ଉତ୍କର୍ଷ। ୫୨ ବଲ୍ ଖେଳି ୭ ଚୌକା ଓ ୧ ଛକା ସହିତ ୫୦ ରନ୍ କରି ସେ ପ୍ୟାଭିଲିୟନ ଫେରିଥିଲେ। ପରବର୍ତ୍ତୀ ୨୦ ରନ୍ ମଧ୍ୟରେ ବିରାଟ ଓ ରିଷଭ ଦାସ ୬ ରନ୍ କରି ଆଉଟ ହୋଇଥିଲେ। ଅଧିନାୟକ ସୌରଭ ତିୱାରୀ ମାତ୍ର ୧୩ ରନ୍ କରି ପଞ୍ଚମ ଖେଳାଳି ଭାବରେ ଆଉଟ ହୋଇଥିଲେ। ତେବେ ରିୟାନ ପରାଗ ଆଉ ଏକ ଦ୍ରୁତ ଶତକ ହାସଲ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ଶତକ ହାସଲ କରିଥିବା ରିୟାନ ଷଷ୍ଠ ଉଇକେଟରେ କୁମାର କୁଶାଗ୍ର(୫୩)ଙ୍କ ସହିତ ୧୫୦ ରନ୍ ଯୋଡିଥିଲେ। କୁଶାଗ୍ର ୪୭ ବଲ୍ ଖେଳି ୪ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ପରାଗ ୬୮ ବଲ୍ ଖେଳି ୬ ଚୌକା ଓ ୫ ଛକା ମାରିଥିଲେ। ପଶ୍ଚିମାଞ୍ଚଳ ପକ୍ଷରୁ ସାମ୍ସ ମୁଲାନୀ ୩ ଉଇକେଟ ନେଇଥିବା ବେଳେ ଅତୀତ ସେଠ୍ ଓ ଅର୍ଜନ ନାଗ୍ୱସ୍ୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ରିୟାନ ପରାଗ

୩୨୦ ରନ୍‌ର ପିଛା କରୁଥିବା ପଶ୍ଚିମାଞ୍ଚଳ ପକ୍ଷରୁ ହାର୍ଭିକ ଦେଶାଇ ୯୨ ରନ୍ କରିଥିବା ବେଳେ ୭ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦଳ ୩୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଦେଶାଇ ୯୨ ବଲ ଖେଳି ୧୩ ଚୌକା ଓ ୨ ଛକା ମାରିଥିଲେ। ମଣିଶଙ୍କର ମୁରା ସିଂ ୫ ଉଇକେଟ ନେଇଥିବା ବେଳେ ଉତ୍କର୍ଷ ସିଂ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ଦୀପ୍ ଓ ଶାହବାଜ ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପୂର୍ବାଞ୍ଚଳ ୫୦ ଓଭରରେ ୩୧୯/୭( ରିୟାନ୍ ପରାଗ-୧୦୨, କୁମାର କୁଶାଗ୍ର-୫୩, ଉତ୍କର୍ଷ ସିଂ-୫୦, ସାମ୍ସ ମୁଲାନୀ-୩/୪୫, ଅତୀତ ସେଠ୍-୧/୫୯, ଅର୍ଜନ ନାଗ୍ୱସ୍ୱଲା-୧/୬୮)। ପଶ୍ଚିମାଞ୍ଚଳ ୩୪ ଓଭରରେ ୧୬୨/୧୦(ହାର୍ଭିକ୍ ଦେଶାଇ-୯୨, ଅତୀତ ସେଠ୍-୧୮, ସମର୍ଥ ବ୍ୟାସ-୧୨, ମଣିଶଙ୍କର ମୁରା ସିଂ-୫/୨୮, ଉତ୍କର୍ଷ ସିଂ-୩/୧୬, ଶାହବାଜ ଅହମଦ-୧/୨୪)।






## ପାକିସ୍ତାନ ହକି ଦଳ ପହଞ୍ଚିଲା

**ଚେନ୍ନାଇ, ୧।୮ (ପି.ଟି.)**

ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଲାଗି ପାକିସ୍ତାନ ହକି ଦଳ ସଡ଼କ ପଥ ଦେଇ ଅଟାରି-ୱାଘା ସୀମା ଦେଇ ଭାରତରେ ପ୍ରବେଶ କରିଛି। ଦଳ ଅମୃତସରରେ ପହଞ୍ଚିବା ପରେ ସେଠାରୁ ବିମାନ ଯୋଗେ ଚେନ୍ନାଇ ଗସ୍ତ କରିବ। ଅନ୍ୟପକ୍ଷରେ ହରମନପ୍ରୀତ ସିଂଙ୍କ ନେତୃତ୍ୱରେ ଭାରତୀୟ ଦଳ ଚେନ୍ନାଇରେ ମଙ୍ଗଳବାର ସକାଳେ ପହଞ୍ଚିଛି। ଭାରତୀୟ ଦଳ ଟୁର୍ନାମେଣ୍ଟର ଭେନ୍ୟୁ ଇଗ୍‌ମୋରସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ବୁଧବାର ଟ୍ରେନିଂ ନେବ। ଦଳ ଗୁରୁବାର ଏହାର ପ୍ରଥମ ମ୍ୟାଚ ଚାଇନା ବିପକ୍ଷରେ ଖେଳିବ। ପାକିସ୍ତାନ ମଧ୍ୟ ସେହିଦିନ ଟ୍ରେନିଂ ନେବ। ଏସିଆନ ହକି ଚାମ୍ପିୟନ୍ସ ଟ୍ରଫି ପ୍ରଥମେ ୨୦୧୦ରେ ମହିଳା ଦଳଗୁଡିକୁ ନେଇ ହୋଇଥିଲା। ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ସଫଳତାର ସହ ଶେଷ ହେବା ପରେ ୨୦୧୧ରେ ମହା ଦେଶର ଶ୍ରେଷ୍ଠ ୬ଟି ଦଳକୁ ନେଇ ପୁରୁଷ ପ୍ରତିଯୋଗିତା ହୋଇଥିଲା। ୨୦୧୩ ପର୍ଯ୍ୟନ୍ତ ଏହା ଏକ ବାର୍ଷିକ ଟୁର୍ନାମେଣ୍ଟ ରହି ଆସିଥିଲା। ୨୦୧୬ ପରଠାରୁ କିନ୍ତୁ ଏହି ଟୁର୍ନାମେଣ୍ଟ ପ୍ରତି ଦୁଇ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହୋଇ ଆସୁଛି। କୋଭିଡ୍ ଯୋଗୁ ୨୦୨୦ ସଂସ୍କରଣ ୨୦୨୧କୁ ଘୁଞ୍ଚାଇ ଦିଆଯାଇଥିଲା। ଭାରତ ଓ ପାକିସ୍ତାନ ଏହି ଟୁର୍ନାମେଣ୍ଟ ୩ଥର ଲେଖାଏଁ ଜିତିଛନ୍ତି। ୨୦୧୮ରେ ଉଭୟ ଦଳ ଯୁଗ୍ମ ଚାମ୍ପିୟନ ହୋଇଥିଲେ। ୨୦୨୧ ଗତ ସଂସ୍କରଣରେ ଦକ୍ଷିଣ କୋରିଆ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଜାପାନକୁ ପରାସ୍ତ କରିଥିଲା।

## ଭାରତୀୟ ଦଳରେ ବାପି ହାଁସଦା

**ନୂଆଦିଲ୍ଲୀ, ୧।୮ (ପି.ଟି.)**

ତ୍ରିନିଦାଦ ଆଣ୍ଡ ଟବାଗୋରେ ଚଳିତ ମାସ ୪ରୁ ୧୧ ପର୍ଯ୍ୟନ୍ତ ହେବାକୁଥିବା ରାଜ୍ୟଗୋଷ୍ଠୀ ୟୁଥ୍ ଗେମ୍ସରେ ଭାରତର ୮ ଜଣିଆ ଦଳ ଅଂଶଗ୍ରହଣ କରିବ। ଏଥିରେ ଓଡ଼ିଶାର ବାପି ହାଁସଦା ସାମିଲ ଅଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭାରତୀୟ ଆଥଲେଟିକ୍ସ ଦଳରେ ଅଭୟ ସିଂ (୨୦୦ ମି.), ନଭପ୍ରୀତ ସିଂ (୪୦୦ ମି.), ବାପି ହାଁସଦା (୪୦୦ ମି. ହର୍ଡଲ୍ସ), ଅର୍ଜୁନ (ଜାଭେଲିନ), ଆଶା କିରଣ ବାର୍ଲା (୮୦୦ ମି.), ଶିରେନ ଆଲୁୱାଲିଆ (ରିଲେ) ଓ ଅନୁପ୍ରୀୟା ଶଶି (ଶଟ୍‌ପୁଟ୍) ସ୍ଥାନ ପାଇଛନ୍ତି। ରାଜ୍ୟଗୋଷ୍ଠୀ ୟୁଥ୍ ଗେମ୍ସ ପ୍ରକୃତରେ ୨୦୨୧ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କୋଭିଡ-୧୯ ମହାମାରୀ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ପରେ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ସମସ୍ୟା ଦେଖା ଦେଇଥିଲା।


## ସର୍ବସାଧାରଣ ସୂଚନା

### ବଜାରରେ କାବେରୀ ମେହେନ୍ଦିର ନକଲି କୋନ୍‌ର ଖୋଲାଖୋଲି ବିକ୍ରି, କମ୍ପାନୀ ତରଫରୁ ବଡ଼ ସ୍ପଷ୍ଟୀକରଣ

ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଭଳି ଅନେକ ରାଜ୍ୟରେ **କାବେରୀ ମେହେନ୍ଦି କୋନ୍**‌ର ଅସଲି (ମୂଳ) ଭଳି ଦେଖାଯାଉଥିବା ଡବାରେ କିଛି ନକଲି କୋନ୍ ବଜାରରେ ବିକ୍ରି ହେଉଥିବାର ଦୃଷ୍ଟିଗୋଚର ହୋଇଛି ।

ସମଗ୍ର ଭାରତରେ ପ୍ରସିଦ୍ଧ **ଭେଲନିକ୍ ଇଣ୍ଡିଆ ଲିମିଟେଡ୍** ଦ୍ୱାରା **କାବେରୀ ମେହେନ୍ଦି କୋନ୍** ତିଆରି କରାଯାଏ ଏବଂ ଭାରତର ବିଭିନ୍ନ ରାଜ୍ୟରେ ନିଜର ଅଧିକୃତ କମ୍ପାନୀର ଅଧିକାରୀ ଏବଂ ଅଧିକୃତ ଚ୍ୟାନେଲ୍ ପାର୍ଟନରଙ୍କ ମାଧ୍ୟମରେ ବିକ୍ରି କରାଯାଇଥାଏ । କିନ୍ତୁ କିଛି ଦିନ ତଳେ ସୂଚନା ମିଳିଥିଲା ଯେ, କେତେକ ଜାଗାରେ **କାବେରୀ ମେହେନ୍ଦି କୋନ୍**‌ର ଅସଲି (ମୂଳ) ଭଳି ଦେଖାଯାଉଥିବା ଡବାରେ କିଛି ନକଲି କୋନ୍ ବଜାରରେ ବିକ୍ରି କରାଯାଉଛି । ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଭଳି ଅନେକ ରାଜ୍ୟରେ କିଛି ଲୋକ ଅବିକଳ **କାବେରୀ ମେହେନ୍ଦି କୋନ୍** ଡିଜାଇନ୍ ଓ ନାମ ଭଳି ଦେଖାଯାଉଥିବା ନକଲି କୋନ୍‌କୁ ଅସଲି **କାବେରୀ ମେହେନ୍ଦି କୋନ୍** ଡବାରେ ପୂରାଇ ବଜାରରେ ବିକ୍ରି କରୁଥିବାର ଜଣାପଡ଼ିଛି । **କାବେରୀ ମେହେନ୍ଦି କୋନ୍‌ର ଏକମାତ୍ର** ବିନିର୍ମାଣ ୟୁନିଟ୍ ସୋଜତ୍ ରାଜସ୍ଥାନରେ ଅବସ୍ଥିତ ଆଉ କେଉଁଠି ନାହିଁ ।

ତେଣୁ ସର୍ବସାଧାରଣଙ୍କୁ **ଭେଲନିକ୍ ଇଣ୍ଡିଆ ଲିମିଟେଡ୍ କାବେରୀ ମେହେନ୍ଦି କୋନ୍** ଦ୍ୱାରା ଏହି ପ୍ରକାଶନ ମାଧ୍ୟମରେ ସୂଚିତ କରାଯାଉଛି ଯେ, ଏପରି ଅବୈଧ ବିକ୍ରିରେ ଲିପ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବିହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅତୀତରେ ମଧ, ଅନେକ ରାଜ୍ୟରେ ଏହିଭଳି ଭାବେ ନକଲି କୋନ୍ ବିକ୍ରି କରୁଥିବା ଲୋକମାନଙ୍କ ବିରୁଦ୍ଧରେ **ଭେଲନିକ୍ ଇଣ୍ଡିଆ ଲିମିଟେଡ୍ କାବେରୀ ମେହେନ୍ଦି କୋନ୍** ଦ୍ୱାରା କଠୋର କାର୍ଯ୍ୟାନୁଷ୍ଠାନ କରାଯିବା ସହିତ କୋଟି କୋଟି ଟଙ୍କାର ଜରିମାନା ମଧ ଲାଗୁ କରାଯାଇସାରିଛି । ଭବିଷ୍ୟତରେ ମଧ କେହି ଏଭଳି ନକଲି ବିକ୍ରି କରୁଥିବା ବେଳେ ଧରାପଡ଼ିଲେ ତାଙ୍କ ବିରୁଦ୍ଧରେ କମ୍ପାନୀ ଦ୍ୱାରା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଦ୍ରଷ୍ଟବ୍ୟ** - ସମସ୍ତଙ୍କୁ ସୂଚିତ କରାଯାଉଛି ଯେ, ଯଦି ଆପଣଙ୍କ ଆଖପାଖ ଅଞ୍ଚଳରେ କେହି ଏଭଳି ନକଲି **କାବେରୀ ମେହେନ୍ଦି କୋନ୍** ବିକ୍ରି କରୁଥିବାର ସୂଚନା ଥାଏ, ତେବେ ତାହାର ସୂଚନା ଦେଇଥିବା ବ୍ୟକ୍ତିଙ୍କୁ କମ୍ପାନୀ ଦ୍ୱାରା ଉଚିତ ପୁରସ୍କାର ମଧ ଦିଆଯିବ । ଅବୈଧ ବିକ୍ରିର ସୂଚନା ଦେବା ପାଇଁ **0731-6669000**ରେ ଯୋଗାଯୋଗ କରନ୍ତୁ ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ